


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-07 WEDNESDAY 01 JULY 2026 PAGE-12 ₹ 7.00 | PANIKOILI | ବର୍ଷ-୪୪ ସଂଖ୍ୟା-୦୭ ବୁଧବାର ୦୧ ଜୁଲାଇ ୨୦୨୬ ପୃଷ୍ଠା-୧୨ ଟ.୭.୦୦



ADMISSION OPEN FOR NEET 2026 -27

# TETRAHEDRON ACADEMY PRIVATE LIMITED

Tangi, Cuttack-754022

: 8093064522, 8093064525, 8093064500

Mentor Trideb Sir :7008222977

## We are expecting 150 MBBS Admissions in 2026



653 DIBYA RANJAN, JAJPUR, M. : 9692036713
648 SIBA SANKAR, BALESWAR, M. : 6371756580
647 SUSHREE PRIYANKA, DHENKANAL, M. : 9777153555
645 ADITYA, JAGATSINGHPUR, M. : 9937769733
635 BISWABID, JAJPUR, M. : 9558959879
635 SHUBHAM, BALESWAR, M. : 9123066603
631 ADYASHA, CUTTACK, M. : 8249136458
630 JYOTI PRAKASH, BALESWAR, M. : 9040026074
620 SANDEEP KU., KEONJHAR, M. : 7749823914
620 SAI PRAKASH, JAGATSINGHPUR, M. : 9777090684
616 BIKASH, PURI, M. : 9139254073



616 SUSHREE SAMIKHYA, JAJPUR, M. : 7205422843
615 DIBYAJYOTI, CUTTACK, M. : 9778171571
612 ABINASH, JAGATSINGHPUR, M. : 9853385091
607 SOUMYA RANJAN, DHENKANAL, M. : 9437809042
607 MANORANJAN, KENDRAPARA, M. : 9556233735
605 PRASANTA KU., CUTTACK, M. : 9937898486
605 PRIYANSU PRITAM, JAJPUR, M. : 7008399671
603 PRANESH, BARIPADA, M. : 9439093446
602 AMIYADEEP, KENDRAPARA, M. : 9692308132
601 BISWARUPA, KENDRAPARA, M. : 6371780995
591 RIDHIRANI, ANGUL, M. : 7008146953



590 ADARSH AMLAN, CUTTACK, M. : 9861012314
590 DEBA PRASAD, BALESWAR, M. : 9040165239
590 SASWAT SWAYANSHU, DHENKANAL, M. : 7077762559
587 RAJESH, BALESWAR, M. : 8457895059
587 SMRUTI RANJAN, JAJPUR, M. : 8018868766
586 PRAKASH, CUTTACK, M. : 8260761144
585 SUBHASHREE, CUTTACK, M. : 9937339439
582 BHARAT KU., BOUDH, M. : 7749022783
582 RAJESH, KENDAPARA, M. : 8260397534
580 RAMAKRUSHNA, ANGUL, M. : 7684000422
580 TARINI PRASAD, KENDRAPARA, M. : 8455886194

& Many More .....

## OUR INCREDIBLE ACHIEVERS IN AIIMS



710 AIIMS BBSR(2024) KAMALAKANTA Mob. : 8249906661
700 AIIMS RAIPUR(2024) RAHUL M. : 6372741832
697 AIIMS DELHI (2021) SUSHREE SANGITA Mob. : 9810975701
695 AIIMS GORAKHPUR(2024) OMM PRAKASH M. : 6372521307
695 AIIMS GORAKHPUR(2024) SWAGATIKA M. : 7381845430



680 AIIMS BBSR(2021) DEVASIS SAHOO Mob. : 9861492793
675 AIIMS GORAKHPUR(2023) ASHIRBAD BISWAL Mob. : 7846821473
670 AIIMS KALYANI (2023) ANUPAM NAYAK Mob. : 7205755502
670 AIIMS MADURAI(2024) ADITYA NARAYAN M. : 8260333635
665 AIIMS RAIPUR(2022) SATYAJIT NAYAK Mob. : 8260601336



590 AIIMS KALYANI(2025) SOURAV RANJAN Mob. : 9337135920
585 AIIMS KALYANI(2025) AMIT ANSUMAN Mob. : 8260552053
578 AIIMS KALYANI(2025) G.S. TANISHA Mob. :6370203229
575 AIIMS DEOGHAR(2025) SOUMYA RANJAN Mob. : 9853490176
574 AIIMS BBSR (2025) ASHUTOSH (SC) Mob. : 9438110102

2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS

## OUR CHSE RESULTS -2026

| Above 98% | Above 95% | Above 560 | Above 90% | Above 89% | Above 88% |
|---|---|---|---|---|---|
| 13 STUDENTS | 95 STUDENTS | 163 STUDENTS | 315 STUDENTS | 367 STUDENTS | 412 STUDENTS |

| Above 85% | Above 80% | Above 75% | Above 70% | Above 60% |
|---|---|---|---|---|
| 558 STUDENTS | 774 STUDENTS | 948 STUDENTS | 1066 STUDENTS | 1144 STUDENTS |

## OUR CHSE RESULTS -2025

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

## OUR FACULTIES

### DEPT. OF PHYSICS :

Mr. Maheswar Parida (MP Sir) : (43 Yrs. Experience)
Mr. Milan Kumar Samal (Milan Sir) : (35 Yrs. Experience)
Mr. Samal Sir : (30 Yrs. Experience)
Mr. Manas Mishra (MM Sir) : (28 Yrs. Experience)
Mr. Suman Ku. Sharma (SK Sir : (16 Yrs. Experience)
Mr. Sangram Sahoo (SS Sir) : (15 Yrs. Experience)
Mr. Rahul Singh (RS Sir) : (11 Yrs. Experience)

### DEPT. OF BOTANY :

Mr. Amitav Behera (AB Sir) : (28 Yrs. Experience)
Mr. Manas Kumar (MK Sir) : (28 Yrs. Experience)

### DEPT. OF CHEMISTRY :

Dr. Kailash Chandra Rout (KR Sir) : (40 Yrs. Experience)
Dr. Baikuntha Narayan Dash (BN Sir): (39 Yrs. Experience)
Mr. Tridib Behera (CH Sir) : (26 Yrs. Experience)
Mr. Bhagirathi Mallick (BM Sir) : (40 Yrs. Experience)
Dr. Ashok Kumar Roul (AKR Sir) : (37 Yrs. Experience)
Mr. Keshab Chandra Nath(KN Sir) : (18 Yrs. Experience)
Dr. Ranjit Kumar Kesh (RK Sir) : (12 Yrs. Experience)
Mr. Padarbinda Mantri (PM Sir) : (11 Yrs. Experience)

### DEPT. OF ZOOLOGY :

Dr. Kamalakanta Sahoo (KK Sir) : (40 Yrs. Experience)
Mr. Akshya Ku. Mohanty (AS Sir) : 40 Yrs. Experience)
Mrs. Manorama Sahu (MS Ma'am) : 12 Yrs. Experience)

- We give maximum emphasis on physics and chemistry
- We teach our students from the concept level to higher level.
- Maximum problem solving approach on each subject in the class room.
- Doubt clearing classes by expert faculties from 3p.m. to 9p.m.
- 100% monitoring on Self Study of students.
- Special scholarship for very very poor talented students.
- Special Scholarship for SC and ST students.
- Special discount for OAV & Navodaya Students

- ONE YEAR NEET COURSE STARTS ON 02ND JULY , 09TH JULY & 16TH JULY -2026
- The NEET Qualifying Test will be held on 28TH JUNE, 05TH JULY & 12TH JULY 2026
- The Exam will be conducted from 1:00 p.m. to 4:00 p.m. (Reporting Time : 12:00 noon)

### Name of the Exam Centre :

TETRAHEDRON OLD CAMPUS,TANGI, CUTTACK,MOB. : 8093064525, 8093064500, 8093064522
TETRAHEDRON COACHING, ARUNODAYA NAGAR, CUTTACK, MOB. : 8093064572, 8093064508

Visit our Website : NEET : www.tetrahedroncoaching.com

## ଉଦ୍ଧବଙ୍କୁ ପୁଣି ଝଟ୍‌କା: ସିନ୍ଦେ ଶିବିରରେ ସାମିଲ ହେଲେ ସଚିନ ଅହିର

ମୁମ୍ବାଇ, ୩୦।୬(ଏଜେନ୍ସି): ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)କୁ ମଙ୍ଗଳବାର ପୁଣି ଏକ ବଡ଼ ଧକ୍କା ଲାଗିଛି। ଦଳର ବରିଷ୍ଠ ନେତା ତଥା ଆଦିତ୍ୟ ଠାକରେଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ସଚିନ ଅହିର ଆଜି ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇଛନ୍ତି। ଶାସକ ମହାୟୁତି ମେଣ୍ଟର ପ୍ରାର୍ଥୀ ଭାବେ ଏମ୍‌ଏଲ୍‌ସି ଉପାଧ୍ୟକ୍ଷ ପଦ ପାଇଁ ସେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ସୁନେତ୍ରା ପାୱାରଙ୍କ ଉପସ୍ଥିତିରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୨୦୨୨ରେ ଶିବସେନା ବିଭାଜନ ପରେ ମଧ୍ୟ ଅହିର ଉଦ୍ଧବ ଠାକରେଙ୍କ ସହିତ ରହିଥିଲେ। ତାଙ୍କର ଏହି ହଠାତ୍ ଦଳ ପରିବର୍ତ୍ତନ ସମସ୍ତଙ୍କୁ ଚକିତ କରିଛି। ଉଦ୍ଧବ ସେନାର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଶିନ୍ଦେଙ୍କ ଦଳରେ ଯୋଗ ଦେବାର ମାତ୍ର କିଛି ଦିନ ପରେ ଏହି ଘଟଣା ଘଟିଛି। ସଚିନ ମୁମ୍ବାଇ ରାଜନୀତିର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ। ସେ ପୂର୍ବରୁ ୱର୍ଲି ଆସନରୁ ବିଧାୟକ ରହିବା ସହ ଏନ୍‌ସିପିର ମୁମ୍ବାଇ ୟୁନିଟ୍ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଅବିଭକ୍ତ ଶିବସେନାରେ ଯୋଗ ଦେଇଥିଲେ। ମୁମ୍ବାଇର ମିଲ୍ ଶ୍ରମିକମାନଙ୍କ ମଧ୍ୟରେ ଜଣେ ପ୍ରମୁଖ ନେତା ଭାବେ ତାଙ୍କର ବେଶ୍ ଜନପ୍ରିୟତା ରହିଛି। ୨୦୧୯ ଏବଂ ୨୦୨୪ ବିଧାନସଭା ନିର୍ବାଚନରେ ଆଦିତ୍ୟ ଠାକରେଙ୍କ ବିଜୟ ସୁନିଶ୍ଚିତ କରିବାରେ ସଚିନ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଉଦ୍ଧବ ଶିବିରର ବିଧାୟକ ସୁନୀଲ ରାଉତ ଏହି ଘଟଣାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଦଳ ପୂର୍ବରୁ ଅନେକ ଶକ୍ତ ଧକ୍କା ସହିଛି। ଏଥିରେ ଦଳ ଶେଷ ହୋଇଯିବ ନାହିଁ।

## ପାକିସ୍ତାନରେ ଭାଙ୍ଗିଲା ୧୨୫ ବର୍ଷର ଐତିହାସିକ ଶିଖ୍ ଗୁରୁଦ୍ୱାରା

ଫାରୁକାବାଦ, ୩୦।୬(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ୧୨୫ ବର୍ଷର ପୁରାତନ ଐତିହାସିକ ଶିଖ୍ ଗୁରୁଦ୍ୱାରକୁ ଆଂଶିକ ଭାବେ ଭାଙ୍ଗି ଦିଆଯିବା ଘଟଣାକୁ ନେଇ ଶିଖ୍ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି। ଫାରୁକାବାଦ ସ୍ଥିତ ଗୁରୁଦ୍ୱାର ଶ୍ରୀ ସିଂ ସଭାରେ ଗତ ଜୁନ୍ ୨୬ରେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ପ୍ରଶାସନର କିଛି ଅଧିକାରୀଙ୍କ ସହାୟତାରେ ଭୂ-ମାଫିଆମାନେ ଏହି ସଂରକ୍ଷିତ ଐତିହ୍ୟ ସ୍ଥଳକୁ ଜବରଦଖଲ କରିବା ଉଦ୍ଦେଶ୍ୟରେ ଏହାର ମୁଖ୍ୟ ଗମ୍ବୁଜ ସମେତ କିଛି ଅଂଶ ଭାଙ୍ଗି ଦେଇଛନ୍ତି। ଶିଖ୍ କର୍ମକର୍ତ୍ତା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ପରେ ସ୍ଥାନୀୟ ପ୍ରଶାସନ ଏହି ସ୍ଥଳକୁ ସିଲ୍ କରିଛି ଏବଂ ସମସ୍ତ ନିର୍ମାଣ ତଥା ଭଙ୍ଗାରୁଜା କାର୍ଯ୍ୟକୁ ସ୍ଥଗିତ ରଖିଛି। ପ୍ରଶାସନ ଏହି ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରୁଛି। ଗୁରୁଦ୍ୱାର ଶ୍ରୀ ସିଂ ସଭା ଏକ ସଂରକ୍ଷିତ ଐତିହ୍ୟ ସ୍ଥଳ ଭାବେ ସ୍ୱୀକୃତିପ୍ରାପ୍ତ। ୧୯୬୦ରେ ପାକିସ୍ତାନ ସରକାର ଏହି ସ୍ଥାନକୁ ଭାରତରୁ ଆସିଥିବା ଶରଣାର୍ଥୀଙ୍କୁ ରହିବା ପାଇଁ ଆବଣ୍ଟନ କରିଥିଲେ। ସର୍ତ୍ତ ଥିଲା ଯେ ମୂଳ ସଂରଚନାରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ବର୍ତ୍ତମାନର ଭଙ୍ଗାରୁଜା ଏହି ନିୟମର ସ୍ପଷ୍ଟ ଉଲ୍ଲଂଘନ ବୋଲି ସଂରକ୍ଷଣ ବିଶେଷଜ୍ଞମାନେ କହିଛନ୍ତି। ଶିଖ୍ ସଂଗଠନଗୁଡ଼ିକ ଏଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ ଏବଂ ପାକିସ୍ତାନ ଶିଖ୍ ଗୁରୁଦ୍ୱାର ପ୍ରବନ୍ଧକ କମିଟି ଉପରେ ଅବହେଳାର ଅଭିଯୋଗ ଆଣିଛନ୍ତି।

## ରାମ ମନ୍ଦିର ଦାନ ଚୋରି ମାମଲା: ୧୫ ହଜାର ଦରମାରେ ୨୫ ଲକ୍ଷ ଟଙ୍କାର ଜମି

ଅଯୋଧ୍ୟା, ୩୦।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲା ଦେଶରେ ହଇଚଇ ସୃଷ୍ଟି କରିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ଦୁର୍ନୀତି ଭକ୍ତଙ୍କ ମନରେ ଆଘାତ ଦେବା ସହ ଆକ୍ରୋଶ ସୃଷ୍ଟି କରିଛି। ଏହି ଦୁର୍ନୀତିର ତଦନ୍ତ ଚାଲିଥିବା ବେଳେ ଧିରେ ଧିରେ ଅନେକ ଗୁମର ଖୋଲିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମନ୍ଦିରରେ ଟଙ୍କା ଗଣିବା କାର୍ଯ୍ୟରେ ନିୟୋଜିତ ଥିବା ସାମାନ୍ୟ କର୍ମଚାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ମାତ୍ର ୧୨, ୦୦୦ ରୁ ୧୫, ୦୦୦ ଟଙ୍କା ମାସିକ ଦରମା ପାଉଥିବା କର୍ମଚାରୀମାନେ କିପରି କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କଲେ, ତାହା ଏବେ ତଦନ୍ତକାରୀ ସଂସ୍ଥା ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ର (୨୭) ମନ୍ଦିରର ନଗଦ ଟଙ୍କା ଗଣିବା ଦଳର ଏକ ସାଧାରଣ ସଦସ୍ୟ ଥିଲେ। ମାତ୍ର ତାଙ୍କର ଅଯୋଧ୍ୟା-ଲକ୍ଷ୍ନୌ ହାଇୱେ ନିକଟରେ ପ୍ରାୟ ୨୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ ହେଉଥିବା ଜଣାପଡ଼ିଛି। ମନ୍ଦିର ଟ୍ରଷ୍ଟରେ ଯୋଗ ଦେବାର ମାତ୍ର ଏକ ବର୍ଷ ମଧ୍ୟରେ ସେ ନିଜ ପତ୍ନୀଙ୍କ ନାମରେ ୮.୮ ଲକ୍ଷ ଟଙ୍କାର ଜମି କିଣିବା ସହ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଚଢ଼ଉ ସମୟରେ ଲବକୁଶଙ୍କ ପୈତୃକ ଗ୍ରାମ ମିଲ୍କିପୁରରେ ଥିବା ଘରୁ ଗୋବର ଗଦା ତଳୁ ୧୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ୨୦ ବର୍ଷୀୟ ଅନୁକଳ୍ପ ମିଶ୍ରଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି। ସେ ନିଜ ଗାଁ ବାହାରେ ପ୍ରାୟ ୬୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଫାର୍ମହାଉସ୍ ନିର୍ମାଣ କରିଛନ୍ତି। ଏହା ବ୍ୟତୀତ ତାଙ୍କ ପାଖରେ ୧ ଲକ୍ଷ ଟଙ୍କାର ବାଇକ୍ ଥିବା ବେଳେ ନିକଟରେ ସେ ଏକ ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ବୁକିଂ କରିଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଉଭୟ ଲବକୁଶ ଏବଂ ଅନୁକଳ୍ପଙ୍କ ପରିବାର ବେଶ୍ କଷ୍ଟେମଷ୍ଟେ ଚଳୁଥିବା ସେମାନଙ୍କ ଚିହ୍ନା ଲୋକମାନେ କହିଛନ୍ତି। ଏପରିକି ଲବକୁଶଙ୍କ ପଡ଼ୋଶୀ କହିଛନ୍ତି ଯେ, 'ସେମାନଙ୍କ ଜୀବନଶୈଳୀରୁ, ଏହା କେବେ ଜଣାପଡ଼ିନଥିଲା ଯେ ସେମାନଙ୍କର ଏତେ ଟଙ୍କା ଅଛି'। ତେବେ ଉଭୟ ଗତ ଏକ ବର୍ଷ ମଧ୍ୟରେ ଅସ୍ୱାଭାବିକ ଭାବେ ସମ୍ପତ୍ତି ଠୁଳ କରିଛନ୍ତି।

## ପେଟ୍ରୋକେମିକାଲ୍ସ ପ୍ଲାଣ୍ଟ ଅଗ୍ନିକାଣ୍ଡରେ ଜଣେ ମୃତ, ୩୫ ଆହତ

ହଳଦିଆ, ୩୦।୬(ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବ ମେଦିନୀ ପୁରରେ ହଳଦିଆ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟରେ ମଙ୍ଗଳବାର ଭୋରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ଅତିକମରେ ୩୫ ଜଣ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ଆହତ ହୋଇଛନ୍ତି। ନାଫଥା ପାଇପଲାଇନ ଫାଟିଯିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହା ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭୋର ପ୍ରାୟ ୪.୩୦ରେ ବଜ୍ରପାତ ହୋଇଥିଲା। ପରେ ନାଫଥା ପାଇପଲାଇନରେ ଲିକେଜ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା ଦେଖିବାକୁ ମିଳିଥିଲା। କିଛି ସମୟ ମଧ୍ୟରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ପୁରା ପ୍ଲାଣ୍ଟ ପରିସରକୁ ନିଆଁ ବ୍ୟାପିଯାଇଥିଲା। ଦୁର୍ଘଟଣା ସମୟରେ ଅନେକ ଲୋକ କାମକୁ ଯିବା ପାଇଁ ବାହାରକୁ ଆସିଥିବା ବେଳେ ସେମାନେ ନିଆଁର କବଳରେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ମନୁ ବିବି ନାମକ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାୟ ୩୫ ଜଣ ବ୍ୟକ୍ତି ପୋଡ଼ି ହୋଇ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ହଳଦିଆ ସବ୍-ଡିଭିଜନାଲ୍ ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବା ୫ ଜଣ ଗୁରୁତରଙ୍କୁ 'ଗ୍ରୀନ୍ କରିଡର' ମାଧ୍ୟମରେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ଓ ପାଇପଲାଇନ ବିସ୍ଫୋରଣ ଯୋଗୁଁ ହଳଦିଆ ଏବଂ ଦୁର୍ଗାଚକ ମଧ୍ୟରେ ଟ୍ରେନ୍ ସେବା ବନ୍ଦ ରହିଛି। ହଳଦିଆ-ହାୱଡ଼ା ଲୋକାଲ ବାତିଲ କରାଯାଇଛି।

## ୨୨୦ ଫୁଟ୍ ବୋରୱେଲ୍‌ରେ ଖସିପଡ଼ିଲା ୪ ବର୍ଷର ଶିଶୁ




ଅମ୍ବାଲା, ୩୦।୬(ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲା ଅନ୍ତର୍ଗତ ଧନୌରା ଗ୍ରାମରେ ମଙ୍ଗଳବାର ଏକ ୪ ବର୍ଷର ଶିଶୁ ୨୨୦ ଫୁଟ୍ ଗଭୀର ଏକ ଖୋଲା ବୋରୱେଲ୍ ମଧ୍ୟକୁ ଖସି ପଡ଼ିଛି। ଏହାପରେ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶିଶୁଟିର ନାମ ନିର୍ଭୟ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬.୩୦ରେ ନିର୍ଭୟ ତାଙ୍କ ପିତା ମନଜିତ୍‌ଙ୍କ ସହିତ ସେମାନଙ୍କ ଚାଷ ଜମିକୁ ଯାଇଥିଲେ। ସେଠାରେ ନିର୍ଭୟଙ୍କ ଜେଜେବାପା କର୍ଣ୍ଣେଲ ସିଂହ କାମ କରୁଥିଲେ। ପିତା ଓ ଜେଜେବାପା କାମରେ ବ୍ୟସ୍ତ ଥିବା ସମୟରେ ନିର୍ଭୟ ପାଖରେ ଖେଳୁଥିଲେ। ଖେଳୁ ଖେଳୁ ସେ ସେଠାରେ ଥିବା ଏକ ଖୋଲା ବୋରୱେଲ୍ ନିକଟକୁ ଚାଲିଯାଇଥିଲେ ଏବଂ ସେଥିରେ ମାଟି ପକାଇବାକୁ ଚେଷ୍ଟା କରିଥିଲେ। ବୋରୱେଲ୍ ଚାରିପାଖର ମାଟି ଓଦା ଏବଂ ପିଚ୍ଛିଳ ଥିବାରୁ ନିର୍ଭୟ ଭାରସାମ୍ୟ ହରାଇ ଉକ୍ତ ୯ ଇଞ୍ଚ ଚଉଡ଼ାର ସଂକୀର୍ଣ୍ଣ ଗାତ ଭିତରକୁ ଖସି ପଡ଼ିଥିଲେ। ଶିଶୁଟି ଗାତରେ ପଡ଼ିବା ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନକୁ ଖବର ଦିଆଯିବା ପରେ ସକାଳ ପ୍ରାୟ ୭.୩୦ ସୁଦ୍ଧା ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବର୍ତ୍ତମାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଭାରତୀୟ ସେନା ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଡେପୁଟି କମିଶନର ଅଜୟ ସିଂହ ତୋମାର ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବୋରୱେଲ୍ ମାତ୍ର ୯ ଇଞ୍ଚ ଚଉଡ଼ା ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇଛି। ଏହି ଘଟଣା ପୁଣି ଥରେ ଖୋଲା ବୋରୱେଲ୍‌ର ବିପଦକୁ ସାମ୍ନାକୁ ଆଣିଛି।

## ସ୍କୁଲ ବସ୍ ଉପରେ ଗଛ ପଡ଼ି ୧୧ ବର୍ଷୀୟ ଛାତ୍ର ମୃତ

ମୁମ୍ବାଇ, ୩୦।୬(ଏଜେନ୍ସି): ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ମଙ୍ଗଳବାର ଏକ ସ୍କୁଲ ବସ୍ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବା ଫଳରେ ଜଣେ ୧୧ ବର୍ଷୀୟ ଛାତ୍ରଙ୍କର ମୃତ୍ୟୁ ହୋଇଛି। ଏହାସହ ଅନ୍ୟ ୫ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ଅପରାହ୍ଣ ପ୍ରାୟ ୨.୫୦ରେ ପ୍ରାୟ ୧୮ ଜଣ ପିଲାଙ୍କୁ ନେଇ ତିଲକ ନଗର ସ୍ଥିତ ୟୁନିଭର୍ସାଲ ସ୍କୁଲ ବସ୍‌ଟି ଯାତ୍ରା କରୁଥିଲା। ଏହି ସମୟରେ ହଠାତ୍ ଗଛଟି ବସ୍ ଉପରେ ପଡ଼ିଯିବା ଫଳରେ ବସ୍‌ର ଏକ ଅଂଶ ସମ୍ପୂର୍ଣ୍ଣ ଭାବେ ଚାପି ହୋଇଯାଇଥିଲା। ଫଳରେ ଛାତ୍ରଛାତ୍ରୀ ମଧ୍ୟ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକ ଏବଂ ବସ୍ କଣ୍ଡକ୍ଟରଙ୍କ ସହାୟତାରେ ପିଲାମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରଙ୍କ ନାମ ବିହାନ ଶ୍ରୀବାସ୍ତବ ବୋଲି ଜଣାପଡ଼ିଛି। ତାଙ୍କୁ ଡାକ୍ତରଖାନା ଆଣିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି। ଆହତ ଅନ୍ୟ ୫ ଜଣ ଆହତ ଛାତ୍ରଙ୍କୁ ଚେମ୍ବୁରର ଜେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସ୍ଥିର ଥିବାବେଳେ ଜଣେ ଛାତ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାସ୍ଥଳରେ ମୁମ୍ବାଇ ପୁଲିସ ଏବଂ ବିଏମସିର ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ଗଛଟିକୁ ବସ୍ ଉପରୁ ହଟାଇବା ପାଇଁ ଏକ କ୍ରେନ୍ ସହାୟତା ନିଆଯାଇଥିଲା। ଗଛଟି କେଉଁ କାରଣରୁ ଉପୁଡ଼ିଲା, ସେ ନେଇ ଅଧିକାରୀମାନେ ଅଧିକ ତଦନ୍ତ ଚଳାଇଛନ୍ତି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

## ରାମ ମନ୍ଦିର ଚାନ୍ଦା ଚୋରି
# ଚମ୍ପତ ରାୟଙ୍କ ଅଡୁଆ ବଢ଼ିଲା

■ ଦୀର୍ଘ ସମୟ ଧରି ଜେରା କଲା ପୁଲିସ
■ ଚମ୍ପତଠାରୁ ଦୂରେଇଲା ବିଶ୍ୱ ହିନ୍ଦୁ ପରିଷଦ



ଅଯୋଧ୍ୟା, ୩୦।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରକୁ ମିଳିଥିବା ଦାନ ଅର୍ଥର ବ୍ୟାପକ ଚୋରି ଏବଂ ହେରଫେର ଅଭିଯୋଗକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖିଛି। ଟ୍ରଷ୍ଟରେ ଆର୍ଥିକ ଅନିୟମିତତା ଏବଂ କର୍ମକର୍ତ୍ତାଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ଚମ୍ପତ ରାୟ ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେହିଭଳି ବିଶେଷ ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ପ୍ରାଥମିକ ତଦନ୍ତ ରିପୋର୍ଟ ପରେ ବଢ଼ୁଥିବା ଚାପ ଯୋଗୁଁ ଟ୍ରଷ୍ଟି ଅନିଲ ମିଶ୍ର ମଧ୍ୟ ଇସ୍ତଫା ପ୍ରଦାନ କରିଛନ୍ତି। ଚାନ୍ଦା ଘୋଟାଲାକୁ ନେଇ ସନ୍ଦେହ ଘେରରେ ଥିବା ଚମ୍ପତ ରାୟଙ୍କୁ ଇତିମଧ୍ୟରେ ପୁଲିସ ଦୀର୍ଘ ସମୟ ଧରି ପଚରାଉଚରା କରିଥିବା ଜଣାପଡ଼ିଛି।

ଏକ ସାକ୍ଷାତକାରରେ ଭିଏଚ୍‌ପିର ଅନ୍ତର୍ଜାତୀୟ ସଭାପତି ଆଲୋକ କୁମାର ସ୍ପଷ୍ଟ କହିଛନ୍ତି ଯେ, 'ଆମର ଭୂମିକା ଶେଷ ହୋଇଛି। ଦେଶର କୌଣସି ସ୍ଥାନରେ ମନ୍ଦିର ନିର୍ମାଣ ବା ପରିଚାଳନା କରିବା ଭିଏଚ୍‌ପିର କାମ ନୁହେଁ। ଟ୍ରଷ୍ଟରେ ଯାହା ଘଟୁଛି, ସେଥିପାଇଁ ଟ୍ରଷ୍ଟ ହିଁ ଦାୟୀ ରହିବ।' ଚମ୍ପତ ରାୟ ଟ୍ରଷ୍ଟର ସାଧାରଣ ସମ୍ପାଦକ ଭାବେ ନେଇଥିବା ନିଷ୍ପତ୍ତି ପାଇଁ ଭିଏଚ୍‌ପି ଦାୟୀ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଯୋଧ୍ୟାରେ ଯାହା ଘଟିଛି ତାହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଏହାଦ୍ୱାରା ସାରା ବିଶ୍ୱର ହିନ୍ଦୁ, ଦାନ ଦେଇଥିବା ଶ୍ରଦ୍ଧାଳୁ ଏବଂ କରସେବକଙ୍କ ପରିବାର ଗଭୀର ଭାବେ ମାନସିକ ଆଘାତ ପ୍ରାପ୍ତ ହୋଇଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଦାନ ହେରଫେର ମାମଲାରେ ବର୍ତ୍ତମାନ ସୁଦ୍ଧା ଅବିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର ଏବଂ ଲବକୁଶ ମିଶ୍ରଙ୍କ ସମେତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଟି ବର୍ତ୍ତମାନ ବ୍ୟାପକ ତଦନ୍ତ ଜାରି ରଖିଛି। ଟ୍ରଷ୍ଟ ଏବଂ ଅଭିଯୁକ୍ତଙ୍କ ସହ ଜଡ଼ିତ ଗତ ୫ ବର୍ଷର ବ୍ୟାଙ୍କ ରେକର୍ଡ ଯାଞ୍ଚ କରାଯାଉଛି। ଜମା ରାଶି, କାରବାରର ଇତିହାସ ଏବଂ ନଗଦ ଅର୍ଥର ଗତିବିଧିକୁ ଅନୁଧ୍ୟାନ କରାଯାଉଛି। ସିସିଟିଭି ଫୁଟେଜ୍ ଏବଂ ଆଭ୍ୟନ୍ତରୀଣ ରେକର୍ଡକୁ ଯାଞ୍ଚ କରି ଦାନ କରାଯାଇଥିବା ଅର୍ଥ ସହ ସରକାରୀ ରେକର୍ଡ ମେଳ କରାଯାଉଛି। ଆଲୋକ କୁମାର ଦାବି କରିଛନ୍ତି ଯେ, ଏହି ତଦନ୍ତ କେବଳ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ସୀମିତ ନରହି ଚମ୍ପତ ରାୟ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ମଧ୍ୟ ହେବା ଉଚିତ।

## ଏସ୍‌ଆଇଆର୍ ପ୍ରସଙ୍ଗରେ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଲେ ୨୩ଟି ଦଳ

ନୂଆଦିଲ୍ଲୀ, ୩୦।୬: ବିବାଦୀୟ ସ୍ୱତନ୍ତ୍ର ।।ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରସଙ୍ଗରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଚିଠି ଲେଖଇଛନ୍ତି ୨୩ଟି ବିରୋଧୀ ଦଳ। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିବା ସହିତ କୋର୍ଟଙ୍କ ହସ୍ତକ୍ଷେପ ଦାବି କରିଥିବା ଜଣାପଡ଼ିଛି।

କଂଗ୍ରେସ ମୁଖପାତ୍ର ଜୟରାମ ରମେଶ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଡିଏମକେ ଏବଂ ଆପ୍ ସହିତ ଇଣ୍ଡିଆ ମେଣ୍ଟର ୨୧ଟି ଦଳ ତରଫରୁ ଏହି ଚିଠି ଲେଖାଯାଇଛି। ଗତ ଜୁନ ୮ ତାରିଖରେ ଇଣ୍ଡିଆ ମେଣ୍ଟ ବୈଠକରେ ଏସଂପର୍କରେ ନିଷ୍ପତ୍ତି ହୋଇଥିଲା। ସେହି ବୈଠକରେ ଡିଏମକେ ଏବଂ ଆପ୍ ଯୋଗ ଦେଇନଥିଲେ ମଧ୍ୟ ସେମାନେ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଦୁଇ ଦଳ ଇଣ୍ଡିଆ ମେଣ୍ଟର ଅଂଶୀଦାର ନୁହନ୍ତି। ତାମିଲନାଡୁରେ ବିଜୟଙ୍କ ଟିଭିକେ ଦଳ ସହ କଂଗ୍ରେସ ହାତ ମିଳାଇବାରୁ ଏଥିରେ ବିରକ୍ତି ପ୍ରକାଶ କରି ଇଣ୍ଡିଆ ମେଣ୍ଟରୁ ବାହାରି ଯାଇଥିଲା ଷ୍ଟାଲିନଙ୍କ ଡିଏମକେ। ତେବେ ଏସଆଇଆର ପ୍ରସଙ୍ଗରେ ସେମାନେ ଅନ୍ୟ ଦଳ ସହିତ ଏକମତ ବୋଲି ସ୍ପଷ୍ଟ କରିଛନ୍ତି। ୨୩ଟି ରାଜନୈତିକ ଦଳ ସହିତ ସ୍ୱାଧୀନ ସାଂସଦ ତଥା ବିଶିଷ୍ଟ ଆଇନଜୀବୀ କପିଲ ଶିବଲ ମଧ୍ୟ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି।

ପତ୍ରରେ କଣ ଲେଖାଯାଇଛି, ତାହାର ବିସ୍ତୃତ ବିବରଣୀ ହସ୍ତଗତ ହୋଇନାହିଁ। ତେବେ ଏସଆଇଆର ପ୍ରକ୍ରିୟାରେ ଚାଲିଥିବା ଅନିୟମିତତା ନେଇ ସେମାନେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥିରେ ସୁପ୍ରିମ କୋର୍ଟ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏଥିରେ ଟାର୍ଗେଟ କରାଯାଉଥିବା ପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗତବର୍ଷ ବିହାରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସଂପନ୍ନ ହୋଇଛି। ଏଥିରେ ୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ଗତ ଏପ୍ରିଲରେ ପଶ୍ଚିମ ବଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୨୭ ଲକ୍ଷ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରାଯାଇଥିଲା। ସେମାନଙ୍କର ଅପିଲ ଏବେ ବି ବିଭିନ୍ନ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି। ବିଚାର ପ୍ରକ୍ରିୟାକୁ ଜାଣିଶୁଣି ମନ୍ଥର କରାଯାଉଥିବା ଅଭିଯୋଗ ହୋଇଛି।

## ଆମ ପାଣି ବନ୍ଦ କଲେ ହାତ କାଟି ଦେବୁ: ପାକ୍ ଧମକ

ଇସଲାମାବାଦ, ୩୦।୬(ଏଜେନ୍ସି): ସିନ୍ଧୁ ଜଳ ବଣ୍ଟନକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଲାଗି ରହିଛି। ଏନେଇ ପାକିସ୍ତାନ ଭାରତକୁ ବାରମ୍ବାର ଧମକ ଦେଇଆସିଛି। ଏହି ପରିପ୍ରେକ୍ଷୀରେ ଆଜି ପୁଣି ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ ମଲିକ ଭାରତକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନର ଜଳ ଯୋଗାଣକୁ ରୋକିଲେ, ଇସଲାମାବାଦ ସେମାନଙ୍କ 'ହାତ କାଟି ଦେବ'। ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମଲିକ ଅଭିଯୋଗ କରିଛନ୍ତି ଯେ ଭାରତ ପାକିସ୍ତାନର ଜଳ ଯୋଗାଣକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ସେ କହିଛନ୍ତି, 'ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଏକ ଟ୍ୟାପ୍ (କଳ)ର ନିୟନ୍ତ୍ରଣ ନିଜ ହାତରେ ରଖି ପାକିସ୍ତାନକୁ ବୁନ୍ଦାଏ ଜଳ ମଧ୍ୟ ଛାଡିବେ ନାହିଁ କହୁଛନ୍ତି'। ମଲିକ ଦୋହରାଇଛନ୍ତି ଯେ ପାକିସ୍ତାନ ନିଜର ଜଳ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧ ଏବଂ ଭାରତକୁ ଜଳ ପ୍ରବାହରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ୨୦୨୫ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଭାରତର ଯୁକ୍ତି ହେଉଛି ଯେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଜାରି ରହିଥିବା ବେଳେ ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ଅନ୍ୟପଟେ, ପାକିସ୍ତାନର ସୂଚନା ମନ୍ତ୍ରୀ ତାରାର ଦାବି କରିଛନ୍ତି।

## ସିୟାଙ୍କୁ ନେଇ ସନ୍ଦେହରେ ଥିଲେ କେତନ ଅଗ୍ରୱାଲ



ପୁଣେ, ୩୦।୬(ଏଜେନ୍ସି): ମହାରାଷ୍ଟ୍ରର ଲୋହଗଡ଼ ଦୁର୍ଗରେ ପୁଣେ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲାରେ ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କେତନଙ୍କୁ ନିଜ ଭାବି ପତ୍ନୀ ସିୟା ଗୋୟଲଙ୍କ ଚରିତ୍ର ଉପରେ ସନ୍ଦେହ ଥିଲା ଏବଂ ସେ ସିୟାଙ୍କର ଅନ୍ୟ କାହା ସହ ପ୍ରେମ ସମ୍ପର୍କ ଥିବା ନେଇ ନିଜ ପରିବାର ସହିତ ଆଲୋଚନା ମଧ୍ୟ କରିଥିଲେ। ପୁଲିସର ସୂଚନା ଅନୁଯାୟୀ, କେତନ ଏବଂ ସିୟାଙ୍କ ମଧ୍ୟରେ ଚଳିତ ବର୍ଷ ଫେବୃଆରୀରେ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା ଏବଂ ଆସନ୍ତା ନଭେମ୍ବରରେ ସେମାନଙ୍କର ବିବାହ ସ୍ଥିର ହୋଇଥିଲା। ତେବେ କେତନ ନିଜ ପରିବାର ସଦସ୍ୟଙ୍କୁ ସିୟାଙ୍କର ଚେତନ ଚୌଧୁରୀ ନାମକ ଜଣେ ଯୁବକଙ୍କ ସହ ନିବିଡ଼ ସମ୍ପର୍କ ରହିଛି ବୋଲି ଅବଗତ କରିଥିଲେ। ଏପରିକି କେତନ ବିବାହ ସ୍ଥିର କରିବା ପୂର୍ବରୁ ସିୟାଙ୍କର ପୃଷ୍ଠଭୂମି ଯାଞ୍ଚ କରାଯାଇଛି କି ନାହିଁ ବୋଲି ବାରମ୍ବାର ପରିବାରକୁ ପ୍ରଶ୍ନ କରିଥିଲେ। ସିୟା ଫୋନ୍‌ରେ ସବୁବେଳେ ବ୍ୟସ୍ତ ରହୁଥିବା ଏବଂ କଥାବାର୍ତ୍ତା ବେଳେ ପ୍ରାୟତଃ ଚେତନଙ୍କ ନାମ ନେଉଥିବା କଥା ମଧ୍ୟ ସେ ପରିବାରକୁ କହିଥିଲେ।

ଜୁନ୍ ୧୮ରେ ସିୟା ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି କେତନଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ସିୟା ଗୋୟଲ ଏବଂ ଚେତନ ଚୌଧୁରୀଙ୍କୁ ଗିରଫ କରିଛି। କୋର୍ଟ ସେମାନଙ୍କୁ ଜୁଲାଇ ୩ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇଛନ୍ତି। କେତନଙ୍କ ପିତା ବିଶାଳ ଅଗ୍ରୱାଲଙ୍କ ଅଭିଯୋଗ ଅନୁଯାୟୀ, ସିୟା ପୂର୍ବରୁ ବାଲି ଯିବାର ଏକ ଯୋଜନାକୁ ମଧ୍ୟ ଜାଣିଶୁଣି ବାତିଲ କରିଥିଲେ ଏବଂ ସବୁବେଳେ ଛୋଟ ଛୋଟ କଥାରେ କେତନଙ୍କ ସହ ଝଗଡ଼ା କରୁଥିଲେ। ପୁଲିସ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି। ଏହାସହ ଅପରାଧ ସ୍ଥଳରେ କ୍ରାଇମ ସିନ ରିକ୍ରିଏସନ୍ କରି ଅଧିକ ତଦନ୍ତ ଚଳାଇଛି।

କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଓକିଲ ବୋଲି ଦାବି କରୁଥିବା ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ, ସିୟାଙ୍କ ଭାଇ ସାହିଲ ଗୋୟଲଙ୍କ ବିରୋଧରେ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି। ଏକ ସାକ୍ଷାତକାରରେ ସାହିଲ କହିଥିଲେ ଯେ, ଗୋୟଲ ପରିବାର ପକ୍ଷରୁ ଆଶୁତୋଷ ଶ୍ରୀବାସ୍ତବଙ୍କୁ ନିଯୁକ୍ତ କରାଯାଇ ନାହିଁ। ସେ ଅଭିଯୋଗ କରିଥିଲେ ଯେ ଶ୍ରୀବାସ୍ତବ ହୁଏତ ପ୍ରତାରଣା କରି ସିୟାଙ୍କଠାରୁ କେତେକ ଆଇନଗତ ଦଲିଲରେ ସ୍ୱାକ୍ଷର କରାଇ ନେଇଥାଇ ପାରନ୍ତି ଏବଂ ପରିବାରକୁ ଧମକ ଦେଉଛନ୍ତି।

## ଇଥାନଲ୍ ମିଶ୍ରଣ ଏକ ପରୀକ୍ଷା, ଫଳାଫଳ ଆସନ୍ତାବର୍ଷକୁ

ନୂଆଦିଲ୍ଲୀ,୩୦।୬(ଏଜେନ୍ସି):ଭାରତ ୨୦୨୫ରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିଛି, ନିର୍ଦ୍ଧାରିତ ସମୟର ୫ ବର୍ଷ ପୂର୍ବରୁ ଏହା ହୋଇଛି। ହେଲେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଚଳିତବର୍ଷ ଏପ୍ରିଲ ପହିଲାରୁ ସାରା ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ସୂଚନା ଦେଇଛନ୍ତି ଯେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ପାଇଁ ପରୀକ୍ଷଣ ଚାଲିଛି। ଏହାର ଫଳାଫଳ ଆସନ୍ତା ବର୍ଷ ଆସିଯିବ ବୋଲି ସରକାର କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଦେଶରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ଯୋଗୁଁ ପୁରୁଣା ଯାନବାହନଗୁଡିକ ପ୍ରତି ସମ୍ଭାବ୍ୟ କ୍ଷତି ପହଞ୍ଚିବା ନେଇ ଜୋରଦାର ବିତର୍କ ଚାଲିଛି। ସରକାର କୌଣସି ଠୋସ୍ ପ୍ରମାଣ ନ ଥିବା କହି ଇ-୨୦ପେଟ୍ରୋଲ ଯାନ୍ତ୍ରିକ କ୍ଷତି ଘଟାଉଥିବା ଚିନ୍ତାକୁ ଦୂର କରିବାକୁ ଚେଷ୍ଟା କରିଛନ୍ତି। ସରକାରଙ୍କ ଯୁକ୍ତି ହେଉଛି, ଏହି ନୀତି ଭାରତର

### ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଲେ କେନ୍ଦ୍ର ସରକାର

ଶକ୍ତି ସୁରକ୍ଷା, ଚାଷୀ ଏବଂ ପରିବେଶ ପାଇଁ ଲାଭଦାୟକ ପ୍ରମାଣିତ ହେବ। କର୍ଣ୍ଣାଟକ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଯୁକ୍ତି ସମୟରେ ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣି ଏହି ମନ୍ତବ୍ୟ ଦେଇଛନ୍ତି।




ଜୁନ୍ ୨୩ ଆଦେଶରେ କର୍ଣ୍ଣାଟକ ହାଇକୋର୍ଟ ତୈଳ କମ୍ପାନୀ ବିପିସିଏଲ, ଏଚ୍‌ପିସିଏଲ ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେସନ (ଆଇଓସି)କୁ ଟେଣ୍ଡର ଚୂଡ଼ାନ୍ତ କରିବା ପୂର୍ବରୁ ଇଥାନଲ୍ ଆବଣ୍ଟନ ବୃଦ୍ଧି ପାଇଁ ଏକ ଡିଷ୍ଟିଲେରୀ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବିପିସିଏଲ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଥିଲା ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ହାସଲ କରିବା ପାଇଁ ସରକାରଙ୍କ ବ୍ୟାପକ ନୀତିଗତ ଉଦ୍ଦେଶ୍ୟକୁ ପ୍ରଭାବିତ କରିପାରେ। ଆଟର୍ଣ୍ଣି ଜେନେରାଲ କହିଛନ୍ତି, ସରକାର ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ସହିତ ଏହାର ପରୀକ୍ଷଣ କରୁଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ଫଳାଫଳ କ'ଣ ରହୁଛି ତାହା ଦେଖାଯିବ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ ବିପିସିଏଲ୍‌ର ଏହି ନିର୍ଦ୍ଦେଶ ବିରୁଦ୍ଧରେ କର୍ଣ୍ଣାଟକ ହାଇକୋର୍ଟ ଡିଭିଜନ ବେଞ୍ଚକୁ କାହିଁକି ଯାଇନାହିଁ।


ଏସୀୟ କ୍ରୀଡ଼ାରେ ହରମନ୍ପ୍ରୀତଙ୍କୁ ନେତୃତ୍ୱ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଟ୍ରମ୍ପଙ୍କୁ ପୁଣି ଝଟ୍‌କା ଦେଲେ ଆମେରିକା ସୁପ୍ରିମକୋର୍ଟ

■ ୱାଶିଂଟନ୍, ୩୦।୬ (ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟ ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଜନ୍ମଗତ ନାଗରିକତା ପ୍ରଦାନ ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନ ନିମନ୍ତେ କୋର୍ଟ ତାଙ୍କର ପ୍ରୟାସକୁ ଅଟକାଇଛନ୍ତି। ୬-୩ ବହୁମତ ନିଷ୍ପତ୍ତିରେ, କୋର୍ଟ ରାୟ ଦେଇଛନ୍ତି ଯେ ଟ୍ରମ୍ପଙ୍କ ଦ୍ୱାରା ୨୦୨୫ ଜାନୁଆରୀ ୨୦ ରେ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନ ଜାରି କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆଇନ ଅନୁଯାୟୀ ନୁହେଁ। ୫ ଜଣ ବିଚାରପତି କହିଛନ୍ତି ଯେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆମେରିକା ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ଉଲ୍ଲଘଂନ କରୁଛି, ଯାହା ଆମେରିକାରେ ଜନ୍ମିତ ପ୍ରାୟ ସମସ୍ତଙ୍କୁ ନାଗରିକତା ପ୍ରଦାନ କରେ। ଏହି ସମୟରେ, ବିଚାରପତି ବ୍ରେଟ୍ କାଭାନା କହିଛନ୍ତି ଯେ ଏହି ନିର୍ଦ୍ଦେଶ ସଂଘୀୟ ଆଇନକୁ ଉଲ୍ଲଘଂନ କରେ, କିନ୍ତୁ ସମ୍ବିଧାନକୁ ନୁହେଁ। ଚଳିତ ମାସରେ ସୁପ୍ରିମକୋର୍ଟରେ ଏହା ଟ୍ରମ୍ପଙ୍କ ତୃତୀୟ ବଡ଼ ବିପର୍ଯ୍ୟୟ। ଫେବୃଆରୀ ପୂର୍ବରୁ, କୋର୍ଟ ତାଙ୍କ ଟାରିଫ୍ ନୀତିକୁ ବାତିଲ କରିଦେଇଥିଲେ। ସୋମବାର, କୋର୍ଟ ତାଙ୍କୁ



ଫେଡେରାଲ୍ ରିଜର୍ଭ ଅଧିକାରୀ ଲିସା କୁକ୍‌ଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବାରୁ ମଧ୍ୟ ବାରଣ କରିଥିଲେ।

### ଜନ୍ମଗତ ନାଗରିକତାକୁ ଅବରୋଧ କରିବା ପାଇଁ ନିର୍ଦ୍ଦେଶ ପ୍ରତ୍ୟାହାର

ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ପୁନଃ ବ୍ୟାଖ୍ୟା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହି ସଂଶୋଧନରେ କୁହାଯାଇଥିଲା ଯେ ଆମେରିକାରେ ଜନ୍ମଗ୍ରହଣ କରିଥିବା ଏବଂ ଏହାର କ୍ଷେତ୍ରାଧିକାର ଅଧୀନରେ ଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଆମେରିକୀୟ ନାଗରିକ। ତଥାପି, ସୁପ୍ରିମକୋର୍ଟର ୯ ଜଣ ବିଚାରପତିଙ୍କ ମଧ୍ୟରୁ ୬ ଜଣ ସାଧାରଣତଃ ରକ୍ଷଣଶୀଳ ବିଚାରଧାରର ବୋଲି ବିବେଚନା କରାଯାଉଛି, ସେଥିରେ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ତିନି ଜଣ ମଧ୍ୟ ସାମିଲ। କୋର୍ଟ ଅନ୍ୟ ଅନେକ ମାମଲାରେ ଟ୍ରମ୍ପଙ୍କ ସପକ୍ଷରେ ମଧ୍ୟ ରାୟ ଦେଇଛନ୍ତି।

## ୧୨୬ ବର୍ଷରେ ୫ମ ଶୁଖିଲା ଜୁନ୍

# ମହାବିପଦରେ ୨୨ ରାଜ୍ୟ

■ ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଏଥର ନିରାଶ କଲା ଜୁନ୍ ମୌସୁମୀ। କେବଳ ନିରାଶ କରିନାହିଁ, ଭୟଙ୍କର ପରିସ୍ଥିତି ମଧ୍ୟ ସୃଷ୍ଟି କରିଛି। ବର୍ଷା ନଥିବାରୁ ମରୁଡ଼ି ପରିସ୍ଥିତି ଦେଖାଦେଲାଣି। ଏଥର ଜୁନ ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଗତ ୧୨୬ ବର୍ଷରେ ସବୁଠାରୁ ପଞ୍ଚମ ଶୁଖିଲା ଜୁନ ମାସରେ ପରିଣତ ହୋଇଛି। ୧୯୦୧ ପରେ ପଞ୍ଚମ ଥର ଲାଗି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଧୋକା ଦେଇଥିବାରୁ ଦେଶର ବ୍ୟାପକ ଅଞ୍ଚଳ ଶୁଖିଲା ପଡ଼ିଛି। ଚାଷ କାମ ଆରମ୍ଭ ହୋଇପାରି ନଥିବାରୁ କୃଷି କ୍ଷେତ୍ର ପାଇଁ ମାଡ଼ି ଆସିଲାଣି ମହାବିପଦ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜୁନ ମାସରେ ୧୬୫.୩ ଏମ୍‌ଏମ୍ ବର୍ଷା ହେବା କଥା। କିନ୍ତୁ ଜୁନ ୧ରୁ ୩୦ ତାରିଖ ମଧ୍ୟରେ ଏଥର ହୋଇଛି ମାତ୍ର ୯୯.୫ ଏମ୍‌ଏମ୍ ବର୍ଷା। ପୂରା ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ୨୦୦୯ ଜୁନରେ




### ଆସୁଛି ଯୋଡ଼ା ଲଘୁଚାପ


## ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ଭୁବନେଶ୍ୱର, ୩୦।୬ (ସମିସ): କମ୍ ବର୍ଷାକୁ ନେଇ ସାରା ରାଜ୍ୟରେ ଚାଷବାସ ପଛେଇଥିବା ସମୟରେ ଆଗପଛ ହୋଇ ଆସୁଛି ଦୁଇଟି ଲଘୁଚାପ। ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ୨ ତାରିଖଠାରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ଉପର ବାୟୁମଣ୍ଡଳୀୟ ଏକ ଘୂର୍ଣ୍ଣିବଳୟ ରହିଛି। ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସମୁଦ୍ର ପତ୍ତନରୁ ପ୍ରାୟ ୧.୫ରୁ ୫.୮ କି.ମି. ଉଚ୍ଚତା ମଧ୍ୟରେ ଏହା ରହିଛି। ଯାହାର ପ୍ରଭାବରେ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ▶ପୃଷ୍ଠା-୭

### ପାଠ୍ୟବହିରେ ତ୍ରୁଟି

## କିଏ ନେବ ଉତ୍ତରଦାୟିତ୍ୱ: ନବୀନ

■ ଭୁବନେଶ୍ୱର, ୩୦।୬ (ସମିସ): ରାଜ୍ୟରେ ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟିକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଜାତୀୟ ଗଣମାଧ୍ୟମରେ ଓଡ଼ିଶାରେ ପିଲାଙ୍କ ବହିରେ ତ୍ରୁଟି ଡ଼ିବିଡ଼ିବି ହୋଇ ବାଜୁଛି। ତ୍ରୁଟିଯୁକ୍ତ ବହି ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରିବ ବୋଲି ଅଭିଭାବକମାନେ କ୍ଷୋଭ ପ୍ରକାଶ କରିବା ନୂତନ ସଂଶୋଧିତ ବହି ପ୍ରଦାନ କରିବାକୁ ଦାବି କରିଛନ୍ତି। ବହି ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ଗୋଟିଏ କଥା କହୁଥିବା ସମୟରେ ଗଣଶିକ୍ଷାମନ୍ତ୍ରୀ ଭିନ୍ନ କଥା କହୁଛନ୍ତି। ଯାହାକୁ ନେଇ କ୍ଷୋଭ ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତ୍ରୁଟିପୂର୍ଣ୍ଣ ପୁସ୍ତକ ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ଉଲ୍ଲେଖ କରି ଏହାର ଉତ୍ତରଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ କରିଛନ୍ତି।



**ସତ୍ୟ ଓ ତଥ୍ୟ ସହ ଶିଶୁକୁ ପରିଚିତ କରିବାର ମାଧ୍ୟମ ସ୍କୁଲ ବହି**

**ତ୍ରୁଟିପୂର୍ଣ୍ଣ ବହି ପିଲାଙ୍କ ଭବିଷ୍ୟତ ମୂଳଦୁଆ ଉପରେ ଆଘାତ ଦେଇଛି**

**କୋମଳମତି ପିଲାମାନଙ୍କ ବିଶ୍ୱାସ ଭାଙ୍ଗିବାକୁ ଉଦ୍ୟମ ହୋଇଛି**

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବିଦ୍ୟାଳୟର ପୁସ୍ତକ କେବଳ ବହି ନୁହେଁ, ପ୍ରତ୍ୟେକ ଶିଶୁ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ। ଶିଶୁଟିଏ ଅନେକ କଥାକୁ ପ୍ରଶ୍ନ କରିପାରେ, କିନ୍ତୁ ସ୍କୁଲ ପାଠ୍ୟପୁସ୍ତକରେ ଛପା ହୋଇଥିବା ଶବ୍ଦକୁ କେବେ ସନ୍ଦେହ କରେ ନାହିଁ। ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ରହିଥାଏ। ସ୍କୁଲ ପାଠ୍ୟପୁସ୍ତକରୁ ଗୋଟିଏ ପିଢ଼ି କେବଳ ତଥ୍ୟ ଶିଖେ ନାହିଁ, ବରଂ ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ି ଉଠେ। ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି। କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ରହି ନାହିଁ; ଏହା ଆମ ପିଲାମାନଙ୍କ ଭବିଷ୍ୟତର ▶ପୃଷ୍ଠା-୭

### ବାଣପୁରରେ ଭିଡ଼ହିଂସା

## ଲୁଚାଇବାକୁ ଯାଇ ଫସିଲା ପୁଲିସ

**ରହସ୍ୟ ଖୋଲିଦେଲା ମାଡ଼ର ଭାଇରାଲ ଭିଡ଼ିଓ**

**ଖୁଣ୍ଟରେ ବାନ୍ଧି ତୋଫାନକୁ ପିଟିଥିଲେ ଗ୍ରାମବାସୀ**

■ ଖୋର୍ଦ୍ଧା/ବାଣପୁର, ୩୦।୬ (ସମିସ): ବେଳକୁ ବେଳ ବିପର୍ଯ୍ୟସ୍ତ ହେଉଛି ରାଜ୍ୟରେ ଆଇନ ଶୃଙ୍ଖଳା। ବାଲିଅନ୍ତା, ପିପିଲି ପରେ ପୁଣି ବାଣପୁରରେ ଘଟିଛି ଆଉ ଏକ ଭିଡ଼ ହିଂସା। ବାଣପୁରରେ ଗାଁ ଲୋକଙ୍କ ମାଡ଼ରେ ଗୁରୁତର ଆହତ ତୋଫାନ ନାୟକକୁ ପୁଲିସ ଉଦ୍ଧାର କରି ଥାନାକୁ ଆଣିବା, ବିଳମ୍ବିତ ସନ୍ଧ୍ୟାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ଓ ପରଦିନ ଚିକିତ୍ସାଧୀନ ଅବସ୍ଥାରେ କ୍ୟାପିଟାଲ ହସପିଟାଲରେ ତାର ମୃତ୍ୟୁ ଘଟଣା ପୁଲିସକୁ ଅକଳରେ ପକାଇଛି । ପରିବାର ଲୋକେ ପ୍ରଥମେ ଥାନାରେ ତାକୁ ଥାଡର୍ ଡ଼ିଗ୍ରୀ ଦିଆଯାଇଥିବା ଅଭିଯୋଗ କରିଥିଲେ ହେଁ ଏସ୍‌ପି ଏହି ଅଭିଯୋଗକୁ ଅସ୍ୱୀକାର କରିଥିଲେ। ସୁସ୍ଥ ଅବସ୍ଥାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ମାତ୍ର ଆଜି ତୋଫାନକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମରାଯାଉଥିବାର ଏକ ଭିଡ଼ିଓ ଭାଇରାଲ ହେବା ପରେ ଥାଡର୍ ଡ଼ିଗ୍ରୀ ଅଭିଯୋଗରୁ ମୁକୁଳିଥିବା ପୁଲିସ ଆଉ ଏକ ନୂଆ ବିବାଦରେ ଛନ୍ଦି ହୋଇଛି। ତୋଫାନର ମୃତ୍ୟୁ ସାମୂହିକ ଆକ୍ରମଣ ଯୋଗୁ ହୋଇଥିବା ଅଭିଯୋଗ ହେବା ପରେ ▶ପୃଷ୍ଠା-୭

### ଏକତରଫା ପ୍ରେମ ପାଇଁ ବିବାହିତ ଯୁବକର ଉନ୍ମତ କାଣ୍ଡ

## ନାବାଳିକାକୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ



■ ଭଦ୍ରକ/ଧୂଷୁରୀ/ଅସୁରାଳି, ୩୦।୬ (ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଫତେପୁର ପଞ୍ଚାୟତର ଫତେପୁର ଗାଁର ଜଣେ ୩୩ ବର୍ଷୀୟ ବିବାହିତ ଯୁବକ ନିକଟସ୍ଥ ଗାଁର ଜଣେ ଦଶମ ଶ୍ରେଣୀର ୧୫ ବର୍ଷୀୟା ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ କରୁଥିବା ଉଦ୍ୟମ ପଣ୍ଡ ହୋଇଛି। ସ୍ଥାନୀୟ ଲୋକେ ସେହି ଯୁବକକୁ ଧରି ଅଟକ ରଖିଥିବା ବେଳେ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଆଣି ଅଟକ ରଖିଥିଲେ।

ସୂଚନାଯୋଗ୍ୟ, ଫତେପୁର ପଞ୍ଚାୟତ ଧର୍ମାଗତପୁର ଗାଁର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲୀପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ଛାତ୍ରୀ ଏଥିରେ ରାଜି ନ ହେବାରୁ ମଙ୍ଗଳବାର ପୂର୍ବାହ୍ଣରେ ସେ ସ୍କୁଲକୁ ଯାଉଥିବାବେଳେ ଲେଞ୍ଜୀରା ଛକ ନିକଟରେ ତାଙ୍କୁ ଅଟକାଇ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ▶ପୃଷ୍ଠା-୭

### ନାବାଳିକା ଭାଣିଜୀକୁ କିରୋସିନି ଢାଳି ହତ୍ୟା ମାମଲା

## ହତ୍ୟାକାରୀ ମାମୁଁକୁ ଫାଶୀଦଣ୍ଡ

■ ବ୍ରହ୍ମପୁର, ୩୦।୬ (ସମିସ): ନାବାଳିକା ଭାଣିଜିକୁ କିରୋସିନି ଢାଳି ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଗତକାଲି ଏହି ମାମଲାର ବିଚାରଣା ଶେଷ ପରେ ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ। ଆଜି ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ମାମୁଁକୁ ଦଣ୍ଡବିଧାନ କରାଯାଇଛି। ନାବାଳିକା ଭାଣିଜି ଗାୟତ୍ରୀ ପାତ୍ର(୧୩)କୁ କିରୋସିନି ଢାଳି ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ମାମୁଁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି କୋର୍ଟ। ଦଣ୍ଡାଦେଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତ ଶୁପ୍ରିନ ଦିଗାଲକୁ କୋର୍ଟରେ ହାଜର କରାଯାଇଥିଲା। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡାଙ୍କ କୋର୍ଟରେ ଏହି ଦଣ୍ଡାଦେଶ ହୋଇଛି। ପ୍ରକାଶ ଯୋଗ୍ୟ ଯେ' ଗତ ୨୦୨୨ମସିହା ଏପ୍ରିଲ ୨୫ତାରିଖରେ ସ୍ଥାନୀୟ ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡ ଘଟି ଜଣେ ୧୩ବର୍ଷିୟ ନାବାଳିକା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୁଲିସ ତଦନ୍ତ କରି ମୃତ ନାବାଳିକା ଗାୟତ୍ରୀଙ୍କ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ମାମୁଁ ଶୁପ୍ରିନ ଦିଗାଲ ଭାଣିଜୀ ▶ପୃଷ୍ଠା-୭

## ବାଲି ଚୋରା ଚାଲାଣରେ ଲଗାମ ନାହିଁ


■ ସାରସକଣା, ୩୦।୬ (ସମିସ): ସାରସକଣା ତହସିଲ ତଥା ଝାରପୋଖରିଆ ଥାନା ଅଧୀନରେ ଥିବା ସୁବର୍ଣ୍ଣରେଖା ନଦୀର ବାଲି ସୈରାତ ଏବେ ଏକ ବଡ଼ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ଜିଲ୍ଲା ପ୍ରଶାସନର ନିରବତା ସରକାରଙ୍କ ସ୍ୱଚ୍ଛ ଶାସନର ମୁଖା ଖୋଲିଦେଇଛି। ଯେଭଳି ଭାବେ ଦିନ ଦ୍ୱିପ୍ରହରରେ ରାଜ୍ୟର ସମ୍ପତ୍ତିକୁ ଲୁଟ୍ କରାଯାଉଛି। ତାହା ପ୍ରମାଣିତ କରୁଛି ଯେ ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏବେ ମାଫିଆଙ୍କ ହାତବାରିସୀ ପାଲଟିଛନ୍ତି। ସରକାରୀ ନିୟମକୁ ଫୁଁ' କରି ଏହି ବେଆଇନ କାରବାର ବିରୋଧରେ ଏବେ ସାଧାରଣରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ଦୈନିକ ଶହ ଶହ ଟ୍ରିପ ବାଲି ଏହି ଅଞ୍ଚଳରୁ ପଡ଼ୋଶୀ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି।



### ବାହାର ରାଜ୍ୟକୁ ହେଉଛି ଚାଲାଣ

ଝାରପୋଖରୀଆ ଥାନା ସମ୍ମୁଖରେ ଦେଇ ପ୍ରତ୍ୟେକ ଦିନ ବାଲି ଚାଲାଣ ହେଉଛି। ଥାନା ସମ୍ମୁଖରେ ସିସିଟିଭି କ୍ୟାମେରା ଲାଗିଥିଲେ ହେଁ ଥାନା ଅଧିକାରୀ ସବୁ ଜାଣି ନ ଜାଣି ଭଳି ଅଭିନୟ କରିଛନ୍ତି। ୩ ସପ୍ତାହ ପୂର୍ବରୁ ଥାନା ଅଧିକାରୀ ବାଲେଶ୍ୱର ଜିଲ୍ଲାକୁ ବଦଳି ହୋଇଥିଲେ ମଧ୍ୟ ସେ ରିଲିଭ ହେଉନାହାନ୍ତି। ଏହା କ'ଣ ସରକାରଙ୍କ ଆଦେଶରେ ହେଉଛି? ଉଚ୍ଚପଦସ୍ଥ ଅଧିକାରୀ ନିଜ ପକେଟ୍ ଗରମ କରିବା ପାଇଁ ଆଖି ବୁଜି ଦେଇଛନ୍ତି। ପରିବେଶ ଆଇନକୁ ଅମାନ୍ୟ କରୁଛି ଜିଲ୍ଲା ପ୍ରଶାସନ। ଗ୍ରାମାଞ୍ଚଳ ରାସ୍ତାରେ ଭାରୀଯାନରେ ଓଦା ବାଲି ଚାଲାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଜଣାପଡ଼ିଛି।

ଓଡ଼ିଶାର ବିଭିନ୍ନ ଜାଗାରୁ ବାଲି ଚୋରାଚାଲାଣ ପ୍ରତିଦିନ ଚାଲୁଛି। ମୟୂରଭଞ୍ଜ ଜିଲ୍ଲା ଏଥିରୁ ବାଦ୍ ପଡିନାହିଁ। ମୟୂରଭଞ୍ଜ ଜିଲ୍ଲାର ସାରସକଣା ତହସିଲ, ଝାରପୋଖରିଆ ଥାନା ଅଧୀନରେ ଥିବା ପାଣ୍ଡରା ସରକାରୀ ଘାଟ ମଧ୍ୟ ଚୋରା ▶ପୃଷ୍ଠା-୭

## ଉଚ୍ଛେଦ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ ଦାବି

ବାଲେଶ୍ୱର,୩୦।୬ (ସମିସ): ଓଟି ରୋଡ୍‌ସ୍ଥିତ ଷ୍ଟେସନ ଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ବାମପଟେ ଉଚ୍ଛେଦ ହୋଇସାରିଥିବା ଜାଗାର ସୁରକ୍ଷା ଓ କ୍ଷତିଗ୍ରସ୍ତ ଦୋକାନୀଙ୍କ ଥଇଥାନ ଦାବିରେ ଓଟି ରୋଡ୍ ମାର୍କେଟ କମ୍ପ୍ଲେକ୍ସ ଏକ୍ସନ୍ କମିଟି କନଫେଡେରେସନ୍ ପକ୍ଷରୁ ସାଂସଦ ତଥା ବିଜେପି ରାଜ୍ୟ ସଭାପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କମିଟିର କର୍ମକର୍ତ୍ତାମାନେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ସୂଚନା ଅନୁଯାୟୀ, ୨୦୨୫ ଡିସେମ୍ବର ୨୪ ତାରିଖରେ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା କଡ଼ରେ ଥିବା ସମସ୍ତ ଦୋକାନ ଉଚ୍ଛେଦ କରାଯାଇଥିଲା। କିନ୍ତୁ ସାତ ମାସ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ଅଦ୍ୟାବଧି ଥଇଥାନ କରାଯାଇନାହିଁ। ଏ ସମ୍ପର୍କରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ଓ ଅନ୍ୟ ପ୍ରଶାସନିକ ଅଧିକାରୀ ତଥା ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଦୋକାନୀମାନେ ବାରମ୍ବାର ଭେଟି ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ବରଂ ଟାଳଟୁଳ ନୀତିରେ ଦିନ ଗଡି ଚାଲିଛି। ଦୋକାନୀମାନଙ୍କ କହିବା ଅନୁଯାୟୀ, ତତ୍କାଳୀନ ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ଅନୁମତି ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱଉପାର୍ଜିତ ବ୍ୟୟରେ ମାର୍କେଟ କମ୍ପ୍ଲେକ୍ସ ବିଲଡିଂ ତିଆରି ହୋଇଥିଲା। ଏହା କୌଣସି ଦୃଷ୍ଟିକୋଣରୁ ଅବୈଧ ନ ଥିଲା। ସେଥିପାଇଁ ଜିଲ୍ଲା ପ୍ରଶାସନ ସହ ଦୋକାନୀମାନଙ୍କର ସିକ୍ୟୁରିଟି ଓ ଭଡା ନେଇ ଚୁକ୍ତିପତ୍ର ମଧ୍ୟ ସମ୍ପାଦିତ ହୋଇଥିଲା। କେତେକ ଦୋକାନୀଙ୍କଠାରୁ ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ନିୟମିତ ଭଡ଼ା ଓ ଟିକସ ମଧ୍ୟ ଆଦାୟ ହେଉଥିଲା। ଏଭଳି ସ୍ଥିତିରେ ହଠାତ୍ ପ୍ରଶାସନ ଏହାକୁ ଅବୈଧ ଘୋଷଣା କରି ଉଚ୍ଛେଦ କରିବା ଦୋକାନୀଙ୍କୁ ବ୍ୟଥିତ କରିଛି। ତେଣୁ ଦୀର୍ଘଦିନ ଧରି ହଇରାଣ ହେଉଥିବା କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଯଥାଶୀଘ୍ର ଥଇଥାନ ବ୍ୟବସ୍ଥା କରିବାକୁ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ରାଜ୍ୟ ଓ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସିପିଏମ୍‌ର ବିକ୍ଷୋଭ

ବାଲେଶ୍ୱର, ୩୦।୬ (ସମିସ)




ରାଜ୍ୟ ଓ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, କ୍ରମବର୍ଦ୍ଧିଷ୍ଣୁ ଅପରାଧ, ଭିଡ଼ ହିଂସା, ସାମ୍ପ୍ରଦାୟିକ ଉତ୍ତେଜନା, ମହିଳା ଶିଶୁଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାର, ସାଇବର ଅପରାଧ ଓ ସଂଗଠିତ ମାଫିଆ ରାଜ ବିରୋଧରେ ତ୍ୱରିତ ଓ ଦୃଢ଼ ପଦକ୍ଷେପ ଦାବିରେ ସିପିଆଇ ଏମ ରେମୁଣା ଆଞ୍ଚଳିକ କମିଟି ତରଫରୁ ସିପିଆଇଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ରଙ୍କ ନେତୃତ୍ୱ ରେ ରେମୁଣା ବଜାର ଠାରୁ ରେମୁଣା ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଯାଇ ବିକ୍ଷୋଭ ପ୍ରଦର୍ଶନ କରି ରେମୁଣା ଥାନା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଓ ଜିଲ୍ଲା ବ୍ୟାପୀ ଅପରାଧ, ଗୁଣ୍ଡାରାଜ ଓ ମାଫିଆ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଉ,ବାଲିଅନ୍ତା ଭିଡ଼ ହିଂସା ହତ୍ୟା ଏବଂ କଲ୍ୟାଣସିଂହପୁର ଘଟଣା ସମେତ ସମସ୍ତ ଭିଡ଼ ହିଂସା ମାମଲାର ଫାଷ୍ଟ-ଟ୍ରାକ୍ ତଦନ୍ତ କରାଯାଉ। ଭିଡ଼ ହିଂସା ରୋକିବା ପାଇଁ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଏସ ଓ ପି ପ୍ରଣୟନ କରାଯାଉ, ସାମ୍ପ୍ରଦାୟିକ ହିଂସା ଓ ଘୃଣା ପ୍ରଚାରକାରୀ ଶକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଉ, ଆତ୍ମଘୋଷିତ ଗୋ-ରକ୍ଷକ ବାହିନୀ ଏବଂ ଆଇନକୁ ହାତକୁ ନେଉଥିବା ସମସ୍ତ ଗୋଷ୍ଠୀକୁ ନିୟନ୍ତ୍ରଣ କରାଯାଉ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ତଦନ୍ତ ପାଇଁ ସ୍ୱତନ୍ତ୍ର ବିଶେଷ ତଦନ୍ତକାରୀ ୟୁନିଟ୍ ଗଠନ କରାଯାଉ,ପ୍ରତ୍ୟେକ ଜିଲ୍ଲାରେ ସାଇବର କ୍ରାଇମ୍ ୟୁନିଟ୍, ମହିଳା ସୁରକ୍ଷା ସେଲ୍ ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ,ପୋଲିସ ବିଭାଗରେ ଥିବା ସମସ୍ତ ଖାଲି ପଦବୀ ତୁରନ୍ତ ପୂରଣ କରାଯାଉ, ପୁଲିସ ପ୍ରଶାସନକୁ ରାଜନୈତିକ ପ୍ରଭାବମୁକ୍ତ ରଖି ଆଇନର ନିରପେକ୍ଷ ପ୍ରୟୋଗକୁ ସୁନିଶ୍ଚିତ କରାଯାଉ ଏବଂ ଅପରାଧ ନିୟନ୍ତ୍ରଣ, ଭିଡ଼ ହିଂସା ରୋକିବା ଓ ମହିଳା ଶିଶୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟଧାରା ରିପୋର୍ଟ ପ୍ରତି ତିନି ମାସରେ ସାର୍ବଜନୀନ କରାଯାଉ। ଏହି ଦାବି ଗୁଡ଼ିକ ଉପରେ ବକ୍ତା ସି.ପି.ଆଇ.(ଏମ୍) ରାଜ୍ୟକମିଟି ସଭ୍ୟସାଥୀ ନିର୍ମଳ ନାୟକ ଅତ୍ୟନ୍ତ କ୍ଷୋଭର ସହିତ ପରି ପ୍ରକାଶ କରୁଛନ୍ତି ଯେ, ରାଜ୍ୟ ଓ ଜିଲ୍ଲା ଆଜି ଏପରି ଏକ ପରିସ୍ଥିତିରେ ଉପନୀତ ହୋଇଛି ଯେଉଁଠାରେ ଅପରାଧୀଙ୍କ ମନରେ ଆଇନ ପ୍ରତି ଭୟ କମୁଛି ଏବଂ ସାଧାରଣ ନାଗରିକଙ୍କ ମନରେ ଅସୁରକ୍ଷା ବଢୁଛି ବୋଲି ବକ୍ତବ୍ୟ ରଖିଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ସାଥୀ ହରିପ୍ରିୟା ଜେନା, ସାଥୀ ଷ୍ଟାଲିନ ମିଶ୍ର, ସାଥୀ ଦେବବ୍ରତ ମାଝୀ, ବକ୍ତବ୍ୟ ରଖିଥିଲେ, ସୁଦର୍ଶନ ବେହେରା, ସିକନ୍ଦର ଖାଁ,ବିରେନ୍ଦ୍ର ସିଂ, ସୁଦର୍ଶନ ଆଚାର୍ଯ୍ୟ, ଅଜୁ ସିଂ, ଅତୁଲ ଜେନା, ଜୟନ୍ତ ଦଳାଇ, ସଞ୍ଜୟ ଗିରି ପ୍ରମୁଖ ବିକ୍ଷୋଭକୁ ସହଯୋଗ କରିଥିଲେ। ଉକ୍ତ ଦାବିପତ୍ର ରେମୁଣା ଥାନା ଅଧିକାରୀ ସୁବାସ କୁମାର ମଲ୍ଲିକଙ୍କୁ ପ୍ରତିନିଧି ଦଳ ପ୍ରଦାନ କରିଥିଲେ।

## ଦୁର୍ଗାଦେବୀ ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ

ରେମୁଣା, ୩୦।୬ (ସମିସ): ରେମୁଣା ବ୍ଲକ ଅନ୍ତର୍ଗତ ଦୁର୍ଗାଦେବୀ ଜଗନ୍ନାଥ ପୀଠରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ମହୋତ୍ସବ ଆନନ୍ଦ ଉଲ୍ଲାସ ଓ



ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଘ୍ନେଶ୍ୱର ଦ୍ୱିବେଦୀ ଓ ମୁଖ୍ୟ ସେବାୟତ ଦେବଦାସ ଆଚାର୍ଯ୍ୟଙ୍କ ସୌଜନ୍ୟରେ ଏବଂ ସମସ୍ତ ସେବାୟତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅନୁକୂଳ ଶ୍ରୀଦେବସ୍ନାନ ଉତ୍ସବ ସୁରୁଖୁରୁରେ ସମାପ୍ତ ହୋଇଛି। ଏହି ଅବସରରେ ଗଜାନନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ। ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିରଟି ବାଲେଶ୍ୱରର ଏକ ପ୍ରମୁଖ ଓ ପୁରାତନ ହୋଇଥିବାରୁ ଏଠାରେ ଦୂରଦୂରାନ୍ତରୁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମହୋତ୍ସବକୁ ସଫଳ କରିବାରେ ମନ୍ଦିର ପରିଚାଳନା କମିଟିର ସ୍ଥାନୀୟ ନେତୃତ୍ୱ ପ୍ରଦୀପ କୁମାର ଜେନା, ପ୍ରଦୀପ କୁମାର ମିଶ୍ର, ଅପୂର୍ବ ଦାସ, ଜୟନ୍ତ କୁମାର ପ୍ରଧାନ, ଦିଲୀପ କୁମାର ସେନ, ରମେଶ ମହାନ୍ତି, ସୁଶାନ୍ତ ସାହୁ, କାଳୀ ଚରଣ ମାଝୀ, ଶଶିକାନ୍ତ ପଣ୍ଡା, ଅନାଦି ମହାନ୍ତି ଓ ଦୁର୍ଗାଦେବୀ ଗ୍ରାମର ମହିଳାମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା; ମୃତକଙ୍କ ଘରେ କଂଗ୍ରେସ ଟିମ୍

ବାଲେଶ୍ୱର, ୩୦।୬ (ସମିସ): ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳିମାଡ଼ ଓ ହତ୍ୟା ଘଟଣାରେ ମଙ୍ଗଳବାର କଂଗ୍ରେସର ଏକ ଟିମ୍ ହମିଦଙ୍କ ଗଣେଶ୍ୱରପୁରସ୍ଥିତ ଘରେ ତାଙ୍କ ପତ୍ନୀ ଏବଂ ପରିବାର ବର୍ଗଙ୍କୁ ଭେଟିଛି। ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି କଂଗ୍ରେସ ନେତା ମାନେ। ଦୁଃଖ ସମୟରେ ହମିଦ୍‌ଙ୍କ ପରିବାର ସହ କଂଗ୍ରେସ ଛିଡ଼ା ହୋଇଛି। ଏହି ଅବସରରେ ପୂର୍ବତନ ବିଧାୟକ ଶ୍ରୀ ଜେନା କହିଥିଲେ କି ଏ ବିଷୟରେ ଆମେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ ଅବଗତ କରାଇଛୁ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏ ସଂପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବୁ। ତାଙ୍କ ପରିବାର ବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ସମସ୍ତ ପ୍ରକାର ସହଯୋଗ କରିବୁ ବୋଲି



ରେମୁଣା ର ପ୍ରଥମ ବିଧାୟକ ଶ୍ରୀ ଜେନା ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତକୁ ଚିହ୍ନଟ ଏବଂ ଗିରଫ ସହ ତାଙ୍କୁ ଏବଂ ତାଙ୍କ ପରିବାର ବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ସ୍ୱର୍ଗତ ହମିଦ୍‌ଙ୍କ ପତ୍ନୀ ଦାବି କରିଛନ୍ତି। ଏହା ସହ ସେମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି ତାଙ୍କୁ ଏବଂ ପରିବାରକୁ ସୁରକ୍ଷା ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି। ଶ୍ରୀ ଜେନା ଙ୍କ ସମେତ , କଂଗ୍ରେସ ଏନଏସି ସଭାପତି ଶେଖ୍ ରାଜୁ, କାର୍ଯ୍ୟକାରୀ ସଭାପତି ରାଜା ଖାନ୍, ବ୍ଲକ୍ ସଭାପତି କହ୍ନେଇ ଚରଣ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ କେଶବ ଚରଣ ନାୟକ, ସହେବା ଆକ୍ତର, ଶ୍ରୀକାନ୍ତ ପତି, ସଂଖ୍ୟାଲଘୁ ନେତା ସେଖ୍ ଅସଗର ଅଲ୍ଲି, ମଞ୍ଜର ଖାନ, ସେଖ୍ କାଲାମ, ଜଗନ୍ନାଥ ଦାସ, ସେଖ୍ ରହେମାତ୍ ପ୍ରମୁଖ ଉପସ୍ଥିତ ଥିଲେ।

## ହେଉନି ସମବାୟ ସପ୍ତାହ ପାଳନ

ଜଳେଶ୍ୱର,୩୦।୬ (ସମିସ) : ଭାରତ ସରକାରଙ୍କ ସମବାୟ ମନ୍ତ୍ରଣାଳୟର ୫ମ ପ୍ରତିଷ୍ଠା ଦିବସ ଉତ୍ସବ ପାଳନ ଲାଗି ଗତ ୨୯/୬ ରିଖ ଠାରୁ ଆସନ୍ତା ୬/୭ ପର୍ଯ୍ୟନ୍ତ ସମବାୟ ସପ୍ତାହ ପାଳନ ର ସମସ୍ତ ପ୍ୟାକ୍ସର ସମ୍ପାଦକଙ୍କୁ ନିର୍ଦ୍ଦେଶ ରହିଛି। ଚିଠି ନଂ ୨୨୩୫/୨୫.୬.୨୦୨୬ ମୂଳେ ୨୯ ତାରିଖ ସକାଳେ ସମିତି ସମ୍ମୁଖରେ ସମବାୟର ସପ୍ତରଙ୍ଗୀ ପତାକା ଉତ୍ତୋଳନ ସହ ଉଜ୍ଜ୍ୱଳ ଫୋଟୋ ଉତ୍ତୋଳନ କରି ଜାତୀୟ ପୋର୍ଟାଲ ରେ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ଏହାର ବ୍ୟତିକ୍ରମ ହେଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିର୍ଦ୍ଦେଶ ରହିଥିବା ବେଳେ ଏହାକୁ ବହୁ ସମିତି ଖାତିର କରୁନାହାନ୍ତି। ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ଅଧିନ ରାମନଗର ପାଟଣା ସମିତିରେ ଏହାର ବ୍ୟତିକ୍ରମ ଦେଖା ଯାଇଛି। ସରକାର ବଦଳି ଥିଲେ ମଧ୍ୟ ବୋଡର୍ କମିଟି ଏବଂ ସମିତି କର୍ମଚାରୀ ସରକାର ଙ୍କ ନିୟମକୁ ଅଣଦେଖା କରୁଛନ୍ତି। ଜଳେଶ୍ୱର ଥିବା ୨୧ଟି ସମିତିରେ କା ଭା ତରବରିଆ ଭାବେ ପତାକା ଉତ୍ତୋଳନ କରିଥିବା ବେଳେ ଅର୍ଦ୍ଧାଧିକ ସମିତିରେ ସମବାୟ ସପ୍ତାହ ପାଳନ ହେଉନାହିଁ। ନିର୍ଦ୍ଦେଶନାମା ସମ୍ପର୍କରେ ରାମନଗର ପାଟଣା ସମିତିର ଭାରପ୍ରାପ୍ତ ସମ୍ପାଦକଙ୍କୁ ପଚାରିବାରୁ ନଭେମ୍ବର ୧୪ ରେ ସମବାୟ ସପ୍ତାହ ପାଳନ ହେବ ବୋଲି ସଫେଇ ଦେଇଛନ୍ତି।ଏ ପ୍ରସଙ୍ଗରେ ଏଆରସିଏସ ଏକାଦୋଶୀ ଦାସଙ୍କୁ ପଚାରିବାରୁ ଯେଉଁ ସମିତି ସମବାୟ ସପ୍ତାହ ଉତ୍ସବ ପାଳନ କରୁ ନାହିଁ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ବାଇକ୍‌କୁ ପିଟିଲା ଡମ୍ଫର; ଜଣେ ମୃତ, ଦୁଇ ଗୁରୁତର

ବାଲେଶ୍ୱର ସଦର/ରାଜଘାଟ, ୩୦।୬ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୧୬ ନଂ ଜାତୀୟ ରାଜପଥର ବସ୍ତା ବାଇପାସ୍ ନିକଟରେ ଡମ୍ଫର ଓ ବାଇକ ମଧ୍ୟରେ ଧକ୍କା ଘଟି ଜୈନିକ ଯୁବକର ମୃତ୍ୟୁ ଘଟିଥିବା ବେଳେ ସମ୍ପର୍କୀୟା ଭଉଣୀ ଓ ଭାଣିଜୀ ଗୁରୁତର ହୋଇଛନ୍ତି। ନୀଳଗିରି ଥାନା ମର୍ଦ୍ଦାରାଜପୁର ଗ୍ରାମର ସୁଦର୍ଶନ ସାହୁଙ୍କ ପୁତ୍ର କୋମଳଲୋଚନ (୩୫)। ଆଜି ପୂର୍ବାହ୍ଣରେ



କମଳଲୋଚନ ସମ୍ପର୍କୀୟା ଭଉଣୀ ମଧୁସ୍ମିତା ସ୍ୱାଇଁ ଓ ଭାଣିଜୀ ଅଭିଲିପ୍ସା(୭) କୁ ବାଇକରେ ନେଇ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ବସ୍ତା ବାଇପାସ ନିକଟରେ ଛିଡା ହୋଇଥିବା ଏକ ଡମ୍ଫର ହଠାତ ଡାହାଣକୁ କାଟି ଦେବାରୁ ବାଇକଟି ସିଧା ଡମ୍ଫରର ଆଗ ଚକାରେ ପଶିଯାଇଥିଲା। ଘଟଣାସ୍ଥଳରେ କମଳଲୋଚନଙ୍କର ମୃତ୍ୟୁ ଘଟିଥିବା ବେଳେ ଶିଶୁକନ୍ୟାଟି ବାମ ଆଖି ଓ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେହିପରି ମଧୁସ୍ମିତା ମଧ୍ୟ ଗୁରୁତର ଆହତ ହୋଇଥିଲେ। ମାଆ ଓ ଝିଅକୁ ବସ୍ତା ହସ୍ପିଟାଲକୁ ଅଣାଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିବା ବେଳେ ଅଭିଲିପ୍ସାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣା ସ୍ଥଳରେ ପହଂଚି ଉଭୟ ଗାଡିକୁ ଜବତ କରିବା ସହିତ ଡମ୍ଫର ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

## ହତ୍ୟା ଉଦ୍ୟମ; ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୩୦।୬ (ସମିସ): ଏକ ହତ୍ୟା ଉଦ୍ୟମ ମାମଲାରେ ପ୍ରମାଣ ଅଭାବରୁ ନୀଳଗିରିର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସ୍ରୋତସ୍ୱିନୀ କର ମୁଦାଲା ଦୁଇ ଜଣଙ୍କୁ ନିର୍ଦୋଷରେ ଖଲାସ କରିଛନ୍ତି। ଗତ ୧୭/୨/୨୩ ରିଖରେ ନିଳଗିରି ଥାନା ଅନ୍ତର୍ଗତ ନୟା ପାଟଣା ଗ୍ରାମର ଉମାକାନ୍ତ ଜେନାଙ୍କୁ ତାଙ୍କର ଭାଇ ବିଶ୍ୱନାଥ ଜେନା, ବିଶ୍ୱନାଥ ଜେନାର ପୁଅ ଭାସ୍କର ଜେନା ସମେତ ଅଜଣା ୮ଜଣ ଯୁବକ ଘର ହୋତା ଭିତରେ ପଶି ଉମାକାନ୍ତ ଜେନାଙ୍କ ସ୍ତ୍ରୀ ଅନିଳା ଜେନାଙ୍କୁ ହାତରେ ଧରିଥିବା ମାରଣାସ୍ତ୍ର ରେ ମଥାକୁ ହାଣି ଦେଇଥିଲେ। ଚିତ୍କାର ଶୁଣି ସ୍ୱାମୀ ଉମାକାନ୍ତ ପହଞ୍ଚି ପ୍ରତିବାଦ କରିବାରୁ ସମସ୍ତେ ତାର ବାମ ପଟ ଗୋଡ଼କୁ ହାଣି ଲହୁ ଲୁହାଣ କରିଥିବା ନେଇ ନିଳଗିରି ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ଥାନାରେ ୬୪/୨୩ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଦଫା ୨୯୪, ୩୦୭, ୩୨୩, ୩୫୪, ୫୦୬, ୩୪ (ଆଇ.ପି.ସି) ଧାରାରେ ମାମଲା ରୁଜୁ କରାଯାଇଥିଲା। ଉକ୍ତ ମାମଲାର ବିଚାର କରି ୯ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ଦସ୍ତାବିଜ୍‌କୁ ବିଚାରକରି ନୀଳଗିରିର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସ୍ରୋତସ୍?ନି କର ପ୍ରମାଣ ଅଭାବରୁ ବିଶ୍ୱନାଥ ଜେନା ଓ ଭାସ୍କର ଜେନାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ମୁଦାଲାଙ୍କ ତରଫରୁ ଆଇନଜୀବୀ ଅମୀୟ କୁମାର ନାୟକ ଓ ବିନୟ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

## ସିପିଏମ୍ ପକ୍ଷରୁ ଜଳେଶ୍ୱର ଥାନା ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୩୦।୬ (ସମିସ): ରାଜ୍ୟ ଓ ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ଜଳେଶ୍ୱର ସିପିଏମ ପକ୍ଷରୁ ଜଳେଶ୍ୱର ଥାନା ସମ୍ମୁଖରେ ବିକ୍ଷୋଭ ଓ ଘେରାଉ କରିବା



ସହିତ ପୁଲିସ ପ୍ରଶାସନ ଜରିଆରେ ଏକ ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ରିପୋର୍ଟ ଅନୁଯାୟୀ ରାଜ୍ୟରେ ୨୦୨୪ରେ ୭୪, ୩୪୦ଟି ଅପରାଧ, ହତ୍ୟା, ଚୋରୀ ଭଳି ଅନେକ ଜଘନ୍ୟ ଅପରାଧିକ ମାମଲା ରେର୍କଡ ହୋଇଥିବା ବେଳେ ରାଜ୍ୟ ବିଧାନସଭାରେ ଦିଆ ଯାଇଥିବା ଅପରାଧିକ ଶ୍ୱେତପତ୍ରରେ ୨୦୨୫ରେ ଏହା ୭.୨୯ହଜାରରେ ପହଂଚିଛି ବୋଲି ସୂଚନା ଦିଆଯାଇଛି। ବାଲେଶ୍ୱର ସହର ଓ ଜଳେଶ୍ୱର ଭଳି ସୀମାନ୍ତ ଅଞ୍ଚଳରେ ନିଶା ବେପାରୀ, ବାଲି, ମାଟି ମାଫିଆ ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ପାଂଚ ବର୍ଷର ଝିଅକୁ ଅଶ୍ଳୀଳ ବ୍ୟବହାର ସହିତ ଯୌନ ଯନ୍ତ୍ରଣା ଦେଇଥିବା ବ୍ୟକ୍ତିଙ୍କୁ ଜଳେଶ୍ୱର ପୁଲିସ ପ୍ରଶାସନ ଆଠମାସ ହେଲା ଧରିପାରୁ ନଥିବା ବେଳେ ଏଫଆଇଆର ପାଇବାର ଦୁଇଘଣ୍ଟା ମଧ୍ୟରେ ଜଣେ ସମାଜସେବୀ ତଥା ସିପିଆଇଏମର ଆଂଚଳିକ ନେତା ଜୀବନ ପରିଡା ଓ ତାଙ୍କ ସ୍ତ୍ରୀଙ୍କୁ ଅନୁସନ୍ଧାନ ନ କରି ଗିରଫ କରିବା ସହିତ ହତ୍ୟା ମାମଲା ଲଗାଇ ଜେଲ ପଠାଇବା ଘଟଣାକୁ ପାର୍ଟି ତରଫରୁ ତୀବ୍ର ନିନ୍ଦା କରାଯାଇ ବିକ୍ଷୋଭ ପ୍ରଦର୍ଶନ ସହିତ ଥାନା ସମ୍ମୁଖରେ ଘେରାଉ କରାଯାଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏକ ଦାବିପତ୍ରରେ ତୁରନ୍ତ ଆଇନ ବ୍ୟବସ୍ଥା ସୁଧାରିବା ପାଇଁ ଅନୁରୋଧ କରିବା ସହିତ କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନେବା ପାଇଁ ଦାବୀ କରାଯାଇଛି। ଏହି ବିକ୍ଷୋଭରେ ସିପିଆଇଏମ୍ ଜଳେଶ୍ୱର ଆଂଚଳିକ କମିଟି ସମ୍ପାଦକ ଅକ୍ଷୟ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଜିଲ୍ଲା ନେତା ଦିଲ୍ଲୀପ ଗିରି, ଦିପ୍ତୀମାନ ଆଚାର୍ଯ୍ୟ, ପୂର୍ବତନ ସରପଂଚ ଦିଲ୍ଲୀପ ପରିଡା, ଶ୍ରମିକ ନେତା ପଲ୍ଟୁ ଦାସ, କୃଷକ ନେତା ରବିନ୍ଦ୍ର ବାରିକ, ବସନ୍ତ ଦାସ, ସବିତା ଭୂୟାଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ଜଳେଶ୍ୱର ରେଳ ଷ୍ଟେସନ ସମ୍ମୁଖରୁ ବାହାରି ସହର ପରିକ୍ରମା କରି ଥାନା ସମ୍ମୁଖରେ ପହଂଚିଥିଲା।

## ରେଳ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଅଜଣା ଯୁବକ ଗୁରୁତର

ରାଜଘାଟ, ୩୦।୬ (ସମିସ): ବସ୍ତା ବ୍ଲକ ଅମର୍ଦା ରେଳ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୩ ନିକଟରେ ରେଳ ଲାଇନ ଉପରେ ଥିବା ହାଇଟେନସନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଅଜଣା ଯୁବକ ଗୁରୁତର ଆହତ ହୋଇଛନ୍ତି। ପ୍ରାୟ ୩୦-୩୫ ବର୍ଷ ବୟସର ଏହି ଯୁବକ ଛିଡା ହୋଇଥିବା ମାଲବାହୀ ଟ୍ରେନର ଛାତ ଉପରେ ଚଢି ୨୫ହଜାର ଭୋଲ୍ଟ ଓଭରହେଡ୍ ଇଲେକ୍ଟ୍ରିକ୍ ତାରକୁ ଛୁଇଁ ଦେଇଥିଲେ। ତାର ସଂସ୍ପର୍ଶରେ ଆସିବା ମାତ୍ରେ ସେ ଶକ୍ତ ବିଦ୍ୟୁତ ଆଘାତ ପାଇ ଟ୍ରେନ ଛାତରୁ ତଳକୁ ଖସି ପଡିଥିଲେ। ଘଟଣା ଦେଖି ପ୍ଲାଟଫର୍ମରେ ଥିବା ଲୋକେ ଓ ରାସଗୋବିନ୍ଦପୁର ଅଗ୍ନିଶମ ବାହିନୀ ତୁରନ୍ତ ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥେମେ ବସ୍ତା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଯୁବକଙ୍କ ଶରୀର ୫୦ପ୍ରତିଶତ ରୁ ଅଧିକ ପୋଡି ଯାଇଥିବା ଡାକ୍ତର କହିଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ଜଣାପଡିନାହିଁ, ସ୍ଥାନୀୟ ଲୋକେ କହିଛନ୍ତି ସେଜଣେ ମାନସିକ ବିକୃତ ଯୁବକ ତେବେ ଜିଆରପି ପୁଲିସ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା

ନୀଳଗିରି, ୩୦।୬ (ସମିସ): ସୁଶିଲ କୁମାର ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଓ ନୀଳଗିରି ପରିବାର ଆର୍. କେ ରେସିଡେନ୍ସିଆଲ ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ତଥା ନିର୍ଦ୍ଦେଶିକା ୱପାଲି ଉପମିତା ପ୍ରଧାନଙ୍କ ପରାମର୍ଶ କ୍ରମେ ବିଦ୍ୟାଳୟରେ ନୂଆକରି ନାମ ଲେଖାଇଥିବା ପିଲାଙ୍କୁ ବନ୍ଦାପନା କରି, ଶଙ୍ଖ ବଜାଇ, ମିଷ୍ଟାନ୍ନ ଖୁଆଇ ସ୍ୱାଗତ କରା ଯାଇଥିଲା। ଏହା ସହ ଗତ ମେଟ୍ରିକ ପରିକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଓ ଛାତ୍ରୀ ଦ୍ୱୟଙ୍କୁ 'ସେବା' ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ପଣ୍ଡା, ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ର ସିନିଅର ଜେନେରାଲ ମ୍ୟାନେଜର ଚିନ୍ତାମଣି ଦାସ, ୟୁକୋ ବ୍ୟାଙ୍କ ର ଅବସର ପ୍ରାପ୍ତ ମ୍ୟାନେଜର ଶ୍ରୀଯୁକ୍ତ କମଳାକାନ୍ତ ଦାଶ ମହାପାତ୍ର, ଇଞ୍ଜିନିଅର ଓ.ଏମ.ସି



ଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ବିଦ୍ୟାଳୟ ର ପୁର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୋମନାଥ ନାୟକ ଯୋଗଦାନ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମନୋରଂଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ସହଯୋଗ ରେ ଉତ୍ସବଟି ସାଫଲ୍ୟ ମଣ୍ଡିତ ହୋଇଥିଲା।

## ମଦ ଦୋକାନ ସ୍ଥାନାନ୍ତର ଦାବିରେ ତହସିଲ ସମ୍ମୁଖରେ ନିର୍ଜଳା ଧାରଣା


ଜଳେଶ୍ୱର/ ଜଳେଶ୍ୱର ବ୍ଲକ, ୩୦।୬ (ସମିସ)




ଜଳେଶ୍ୱର ପୌରାଂଚଳର ୧୨ନଂ ୱାର୍ଡ ନୂଆବଜାର ଜି.କେ.ଭଟ୍ଟର ହସପିଟାଲ ନିକଟସ୍ଥ ଦାସ କଲୋନୀର ମୁଖ୍ୟ ରାସ୍ତା ସମ୍ମୁଖରେ ଥିବା ମଦ ଦୋକାନକୁ ସ୍ଥାନାନ୍ତର ପାଇଁ ବିଭିନ୍ନ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ତଥା ସ୍ଥାନୀୟ ପ୍ରଶାସନ ନିକଟରେ ଦାବୀ କରିବା ପରେ ଆଜିଯାଏ କୌଣସି ପଦକ୍ଷେପ ନ ନେବା ଫଳରେ ଆଜି ସକାଳ ୧୦ ଘଟିକା ସମୟରୁ ଜଳେଶ୍ୱର ତହସିଲ ସମ୍ମୁଖରେ କଲୋନୀ ବାସୀଙ୍କ ତରଫରୁ ନିର୍ଜଳା ଗଣଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲିବ ବୋଲି ଧାରଣାରେ ବସିଥିବା କଲୋନୀ ବାସୀ କହିଛନ୍ତି। ସୂଚନାନୁଯାୟୀ ଏହି କଲୋନୀରୁ ବାହାରିବା ପାଇଁ ଏକମାତ୍ର ମୁଖ୍ୟ ସଡକ ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥ ସହିତ ଲାଗିଛି। ଯାହାର ସମ୍ମୁଖରେ ଏକ ସରକାରୀ ମଦ ଦୋକାନ ରହିଛି। ସରକାରଙ୍କ ନିୟମାନୁଯାୟୀ ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୫୦୦ମିଟର ଦୂରରେ ମଦ ଦୋକାନ ରହିବାର ନିୟମ ରହିଥିଲେ ମଧ୍ୟ ଏହି ଦୋକାନଟି ଶିକ୍ଷାନୁଷ୍ଠାନ ଠାରୁ ମାତ୍ର ୩୨୫ମିଟର ଦୂରରେ ରହିଛି ଏବଂ କଲୋନୀର ଶିବ ମନ୍ଦିର ନିକଟରୁ ୨୮୩ ମିଟର ଦୂରତାରେ ଓ ଆଦିବାସୀ ସାହିଠାରୁ ମାତ୍ର ୪୦ମିଟର ଦୂରତାରେ ରହିଛି ଯାହା ସମ୍ପୂର୍ଣ୍ଣ ବେନିୟମ ଅଟେ। ଏହି କଲୋନୀର ରହୁଥିବା ମହିଳା, ଝିଅ, ଛୋଟ ଛୋଟ ପୁଅଝିଅ ମାନେ ଘରୁ ବାହାରକୁ ଯିବା ପାଇଁ ଅସୁରକ୍ଷିତ ମଣୁଛନ୍ତି। ତେଣୁ ତୁରନ୍ତ ଏହି ଠିପି ବନ୍ଦ ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବୀରେ କଲୋନୀ ବାସୀ ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ନିର୍ଜଳା ଗଣ ଧାରଣାରେ ବସିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ କୌଣସୀ ପଦାଧିକାରୀ ଧାରଣାକାରୀଙ୍କ ସହିତ କଥାବାର୍ତ୍ତା ପାଇଁ ଆସି ନ ଥିବା ବେଳେ ଧାରଣାରତ ଲୋକମାନେ ଧାରଣାରେ ବସିଥିବାର ଦେଖିବାକୁ ମିଳିଛି। ଏହି ଧାରଣାରେ ରମେଶ ଚନ୍ଦ୍ର ଜେନା, ଅଶୋକ କୁମାର ଦାସ, ସୁକାନ୍ତ କୁମାର ଦେ, ସୁଧାଂଶୁ ଶେଖର ନନ୍ଦୀ, ପୁଷ୍ପଲତା ଦାସ, ସସ୍ମିତା ପରିଡା, ଅରତୀ ବାଳା ପ୍ରଧାନ, ଗଗନ ବିହାରୀ ପରିଡା, କଳ୍ପନା ପାତ୍ର, ଗିତାଂଜଳୀ ଦାସ, ମିନତୀ ପ୍ରଧାନ, ପ୍ରଭାତୀ ସିଂହ, ପ୍ରେମମୟୀ ଦାସ, ସୁମୀ ହାଁସଦା, ସୁମତୀ ମୁର୍ମୁ, ଫୁଲ ମୁର୍ମୁ, ପାର୍ବତୀ ମୁର୍ମୁ, ଶୁକମଣୀ ମୁର୍ମୁ, ମାଳତୀ ମୁର୍ମୁ, ମୁନୀ ମୁର୍ମୁ ପ୍ରମୁଖ ଧାରଣାରେ ବସିଛନ୍ତି।

## ରେମୁଣା ଗୋବିନ୍ଦଜୀଉ ମନ୍ଦିରରେ ଦେବସ୍ନାନ ଉତ୍ସବ

ରେମୁଣା, ୩୦।୬ (ସମିସ ): ରେମୁଣା ଗୋବିନ୍ଦଜୀଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଦେବସ୍ନାନ ମଣ୍ଡପରେ ଶ୍ରୀ ଶ୍ରୀ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ମାତା, ଜଗନ୍ନାଥ



ଜୀଉ ପହଣ୍ଡି ବିଜେ କରି ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂରତି ଆରମ୍ଭ ହୋଇ ସକାଳ ନିତ୍ୟପୂଜା ଅର୍ଚ୍ଚନା ପରେ ଚାରି ପୂଜକଙ୍କ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗଙ୍ଗାଜଳ, ପଇଡ଼ଜଳ, ସୁବାସିତ ଅଗୁର, ଚନ୍ଦନ, ଚୁଆ, ତ୍ରିବେଣୀ ଜଳ, ଆଠପ୍ରକାର ଫୁଲରେ ମହାପ୍ରଭୁଙ୍କୁ ସ୍ନାନ କରାଯାଉଥିବା ବେଳେ ମହାପ୍ରଭୁଙ୍କୁ ସ୍ନାନ ଦର୍ଶନ ନିମନ୍ତେ ଶତାଧିକ ଭକ୍ତ ଗଣଙ୍କ ସୁଅ ଛୁଟିଥିବାର ଦେଖିବାକୁ ମିଳିଥିଲା। ସ୍ନାନ ବେଦିରୁ ମହାପ୍ରଭୁ ଶ୍ରୀମନ୍ଦିର ନାଟ ମନ୍ଦିର ରତ୍ନ ବେଦିରେ ଜୀଉଙ୍କ ଯୋଗୀ ଓ ଗଜ ବେଶରେ ଭକ୍ତଙ୍କୁ ମହାପ୍ରଭୁ ଦର୍ଶନ ଦେଇଥିଲେ। ଗୋବିନ୍ଦଜୀଉ ମନ୍ଦିର ସେବାୟତର ପୂଜକ ଭାବେ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ସନ୍ତୋଷ ପାଢ଼ୀ, ଗଣେଶ ଚନ୍ଦ୍ର ପାଢ଼ୀ, ବ୍ରଜକିଶୋର ପାଢ଼ୀ ପ୍ରମୁଖଙ୍କ ପୌରହିତ୍ୟରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ହାଇଦ୍ରାବାଦରେ ଦାଦନ ଖଟୁଥିବା ପୁଅର ଅକାଳ ମୃତ୍ୟୁ

# ବେସାହାରା ମା', ଡୋରି ବାନ୍ଧି ଦିନ କାଟୁଛନ୍ତି ପୁତୁରା-ଝିଆରୀ

ଚନ୍ଦନେଶ୍ୱର, ୩୦।୬ (ସମିସ)



ଦାରିଦ୍ର୍ୟ, ଅଭାବ, ଅସହାୟତା ଓ ଭାଗ୍ୟର ନିଷ୍ଠୁର ପରିହାସ ମଣିଷ ଜୀବନକୁ କେତେ ଦୁଃଖଦ କରିପାରେ, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶଙ୍ଖାରୀ ପଞ୍ଚାୟତ ଅନ୍ତର୍ଗତ ଚକନାଫରାଇ ଗ୍ରାମରେ। ଜଣେ ବୃଦ୍ଧା ମା'ଙ୍କ ଜୀବନରେ ଗୋଟିଏ ପରେ ଗୋଟିଏ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ମାନସିକ ବିକାରଗ୍ରସ୍ତ ବଡ଼ପୁଅ ତିନି ବର୍ଷ ହେଲା ନିଖୋଜ। ବୋହୂ ଦୁଇ ନାବାଳକ ସନ୍ତାନଙ୍କୁ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଆଉ ଏବେ ପରିବାରର ଏକମାତ୍ର ଆଶା ଓ ସାହାରା ଥିବା ସାନପୁଅ ହାଇଦ୍ରାବାଦରେ ଦାଦନ ଖଟୁଥିବା ବେଳେ ଅକାଳରେ ପ୍ରାଣ ହରାଇଛନ୍ତି। ଏହା ପରେ ସମ୍ପୂର୍ଣ୍ଣ ପରିବାର ଯେପରି ଅନ୍ଧକାରରେ ବୁଡ଼ିଯାଇଛି।

ଚକନାଫରାଇ ଗ୍ରାମର ବାସିନ୍ଦା ବାସନ୍ତୀ ଜେନା (୬୮)ଙ୍କ ବଡ଼ପୁଅ ଗଣେଶ ଜେନା (୪୫) ମାନସିକ ବିକାରଗ୍ରସ୍ତ ଥିଲେ। ପ୍ରାୟ ତିନି ବର୍ଷ ପୂର୍ବରୁ ସେ ଘରୁ କୁଆଡ଼େ ଚାଲିଯାଇଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିନାହିଁ। ଏହି ଘଟଣା ପରେ ତାଙ୍କ ବୋହୂ ମଧ୍ୟ ଦୁଇ ନାବାଳକ ପୁଅ-ଝିଅଙ୍କୁ ଛାଡ଼ି ଅନ୍ୟ ଜଣଙ୍କ ସହ ଚାଲିଯାଇଥିଲେ। ସେହି ଦୁଇ ଅବୋଧ ଶିଶୁଙ୍କ ଲାଳନ-ପାଳନର ଦାୟିତ୍ୱ ନେଇଥିଲେ ବାସନ୍ତୀଙ୍କ ସାନପୁଅ କାର୍ତ୍ତିକ ଚନ୍ଦ୍ର ଜେନା (୩୮)। ପରିବାରର ଭବିଷ୍ୟତକୁ ଆଖି ଆଗରେ ରଖି ସେ ନିଜେ ବିବାହ ନ କରି ଘରର ଦାୟିତ୍ୱ ବହନ କରୁଥିଲେ। ଘରର ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ଦୟନୀୟ ଥିବାରୁ କାର୍ତ୍ତିକ ରୋଜଗାର ଆଶାରେ ଦାଦନ ଶ୍ରମିକ ଭାବେ ହାଇଦ୍ରାବାଦ ଯାଇଥିଲେ। ସେଠାରେ କାମ କରି ଯାହା ରୋଜଗାର କରୁଥିଲେ, ସେହି ଟଙ୍କାରେ ବୃଦ୍ଧା ମା' ଓ ଭାଇଙ୍କ ଅନାଥ ପୁଅ-ଝିଅଙ୍କ ପେଟ ପୋଷୁଥିଲେ। କିନ୍ତୁ ନିୟତିର ଖେଳ ଥିଲା କିଛି ଅଲଗା। ଗତ ୨୮ ତାରିଖ ରବିବାର ପ୍ରାୟ ଦିନ ୧୧ଟା ୪୦ ମିନିଟ୍ ସମୟରେ ହାଇଦ୍ରାବାଦର ଏକ ରାସ୍ତାରେ କାର୍ତ୍ତିକଙ୍କ ମୃତ୍ୟୁ ହୋଇଥିବା ଖବର ଗାଁରେ ପହଞ୍ଚିଥିଲା। ଏହି ଦୁଃଖଦ ସୂଚନା ପାଇବା ପରେ ବାସନ୍ତୀ ଜେନାଙ୍କ ପାଦ ତଳୁ ମାଟି ଖସିଯାଇଥିଲା। କାନ୍ଦି କାନ୍ଦି ସେ କହୁଛନ୍ତି, "ମୋ ପୁଅକୁ କିଏ ମାରିଦେଇଛି। ସେ ମୋତେ ଛାଡ଼ି କେବେ ଯିବାର ନଥିଲା। ପରିବାରର ଅତ୍ୟନ୍ତ ଦୟନୀୟ ଆର୍ଥିକ ସ୍ଥିତି ଯୋଗୁଁ ହାଇଦ୍ରାବାଦରୁ ଶବକୁ ଗାଁକୁ ଆଣିବା ସମ୍ଭବ ହୋଇନଥିଲା। ଫଳରେ ସେଠାରେ ହିଁ କାର୍ତ୍ତିକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏବେ ଘରେ ପୁଅର ଶୁଦ୍ଧିକ୍ରିୟା କିପରି ସମ୍ପନ୍ନ ହେବ, ତାହାକୁ ନେଇ ବୃଦ୍ଧା ମା' ଗଭୀର ଚିନ୍ତାରେ ରହିଛନ୍ତି। ଘରେ ରୋଜଗାର କରିବାକୁ କେହି ନାହାନ୍ତି। ମିଳୁଥିବା ରେସନ ଚାଉଳ ମଧ୍ୟ ବନ୍ଦ ହୋଇଯାଇଛି। କେବଳ ମାସକୁ ମିଳୁଥିବା ଏକ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତାରେ କଷ୍ଟେମଷ୍ଟେ ଜୀବନ ଚାଲୁଛି।

ଏବେ ବାସନ୍ତୀଙ୍କ କୋଳରେ ରହିଛନ୍ତି କେବଳ ନିଖୋଜ ବଡ଼ପୁଅଙ୍କ ଅନାଥ ପୁଅ-ଝିଅ। ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି। ପରିବାରର ସମସ୍ତ ଭରସା ଭାଙ୍ଗିପଡ଼ିଥିବା ବେଳେ କିପରି ଦୁଇ ଶିଶୁଙ୍କ ଲାଳନ-ପାଳନ କରିବେ ଓ ପୁଅର ଶୁଦ୍ଧିକ୍ରିୟା ସମ୍ପନ୍ନ କରିବେ, ସେହି ଚିନ୍ତାରେ ଦିନରାତି ଭାଙ୍ଗିପଡ଼ିଛନ୍ତି ଏହି ବୃଦ୍ଧା ମା'। ଏହି କରୁଣ ଘଟଣା ଗାଁରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ସ୍ଥାନୀୟ ଅଧିବାସୀ, ପଡ଼ୋଶୀ ଓ ଗ୍ରାମବାସୀ ବାସନ୍ତୀଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାର ଓ ପ୍ରଶାସନ ତୁରନ୍ତ ଏହି ଅସହାୟ ପରିବାରକୁ ଆର୍ଥିକ ସହାୟତା, ରେସନ ସୁବିଧା ପୁନଃ ଯୋଗାଇ ଦେବା ସହିତ ଅନାଥ ଶିଶୁମାନଙ୍କ ଭବିଷ୍ୟତ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସମାଜର ବଦାନ୍ୟ ବ୍ୟକ୍ତିମାନେ ମଧ୍ୟ ଏହି ଦୁଃଖୀ ପରିବାରକୁ ସହାୟତାର ହାତ ବଢ଼ାଇବାକୁ ଆଗେଇ ଆସିବାକୁ ସାଧାରଣରେ ଆହ୍ୱାନ କରାଯାଇଛି।

## ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ନୀଳଗିରି, ୩୦।୬ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ନୀଳଗିରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ଗ୍ରାମାଞ୍ଚଳ ମାନଙ୍କରେ ଯଥା ଧୋବ ଶିଳା, ମହିଷା ପଟା, ଅଯୋଧ୍ୟା ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକ ମାନଙ୍କ ମଧ୍ୟରେ ଅନ୍ଧ ବିଶ୍ୱାସ, କୁସଂସ୍କାରରେ ବଶବର୍ତ୍ତୀ ହୋଇ ବିଭିନ୍ନ ପ୍ରକାର ଅପରାଧ ଘଟାଉଥିବାରୁ ତାହା ସାମାଜିକ ବ୍ୟାଧି ଏବଂ ତାହାକୁ ଦୂର କରିବା ବିଜ୍ଞାନ ଓ ଡ଼ାକ୍ତରୀ ଚିକିତ୍ସା ଦ୍ୱାରା ବିଭିନ୍ନ ରୋଗ ବ୍ୟାଧିର ନିରାକରଣ ଉପରେ ଗୁରୁତ୍ୱ ଦେବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହାକୁ ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର ମାଧ୍ୟମରେ ଦୂରୀକରଣ ନିମନ୍ତେ ପ୍ରଶାସନ ପକ୍ଷରୁ ଦୁଇ ଭାଇ ପାଲ। ଟ୍ରୁପର ଗାୟକ ଚନ୍ଦ୍ର ମୋହନ ରାଉଳ ଏବଂ ସାଥୀଙ୍କ ଦ୍ୱାରା ପଥପ୍ରାନ୍ତ ପାଲା ପରିବେଷଣ କରାଯାଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଓଏସଡି ପୁରୁଷୋତ୍ତମ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

## ମା'ପୁଅଙ୍କୁ ବାଲି ମାଫିଆଙ୍କ ଆକ୍ରମଣ ଅଭିଯୋଗ

କାଳିପଦା, ୩୦।୬ (ସମିସ): ବାଲିଆପାଳ ଥାନା ଅନ୍ତର୍ଗତ ପାଳପଡ଼ା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ଦଶ ଘଟିକା ସମୟରେ ପାଳପଡ଼ା ଗ୍ରାମର ସାଧବ ଦାସ ଓ ଜିତୁ ଦାସ ବାଲି ଚୋରା ଚାଲାଣ କୁ କେନ୍ଦ୍ର କରି ସୁବର୍ଣ୍ଣରେଖା ନଦୀ ବନ୍ଧ ଉପରେ ସେହି ଗ୍ରାମର ଏକ ନାବାଳକକୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ସମୟରେ ନାବାଳକର ମାଆ ଲତାମଣି ଦାସ ନିଜ ପୁଅକୁ ମାଫିଆଙ୍କ କବଳରୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଅସଦାଚରଣ ସହିତ ଶାରିରୀକ ନିର୍ଯାତନାର ଶୀକାର ହୋଇ ଥିବା ନେଇ ବାଲିଆପାଳ ଥାନରେ ଲିଖିତ ଅଭିଯୋଗ ହୋଇଛି। ପାଳପଡ଼ା ଗ୍ରାମର ସାଧବ ଦାସ ଓ ଜିତୁ ଦାସ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ବାଲି ଚୋରା ଚାଲାଣ କରି ଆସୁଥିଲେ। ବାରମ୍ବାର ପ୍ରଶାସନ ସେଠାରେ ଚଢ଼ାଉ କରି ଫେଲ ମାରିଥିବା ବେଳେ ଅଳ୍ପ ଦିନ ତଳେ ବାଲିଆପାଳ ପୁଲିସ ଓ ଖଣି ବିଭାଗ ପକ୍ଷରୁ ବାଲି ଚୋରା ଚାଲାଣ ରାସ୍ତାକୁ ତାଡ଼ି ଦେବାରୁ ବାଲି ଚୋରା ଚାଲାଣ ବନ୍ଦ ହୋଇଛି। ଏହି ବାଲି ଚୋରା ଚାଲାଣର ବାବଦରେ ଉକ୍ତ ନାବାଳକ ମେଣ୍ଟୁ ଦାସର ସମ୍ପୃକ୍ତି ଥିବା ସନ୍ଦେହ କରି ଉଭୟ ଜିତି ଓ ସାଧବ ଦାସ ମେଣ୍ଟୁକୁ ଆକ୍ରମଣ କରି ଥିଲେ। ଏହି ଖବର ପାଇ ମାଆ ଲତାମଣି ପୁଅକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ଅସଦାଚରଣର ଶିକାର ହେବା ସହିତ ବହୁତ ମାଡ଼ ଖାଇ ଥିବା ନେଇ ଲିଖିତ ଅଭିଯୋଗରେ ପ୍ରକାଶ କରିଛନ୍ତି।

## ୩୦୦ ସାନିଟାରୀ ପ୍ୟାଡ୍ ବାଣ୍ଟିଲେ ବିଜେପି ନେତ୍ରୀ



ଜଳେଶ୍ୱର, ୩୦।୬ (ସମିସ) : ମହିଳା ସୁସ୍ଥ ସବଳ ରହିଲେ ସମାଜ ସମୃଦ୍ଧ ହେବ।ଏହି ଉକ୍ତିକୁ ପାଥେୟ କରି ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତ,ବଙ୍ଗା ଆଦିବାସୀ ସାହିରେ ସାନିଟାରୀ ପ୍ୟାଡ୍ ବାଣ୍ଟିଲେ ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଅଳକା ଜେନା। ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ ରାଜ୍ୟ କେନ୍ଦ୍ର ସରକାରଙ୍କ ନାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମହିଳା ମାନେ ସ୍ୱାବଲମ୍ବୀ ହେବା ସହିତ,ସଚେତନ,ପରିଷ୍କାର ପରିଚ୍ଛନ୍ନ ଏବଂ ଆଖପାଖର ପରିବେଶ କୁ ସୁରକ୍ଷିତ ରଖିବା ଲାଗି ଆହ୍ୱାନ ଦେଇଥିଲେ। ୩ ଶହ ମାଁ ଭଉଣୀ ମାନଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ ସହିତ ସଚେତନ କରିଥିଲେ। ପ୍ରଭାକର ନାଥ, ବିଶ୍ୱନାଥ ମହାନ୍ତି, ବଳରାମ ହେମ୍ବ୍ରମ, ବାବଲା ହେମ୍ବ୍ରମ, ଜିତାଂଶୁ ନାଥ, ଧରଣୀ ଜେନା, ଡିବରୁ ଟୁଡୁ, ଶଙ୍କର ଟୁଡୁ, କାର୍ତ୍ତିକ ମାରାଣ୍ଡି, ସତ୍ୟ ସାଧନ ନାଥ, ଶିଶିର ଜେନା, ନରୋତ୍ତମ ନାଥ, ବିବେକ ଜେନା, ସନ୍ତୋଷ ଜେନା, ସାଗର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବଙ୍ଗୀୟ ମହିଳାଙ୍କୁ ଯୁବକଙ୍କ ଦୁର୍ବ୍ୟବହାର ଅଭିଯୋଗ

ଚନ୍ଦନେଶ୍ୱର, ୩୦।୬ (ସମିସ) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର -ଜଳେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ନେଗୁଆଁ ଛକଠାରେ ଜଣେ ବଙ୍ଗୀୟ ମହିଳା ସ୍କୁଟିରେ ଯାଉଥିବା ବେଳେ ପଛପଟୁ ଜଣେ ଯୁବକ ବାଇକରେ ଗୋଡ଼ାଇ ଗୋଡ଼ାଇ ନିଛାଟିଆ ଜାଗାରେ ମହିଳାଙ୍କ ଇଲେକ୍ଟ୍ରି ସ୍କୁଟିକୁ ପଛ ପଟୁ ଧକ୍କା ଦେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମହିଳାଙ୍କ ବେକରୁ ଓଢଣୀ ଟାଣି ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣା ବିଷୟରେ ବଙ୍ଗୀୟ ମହିଳା ଜଣକ ସ୍ଥାନୀୟ ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଅଭିଯୋଗକୁ ୧୫ ଦିନ ବିତିଯିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପୁଲିସ ଗ୍ରହଣ କରି ନ ଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ବିବରଣୀରୁ ପ୍ରକାଶ, ପଡ଼ୋଶୀ ପଶ୍ଚିମବଙ୍ଗ ରାମ ନଗର ଥାନା ଅଞ୍ଚଳର ନାରଦଣ୍ଡା ଗାଁର ଚନ୍ଦନ କର ଓ ତାଙ୍କ ପତ୍ନୀ ଅନୁଶ୍ରୀ କର (୩୦) ଭୋଗରାଇ ଥାନା ଅଧୀନ ସୋହରିଆ ଗାଁରେ ଘର ଭଡ଼ା ନେଇ ବିଗତ ଦୁଇ ବର୍ଷ ଧରି ରହନ୍ତି। ଚଳିତ ମାସ ଗତ ୧୫ତାରିଖରେ ଅନୁଶ୍ରୀ ଚନ୍ଦନେଶ୍ୱର ବଜାରରୁ ଘରକୁ ଫେରୁଥିବା ବେଳେ କଖଡ଼ା ପଞ୍ଚାୟତ ଅନ୍ତର୍ଗତ ତଲାଡି ଗାଁର ସ୍ୱର୍ଗତଃ କାଳିଚରଣ ଦାସଙ୍କ ପୁଅ ପ୍ରଶାନ୍ତ ଦାସ(୩୫) ତାଙ୍କୁ ଏକ ବାଇକ ଯୋଗେ ଗୋଡ଼ାଇ ଯାଇ ନେଗୁଆଁ ଛକରୁ ଅନତି ଦୂରରେ ରାସ୍ତାରେ ମହିଳାଙ୍କ ଇଲେକ୍ଟ୍ରି ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ମହିଳା ଜଣକ ଇତସ୍ତତଃ ହୋଇ ଗାଡ଼ି ଅଟକାଇବା ପରେ ସ୍କୁଟିର ଚାବି ଓ ମହିଳାଙ୍କ ବେକରୁ ଓଢ଼ଣି ଖୋଲି ନେଇ ଅଶ୍ଳୀଳ କଥା କହି ଦୁର୍ବ୍ୟବହାର କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ମହିଳା ଜଣକ ଭୟଭୀତ ହୋଇ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ପଥଚାରି ଓ ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରଶାନ୍ତ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ମାତ୍ର ପୁଲିସ ଅଭିଯୁକ୍ତ ଯୁବକ ନାମରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପରିବାର ଲୋକେ ବାରମ୍ବାର ଫାଣ୍ଡିକୁ ଦୌଡ଼ି ନିରାଶ ହେବା ପରେ ଆଜି ସକାଳେ ସ୍ଥାନୀୟ ଭଦ୍ର ବ୍ୟକ୍ତି ଓ ପରିବାର ସହିତ ଅଭିଯୋଗକାରିଣୀ ଅନୁଶ୍ରୀ ଚନ୍ଦନେଶ୍ୱର ଫାଣ୍ଡିକୁ ଆସି ଅପେକ୍ଷା କରିଥିଲେ ମଧ୍ୟ ଅଭିଯୁକ୍ତ ପ୍ରଶାନ୍ତ ଦାସ ନ ଆସିବାରୁ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥୀ ପ୍ରକାଶ କରିଛନ୍ତି।

## ବିନା ବିକଳ୍ପରେ ଶିକ୍ଷକ ବଦଳି, ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ

ଖଇରା,୩୦।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟରେ କୌଣସି ଶିକ୍ଷକ ନିଯୁକ୍ତି ନ ଦେଇ ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାପାଇଁ ପ୍ରକ୍ରିୟା ଚାଲିଥିବାରୁ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଶିକ୍ଷାବିଭାଗ ଏଭଳି ନିଷ୍ପତ୍ତିରୁ କ୍ଷାନ୍ତ ନହୁଏ ତେବେ ପରିଚାଳନା କମିଟି ସଭାପତି ଦିପକ ମହାରଣାଙ୍କ ନେତୃତ୍ୱରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଶହଶହ ସଂଖ୍ୟାର ଅଭିଭାବକ ତଥା ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହେବାକୁ ଚେତାବନୀ ଦେବା ସହ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଏବେ ୫ଟି ଶ୍ରେଣୀରେ ୧୩୦ଜଣ ପିଲା ଅଧ୍ୟୟନ କରୁଥିବା ବେଳେ ଏବେ ମାତ୍ର ୩ଜଣ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଏବେ ଏଠାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ରୋଜାଲୀ ଦିବ୍ୟଜ୍ୟୋତି ପଣ୍ଡାଙ୍କୁ ଅନ୍ୟତ୍ର ବଦଳୀ ପାଇଁ ଶିକ୍ଷାବିଭାଗ ପ୍ରସ୍ତୁତି ଚଳାଇଥିବା ଖବର ପରିଚାଳନା କମିଟି ପାଇବା ପରେ ଏଥିନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଚିନ୍ତା ରେ ପକାଇଛି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ଯୋଗାଯୋଗ କରିବାରେ ଏହି ବଦଳୀ ଜିଲା କାର୍ଯ୍ୟାଳୟ ମାଧ୍ୟମରେ କରାଯାଉଥିବାରୁ ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି କହିଛନ୍ତି।

## ହାଇଦ୍ରାବାଦରୁ ନାବାଳିକାକୁ ଉଦ୍ଧାର କଲା ନୀଳଗିରି ପୁଲିସ

ନୀଳଗିରି, ୩୦।୬ (ସମିସ): ନୀଳଗିରି ଥାନା ଇଶ୍ୱରପୁର ଫାଣ୍ଡି ଅଞ୍ଚଳରେ ଏକ ନାବାଳିକା ନିଖୋଜ ନେଇ ଗତ ୩/୩/୨୬ରେ ନାବାଳିକାର ବାପା ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ନୀଳଗିରି ପୁଲିସ ଘଟଣାର ଅନୁସନ୍ଧାନ ଚଳାଇଥିଲା। ଏହା ଭିତରେ ନାବାଳିକାର ଭାଇ ପୁଲିସ ବିରୁଦ୍ଧରେ ସୋସିଆଲ ମିଡିଆରେ ଭାଇରାଲ କୁ ନୀଳଗିରି ପୁଲିସ ଖାତିର ନ କରି ଶେଷରେ ମୋବାଇଲ ଟ୍ରାପ୍ କରି ହାଇଦ୍ରାବାଦ ଚେଲାପଲ୍ଲି ଥାନା ନିକଟସ୍ଥ ଚେଲ୍ଲା ପଲ୍ଲୀ ରେଳ ଷ୍ଟେସନ ନିକଟରେ ଏକ ଫ୍ୟାନ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ନୀଳଗିରି ପୁଲିସ ନାବାଳିକାକୁ ଉଦ୍ଧାର କରି ନୀଳଗିରି ଆଣିଛନ୍ତି। ଥାନରେ ପହଞ୍ଚିବା ପରେ ନାବାଳିକାର ମେଡିକାଲ ଟେଷ୍ଟ, ୧୬୧ଧାରାର ବୟାନ ପରେ ମାନ୍ୟବର କୋର୍ଟରେ ୧୬୪ବୟାନ ରେକର୍ଡ ପରେ ନାବାଳିକାକୁ ବାଲେଶ୍ୱର ସି.ଡ୍ଲୁ.ସି କୁ ପଠାଇ ଦିଆଯାଇଛି।

## ତିନି ପଟିଦିଅଁ ୮ ଜଗନ୍ନାଥ ମନ୍ଦିରକୁ ବିଜେ

ବାଲେଶ୍ୱର,୩୦।୬ (ସମିସ): ନୋସି କଲ୍‌ଚରାଲ ଏକାଡ଼େମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ବାମପଦାସ୍ଥ ନୋସି ଉତ୍କଳାରେ ଆୟୋଜିତ ୬ ଦିନିଆ ୧୨ତମ ପଟିଦିଅଁ ଅଙ୍କନ ଉତ୍ସବର ଅନ୍ତିମ ଦିବସରେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ମା' ଭୁବନେଶ୍ୱରୀ ପଟିଦିଅଁ ଆଠଟି ଜଗନ୍ନାଥ ମନ୍ଦିରକୁ ବିଜେ କଲେ। ନୀଳଗିରି, ଶାସଙ୍ଗ, ଜୟଦେବ କସବା, ଗଣେଶ୍ୱର ପୁର, ମଧୀପୁର, ବେତନଟି, ଛଣପୁର, ଦୁବଲାଗଡି ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥଙ୍କ ଆଜ୍ଞା ମାଳ ଧରି ପଣ୍ଡା ପୂଜକ ଓ ମନ୍ଦିରର କର୍ମକର୍ତ୍ତା ସହ ତୁରୀ, ଭେରି, ଘଣ୍ଟ, ଖୋଳ, କରତାଳର ସଂକୀର୍ତ୍ତନ ମଣ୍ଡଳୀ ଜଗନ୍ନାଥଙ୍କ ଭଜନ କୀର୍ତ୍ତନ କରି ପଟିଦିଅଁ ଅଙ୍କନ ସ୍ଥଳୀରେ ପହଞ୍ଚିଥିଲେ ସନ୍ଧ୍ୟା ୬ ଘଟିକାରେ। ଅପରାହ୍ନ ୪ ଘଟିକାରେ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ, ଦେବାଶିଷ ପତି, ରୂପକ ଦାସ, ଗଦାଧର ମହାନ୍ତି,



ପପୁନ ପ୍ରଧାନ, ପ୍ରଦୀପ ବାଡ଼ି, ଶୁଭମ୍ ରାଉତ, ସମୀର ବେହେରା, ବୀରେନ ଦାସ ପ୍ରମୁଖ ସମସ୍ତ ଚିତ୍ରକର ମାନେ ଉପସ୍ଥିତ ରହି ପଟିଦିଅଁଙ୍କୁ ଯଥାବିଧି କରିଥିଲେ। ତୂରୀ, ଭେରି, ଘଣ୍ଟ ଖୋଳ କରତାଳ, ଶଙ୍ଖ ଧ୍ୱନିର ନାମ ସଂକୀର୍ତ୍ତନ ସହ ଜୟ ଜଗନ୍ନାଥ, ଜୟ ପଟିଦିଅଁ ଧ୍ୱନିରେ ପ୍ରକମ୍ପିତ ହୋଇ ଥିଲା ସମ୍ପୂର୍ଣ୍ଣ ପରିସର। ଚାନ୍ଦିପୁର ପିକ୍ସଇର ଡାଇରେକ୍ଟର ଡ ସୁବୋଧ କୁମାର ନାୟକ ସହ ବହୁ କର୍ମଚାରୀ, ନୋସି ସମସ୍ତ କର୍ମକର୍ତ୍ତା, ଜଗନ୍ନାଥ ପ୍ରେମୀ ଯୋଗ ଦେଇ ଦିବ୍ୟ ଭବ୍ୟ ଓ ଆକର୍ଷଣୀୟ ପଟିଦିଅଁ ବିଜେ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଏହି ଅବକାଶରେ ଜଉକଣ୍ଢେଇ ପାଇଁ କଳା ଉତ୍ସବରେ ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ସମୀର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୬ ଦିନ ଧରି ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାନ୍ତ ବେହେରା, ରାଘବ ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ସାହୁ, ଶଶାଙ୍କ ଶେଖର ସାହୁ, ସୁନାରାମ ସିଂ ପ୍ରମୁଖ ଆନ୍ତରିକ ସହଯୋଗ କରିଥିଲେ।

## ନିୟମିତ ମିଳୁନି ଭତ୍ତା; ଆଧାର ଲିଙ୍କ୍ ପାଇଁ ଚେତାବନୀ

ଖଇରା,୩୦।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଏପର୍ଯ୍ୟନ୍ତ ବୁଢାବୁଢୀ ଓ ଦିବ୍ୟାଙ୍ଗଙ୍କୁ ସାମାଜିକ ସୁରକ୍ଷାରେ ଭତ୍ତା ଠିକରେ ମିଳିନଥିବାରୁ ସେମାନେ ବାରଦୁଆର ହେଉଛନ୍ତି। ହେଲେ ଏମିତି ଅବସ୍ଥାରେ ଡିବିଟି ପାଇଁ ଜମାଖାତାକୁ ଆଧାର ସହ ଲିଙ୍କ କରିବାକୁ ଚିଠି ମାଧ୍ୟମରେ ସଚିବ ତଥା ଜିଲାପାଳଙ୍କ ଚେତାବନୀ ଭତ୍ତାଧାରୀଙ୍କ ପାଇଁ ବୋଝ ଉପରେ ନଳିତାବିଡା ସାଜିଛି। ସମସ୍ତଙ୍କୁ ନିୟମିତ ଭତ୍ତା ନ ମିଳିବା ପର୍ଯ୍ୟନ୍ତ ପ୍ରଶାସନର ଏଭଳି ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ଭତ୍ତାଧାରୀ ଦାବି କରିଛନ୍ତି। ଖଇରା ବ୍ଲକରେ ମୋଟ ୧୭ହଜାର୨୩୧ଜଣଙ୍କୁ ମଧୁବାବୁ ଯୋଜନାରେ ଭତ୍ତା ନେଉଥିବା ବେଳେ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୭ହଜାର ୯୯୨ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ସଫ୍ଟୱୟାର ଅପଡେଟ ନାମରେ ଇନ୍ଦିରାଗାନ୍ଧୀ ଯୋଜନାରେ ହିତାଧିକାରୀ ମାନଙ୍କୁ ୩ମାସ ଧରି ଭତ୍ତାରୁ ବଞ୍ଚିତ କରି ରଖାଯାଇଥିଲା। ଏବେ ଧାରଣା ଆନ୍ଦୋଳନ ପରେ ୭ହଜାର୮୮୪ଜଣଙ୍କ ୨ମାସର ଭତ୍ତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏବଂ ଏ ପର୍ଯ୍ୟନ୍ତ ୧୦୮ଜଣଙ୍କୁ ୩ ମାସ ଭତ୍ତା ମିଳିପାରିନାହିଁ। ଏଭଳି ପରିସ୍ଥିତିରେ ଜିଲାପାଳ ଓ ସଚୀବଙ୍କ ଚିଠି ବିଧବା,ବୁଢା,ବୁଢୀ ଓ ଦିବ୍ୟାଙ୍ଗଙ୍କୁ ମାନସିକ ସ୍ତରରେ ଭାରାକ୍ରାନ୍ତ କରିଛି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ସଚିବଙ୍କ ତରଫରୁ ସମସ୍ତ ଜିଲାପାଳଙ୍କୁ ରାଜ୍ୟର ୩ଲକ୍ଷ ୩୫ହଜାର ୮୫୦ ଆଧାରକୁ ଆକାଉଣ୍ଟ ସହ ଲିଙ୍କ କରିବାକୁ ଚିଠି ନଂ ୬୫୩୩/ଏସଏସଇପିଡି-ଏସଏସ୨-ଏସଏସ-୦୦୦୩-୨୦୨୬ ରେ କୁହାଯାଇଛି। ସେହିଭଳି ସଚୀବଙ୍କ ଚିଠି ଆଧାରରେ ଜିଲା ର ୧୭ ହଜାର ୩୫୪ଜଣ ଏବଂ ଖଇରା ବ୍ଲକରେ ୮ଶହ ଭତ୍ତାଧାରୀଙ୍କ ଆଧାର ଲିଙ୍କ ପାଇଁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତକୁ ଗିରଫ ଦାବି

ଖଇରା, ୩୦।୬ (ସମିସ): ଖଇରା ଥାନା ତେନ୍ତୁଳିଆପଡା ଗ୍ରାମର ଯଦୁନାଥ ମାଝୀଙ୍କ ପୁତୁରା ଚିନ୍ମୟ ମାଝୀ(୨୮) ଅଜଣା ବାଇକ ଧକ୍କାରେ ମୃତ୍ୟୁ ବରଣ କରିଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଇଥିବା ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାଦା ଉମାକାନ୍ତ ମାଝୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ୨୮ ତାରିଖ ଦିନ ତାଙ୍କ ଶଳା ରମେଶ ବିହାରୀ ତାଙ୍କ ପୁତୁରାକୁ ବାଇକ ବସାଇ କୁପାରୀ-ସୋର ରାସ୍ତାରେ ବାଲେଶ୍ୱର ଯାଉଥିଲେ। ରାସ୍ତାର ପିତାକାଳିଆ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ ମାମୁଁଭାଣଜାଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଥିଲା। ସୋର ଥାନାର ପିସିଆର ଭ୍ୟାନ ଅତିକ୍ରମ କରୁଥିବା ବେଳେ ଗୁରୁତର ଚିନ୍ମୟଙ୍କୁ ନେଇ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସୋରରୁ ସ୍ଥାନାନ୍ତର କରାଯାଇ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ମନ୍ଦିରରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୩୦।୬ (ସମିସ): ସହଦେବଖୁଣ୍ଟାସ୍ଥିତ ଲୋକନାଥ ମନ୍ଦିର ପରିସରରୁ ଆଜି ଜଣେ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସ୍ଥାନୀୟ ପୂଜକ ମନ୍ଦିର ପରିସରରେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ତୁରନ୍ତ ୧୧୨କୁ ଫୋନ କରି ସୂଚନା ଦେଇଥିଲେ। ଖବର ପାଇ ସହଦେବଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ପରିଚୟ ଜାଣିବା ପାଇଁ ଆଖପାଖ ଅଞ୍ଚଳରେ ପଚରାଉଚରା ଚାଲିଛି।

## ପୂର୍ବତନ ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୩୦।୬(ସମିସ): ରାଣୀପାଟଣା ବ୍ୟାଙ୍କ କଲୋନୀ ନିବାସୀ ତଥା ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ପବିତ୍ର ସ୍ନାନପୂର୍ଣ୍ଣିମାରେ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବିଭିନ୍ନ ହାଇସ୍କୁଲ୍‌ରୁ ପ୍ରଧାନଶିକ୍ଷକ ରୂପେ ସୁଚାରୁ ରୂପେ କାର୍ଯ୍ୟ କରି ୨୦୦୧ରେ ଅବସର ଗ୍ରହଣ କରି ରାଣୀପାଟଣାରେ ଘର କରି ରହିଆସୁଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଆଜି ସକାଳେ ସମାଜସେବୀ ଦିଲ୍ଲୀପ କୁମାର ସାହୁ, ହଳଦୀପଦା ପୁରାତନ ଛାତ୍ରସଂସଦର ସଭାପତି ଉପେନ୍ଦ୍ରନାଥ ସାହୁ, ସଂପାଦକ କ୍ଷିତୀଶ ଚନ୍ଦ୍ର ଜେନା, ବରିଷ୍ଠ ଛାତ୍ର ତ୍ଥା ଉପଦେଷ୍ଟା ତାପସ କୁମାର ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ପୁରାତନ ଅବସରପ୍ରାପ୍ତ ଶିକ୍ଷକ ଡ. କୁମାର ଚନ୍ଦ୍ର ମିଶ୍ର, ଛାତ୍ର ଅକ୍ଷୟ କୁମାର ଦାସ, ସ୍ନେହଲତା ପଢି ଏବଂ ବହୁ ଛାତ୍ରଛାତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ଇତ୍ୟବସରରେ ତାଙ୍କର ପ୍ରଥମ କର୍ମସ୍ଥଳୀ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠରେ ବର୍ତ୍ତମାନ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ସବୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି।

## କବିତା ପୁସ୍ତକ 'ପ୍ରକୃତି ମାଧୁରୀ' ଏବଂ 'ଅନ୍ତର୍ବୋଧ' ଉନ୍ମୋଚିତ



ବାଲେଶ୍ୱର, ୩୦।୬(ସମିସ): 'ସୁବର୍ଣ୍ଣଶ୍ରୀ' ପ୍ରକାଶିନୀ ପକ୍ଷରୁ ପ୍ରକାଶିତ କେନ୍ଦ୍ରୀୟ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ଦୁଇଟି କବିତା ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ ଷ୍ଟେସନ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ଼କ୍ଟର କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅମୃତବାଣୀ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର କୁମାର ଚନ୍ଦ୍ର ମିଶ୍ର, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା କବି ସୈରିନ୍ଧ୍ରୀ ସାହୁ, ସୃଜନାକ୍ଷରର ସମ୍ପାଦକ କବି ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ପୁସ୍ତକ ପ୍ରକୃତି ମାଧୁରୀ ଏବଂ ଅନ୍ତର୍ବୋଧକୁ ଉନ୍ମୋଚନ କରି ପୁସ୍ତକ ଦୁଇଖଣ୍ଡ ପାଠକଙ୍କ ପାଇଁ ବେଶ୍ ସୁଖପାଠ୍ୟ ଓ ସଙ୍ଗ୍ରହଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଲେଖକ ସୁଶାନ୍ତ କୁମାର ମହାପାତ୍ର ଦୀର୍ଘ ବର୍ଷର ତାଙ୍କ କବିତା ରଚନା ମଧ୍ୟରେ ତାଙ୍କ ଚିନ୍ତା ଓ ପରିକଳ୍ପନାର ଅନ୍ତର୍କଥା ଉପସ୍ଥାପନ କରିଥିଲେ। ଲେଖକଙ୍କ ପତ୍ନୀ ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅର୍ଚ୍ଚନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତାନଶ୍ରୀ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନା କରିଥିଲେ ଓ ଶାଶ୍ୱତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୌସୁମୀ ମୁକାବିଲା ପାଇଁ ଟିପିଏନ୍‌ଓଡିଏଲର ପ୍ରସ୍ତୁତି

ବାଲେଶ୍ୱର, ୩୦।୬ (ସମିସ)



ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ମୌସୁମୀ ବର୍ଷା ପ୍ରସ୍ତୁତି ଅଭିଯାନର ପଦକ୍ଷେପ ସ୍ୱରୂପ ବିଭିନ୍ନ ବୈଦ୍ୟୁତିକ ସୁରକ୍ଷା ପଦକ୍ଷେପ ପ୍ରତି ଗୁରୁତ୍ୱ ଦିଆଯାଇଛି। ମୌସୁମୀ ଋତୁରେ ଉପଭୋକ୍ତାଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଏନ୍‌ଓଡିଏଲ୍ ଲକ୍ଷ୍ୟ ରଖିଥିବା ବେଳେ ଉପଭୋକ୍ତା, କର୍ମଚାରୀଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିଛି। ସଚେତନ ଓ ଦାୟିତ୍ୱବାନ ଆଭିମୁଖ୍ୟ ଗ୍ରହଣ କରିବା ଲାଗି କମ୍ପାନି ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ମୌସୁମୀ ଋତୁରେ ଦେଖାଦେଉଥିବା ବିଦ୍ୟୁତ୍ ଜନିତ ଘଟଣାଗୁଡ଼ିକୁ ନଜରରେ ରଖି କେତେକ ସରଳ ପ୍ରତିଷେଧମୂଳକ ପଦକ୍ଷେପ ଘୋଷଣା ମଧ୍ୟ କରାଯାଇଛି। ଏହା ଦ୍ୱାରା ବର୍ଷା ଋତୁରେ ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଓ ଧନଜୀବନ ସୁରକ୍ଷିତ ରହି ପାରିବ। ଜଳମଗ୍ନ କିମ୍ବା ମିଟର କ୍ୟାବିନ୍‌ରେ ଲିକେଜ୍ ଭଳି ଘଟଣାରେ ମେନ୍ ସ୍ୱିଚକୁ ବନ୍ଦ କରିବା, ଓୟାରିଂରେ କିଛି ପରିବର୍ତ୍ତନ ହୋଇଥିଲେ ତାକୁ ଭଲ ଭାବେ ଯାଞ୍ଚ କରିବା, ଜଣେ ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ତାହା ପରୀକ୍ଷା କରିବାକୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। କୌଣସି ବିଦ୍ୟୁତ୍ ଭିତ୍ତିଭୂମିକୁ ଓଦା ହାତରେ ସ୍ପର୍ଶ ନ କରିବା, ଅନୁମୋଦିତ ଲୋଡ୍‌ଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର ନ କରିବାକୁ ମଧ୍ୟ କୁହାଯାଇଛି। ମୌସୁମୀ ଋତୁରେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଉପରେ ଗାଡ଼ି ନ ଚଲାଇବା, ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ କିମ୍ବା ବଣ୍ଟନ ସ୍ତମ୍ଭରେ ଯଦି କୌଣସି ସ୍ପାର୍କ ଦେଖାଯାଉଛି; ତେବେ ତାକୁ ସ୍ପର୍ଶ ନ କରି ତୁରନ୍ତ ଉପଭୋକ୍ତା ସହାୟତା ନମ୍ବରରେ ଯୋଗାଯୋଗ ଯୋଗାଯୋଗ କରିବା, ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟି ନିକଟରେ

**ଉପଭୋକ୍ତାଙ୍କୁ ସୁରକ୍ଷା ପରାମର୍ଶ ଜାରି**

ଅଳିଆ ନ ପକାଇବା, ବିଶେଷତଃ ପିଲାଙ୍କୁ ବିଦ୍ୟୁତ ଭିତ୍ତିଭୂମି ନିକଟକୁ ନଛାଡିବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଦର୍ଶାଯାଇଛି। ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସହାୟତା ପାଇଁ ଉପଭୋକ୍ତା ସହାୟତା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨କୁ କଲ୍ କରିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଦର୍ଶାଯାଇଛି। ଏ ସମ୍ପର୍କରେ ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଦୂଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ସୁରକ୍ଷା ହେଉଛି ଟିପିଏନଓଡିଏଲର ସର୍ବୋଚ୍ଚ ପ୍ରାଥମିକତା। ବର୍ଷା ଋତୁରେ ଧନଜୀବନ ସୁରକ୍ଷା ସହିତ ଗୁଣାତ୍ମକ ବିଦ୍ୟୁତ୍ ସରବରାହ ନିଶ୍ଚିତ କରିବାକୁ କମ୍ପାନୀ ପ୍ରତିବଦ୍ଧ ରହିଛି। ଏହା ସହ ସମସ୍ତ ଉପଭୋକ୍ତାଙ୍କୁ ସଚେତନ ରହିବା ତଥା ବୈଦ୍ୟୁତିକ ସୁରକ୍ଷା ପଦ୍ଧତିକୁ ଅନୁସରଣ କରିବାକୁ ଶ୍ରୀ ତ୍ୟାଗୀ ପରାମର୍ଶ ଦେଇଛନ୍ତି। ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ଗତ କିଛିବର୍ଷ ମଧ୍ୟରେ ଅନେକ ପଦକ୍ଷେପ ନେବା ସହ ଏହି ଦିଗରେ ପ୍ରୟାସକୁ ଦ୍ୱିଗୁଣିତ କରିଛି। ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ ମୌସୁମୀ ଋତୁରେ ପ୍ରତିକୂଳ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି। ସୁରକ୍ଷା ପଦ୍ଧତିକୁ ଗୁରୁତ୍ୱ ଦେବା ସହ କ୍ଷେତ୍ର କର୍ମଚାରୀଙ୍କ ପାଇଁ ପିପିଇ ଓ ସୁରକ୍ଷା ଉପକରଣ ଯୋଗାଣ ତଥା ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ପରିଚାଳନା ସାମର୍ଥ୍ୟକୁ ବୃଦ୍ଧି କରିବା ସହ ଭିତ୍ତିଭୂମି ସୁଦୃଢ଼ୀକରଣ କରିବା ଦିଗରେ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି।

# ସମ୍ପାଦକୀୟ



ଆମ ସମ୍ବିଧାନ କେବଳ ଆଇନଜ୍ଞଙ୍କ ଏକ ଦସ୍ତାବେଜ ନୁହେଁ, ଏହା ଭାରତୀୟ ଜନଜୀବନର ବାହକ ଏବଂ ସର୍ବକାଳୀନ ପ୍ରେରଣାର ଉତ୍ସ

-ଡ. ବିଆର ଆମ୍ବେଦକର

## ଜଳସଙ୍କଟର ଚେତାବନୀ

କିଛି ସଙ୍କଟକୁ ସର୍ବଦା ସ୍ଥାନୀୟ ଭାବେ ଦେଖି ହୁଏ ନାହିଁ; ଏହାସହିତ ଗୋଟିଏ ଦେଶର ଓ ଏହାର ଲୋକଙ୍କର ଭାଗ୍ୟ ତଥା ଭବିଷ୍ୟତ ପରୋକ୍ଷ ଭାବେ ଯୋଡ଼ି ହୋଇଯାଏ। ସମ୍ପ୍ରତି ଦେଶର ଯେଉଁକେତେକ ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଉଥିବାର ତଥ୍ୟ କେନ୍ଦ୍ର ଜଳ ଆୟୋଗ ପକ୍ଷରୁ ପ୍ରକାଶ ପାଇଛି ତାହା ଉପରୋକ୍ତ ତର୍କ ସହିତ ଯୋଡ଼ା ଯାଇପାରେ। କିଛିବର୍ଷ ତଳେ ବେଙ୍ଗାଲୁରୁରେ ସୃଷ୍ଟ ଜଳ ସଙ୍କଟ ଯୋଗୁଁ ବହୁ ଦେଶୀ, ବିଦେଶୀ ପ୍ରତିଷ୍ଠିତ କମ୍ପାନୀ କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଲୋକ ନିଜର ଘରେ ତାଲା ଲଗାଇ ନିଜ ନିଜ ଗାଁ ଓ ରାଜ୍ୟକୁ ମଧ୍ୟ ପଳାୟନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚେନ୍ନାଇରେ ମଧ୍ୟ ହୋଟେଲ୍ ବନ୍ଦ ହୋଇଯାଇଥିବା ବେଳେ ରାଜସ୍ଥାନର କେତେକ ଅଞ୍ଚଳରେ ପାଣି ପାଇଁ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ସାରା ଦେଶରେ ଅନୁଭୂତ ହୋଇଥିଲା

ଦିନକୁ ଦିନ ଉତ୍କଟ ହୋଇଚାଲିଥିବା ଜଳସଙ୍କଟ ପାଇଁ ଅଭାବୀ ମୌସୁମୀ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଅପେକ୍ଷା ମାନବ କାର୍ଯ୍ୟକଳାପ ଅଧିକ ଦାୟୀ। ଏବେ ଚେନ୍ନାଇ, ଦିଲ୍ଲୀ, ବେଙ୍ଗାଲୁରୁ, ପୁଣେ, ଅହମ୍ମଦାବାଦ, ଗୁରୁଗ୍ରାମ, ହାଇଦ୍ରାବାଦ, ବିଶାଖାପାଟଣା, ଭୁବନେଶ୍ୱର ଆଦି ମେଟ୍ରୋ ପଲିଟାନ୍ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସହରରେ ମଧ୍ୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଉଦାହରଣ ଭାବେ ବେଙ୍ଗାଲୁରୁ ସହରକୁ ନିଆଯାଇପାରେ। ଏହି ନଗରୀର ଜଳଯୋଗାଣ ବ୍ୟବସ୍ଥା ଏକଦା ଶତାଧିକ ହ୍ରଦ ଓ ବଡ଼ ବଡ଼ ସରୋବର ଉପରେ ନିର୍ଭର କରୁଥିଲା। କାବିନି ଓ କାବେରୀ ଡ୍ୟାମ୍‌ରୁ ପାଇପ୍ ଯୋଗେ ବହୁ ଦୂରରୁ ପାଣି ଅଣାଯାଇ ସହରକୁ ଯୋଗାଇ ଦିଆଯାଉଥିଲା। ପରିତାପର ବିଷୟ ହେଲା ନଦୀ ନଥିବା ଏହି ସହର ବିଗତ କେଇ ବର୍ଷ ଧରି ଅସମ୍ଭବ ଭାବେ ଉଭୟ ଅନୁପ୍ରସ୍ଥ (ହୋରାଇଜେଣ୍ଟାଲ) ଓ ଉଲମ୍ବ (ଭର୍ଟିକାଲ) ଆକାରରେ ବଢ଼ୁଛି। ବୃହତ୍ ବେଙ୍ଗାଲୁରୁ ନଗରପାଳିକାର କାୟା ବୃଦ୍ଧି ପ୍ରତିବର୍ଷ ଘଟି ନଗର ଉପାନ୍ତ ଶହ ଶହ ଗ୍ରାମକୁ ଏଥିରେ ସାମିଲ କରାଯାଉଛି। ବିଲଡର ଓ ବ୍ୟକ୍ତିଗତ ଲୋକ ସେଠାରେ ଯାଗା କିଣି ଆକାଶଚୁମ୍ବୀ ଅଟ୍ଟାଳିକା ଓ ଭବନମାନ ନିର୍ମାଣ କରୁଛନ୍ତି। ଜଳାଶୟ, ଆର୍ଦ୍ରଭୂମି ଆଦିକୁ ଅବିଚାରିତ ଭାବେ ପୋତି ଘର ଓ ବ୍ୟବସାୟ ପ୍ରତିଷ୍ଠାନ କରାଯାଉଛି। ପ୍ରାକୃତିକ ଝରଣା ଓ ଜଳାଶୟଗୁଡ଼ିକ ସହରୀ ଆବର୍ଜନାରେ ପୋତି ହୋଇ ଶୁଖିଯାଉଛି।

ପଚାଶ ବର୍ଗ କିମି ପରିମିତ ଅଞ୍ଚଳରେ ଏକ କୋଟିରୁ ଅଧିକ ଲୋକ ବସବାସ କରିବା ଏବଂ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ଗଢ଼ି ଉଠିବା ଫଳରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇବା ସ୍ୱାଭାବିକ। ସହରରେ ଭୂତଳ ଜଳର ପୁନଃକ୍ଷରଣ ବ୍ୟବସ୍ଥା ନାହିଁ। ତେଣୁ ପରିସ୍ଥିତି ଅଣାୟତ୍ତ ହେବା ସ୍ୱାଭାବିକ। ଏହା ଏକ ମନୁଷ୍ୟକୃତ ବିପତ୍ତି। ନଗର ପ୍ରଶାସନ ଓ ସରକାରଙ୍କ ଦୂରଦୃଷ୍ଟି ଏବଂ ଯୋଜନାର ଅଭାବ ଏହାର ମୁଖ୍ୟ କାରଣ। ଏହି ସହରରେ ଏକଦା ୨୬୨ ପ୍ରାକୃତିକ ହ୍ରଦ ଥିଲା। ମାତ୍ର ଛଅ ଦଶନ୍ଧି ମଧ୍ୟରେ ଏହାର ସଂଖ୍ୟା ୮୧ କୁ କମିଆସିଛି। ନଗରୀରେ ଜଳ ବଣ୍ଟନ, ପରିଚାଳନା, ବର୍ଜ୍ୟଜଳର ପୁନଃ ବ୍ୟବହାର, ଜଳ ଯୋଗାଣ ବ୍ୟବସ୍ଥା ବାଟବଣା ହୋଇଯାଇଛି। ଜନସଂଖ୍ୟାର ଚାପ ଏହାକୁ ଉତ୍କଟ କରିଛି। ଜଳ ଉତ୍ସ ନଥିବା ନଗରୀର ଅବସ୍ଥା ସେତେବେଳେ କ'ଣ ହେବ, ତାହା ଚିନ୍ତାର ବିଷୟ। ଦକ୍ଷିଣ ଆଫ୍ରିକାର ଡରବାନ ପରେ ଏହା ବିଶ୍ୱର ଦ୍ୱିତୀୟ ନଗରୀ, ଯେଉଁଠି ଭୂତଳଜଳ ଶୂନ୍ୟରେ ପହଞ୍ଚିଛି। ନଳକୂଅ ସବୁ ଅକାମୀ ହୋଇପଡ଼ିଛି। କୂଅ ଶୁଖିଯାଇଛି। ୨୦୨୨ରେ କର୍ଣ୍ଣାଟକ ସରକାର ଯେଉଁ ଜଳନୀତି ପ୍ରସ୍ତୁତ କରିଥିଲେ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିଲେ ଆଜି ଏ ସମସ୍ୟା ହୁଏତ ହୋଇନଥା'ନ୍ତା। ସମାନ ପରିସ୍ଥିତି ଭୁବନେଶ୍ୱର ଓ କଟକ ସମେତ ମହାନଗର ନିଗମ ଓ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଦେଖିବାକୁ ମିଳୁଛି। ଯେଉଁ ଛଅଟି ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି ବୋଲି ଆୟୋଗ ରିପୋର୍ଟରେ ଉଲ୍ଲେଖ ରହିଛି ସେମାନଙ୍କ ମଧ୍ୟରେ ଓଡ଼ିଶା ମଧ୍ୟ ଅଛି। ଓଡ଼ିଶା ସମେତ ଦେଶର ୧୬୬ ବୃହତ୍ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି।

ଏବେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସମେତ ଭାରତର ୩୦ଟି ପ୍ରମୁଖ ନଗରୀ ଜଳକଷ୍ଟର ସମ୍ମୁଖୀନ ବୋଲି ଜଳ ଆୟୋଗ ରିପୋର୍ଟରୁ ଜଣାଯାଏ। ଏହାକୁ ଅସତ୍ୟ କୁହାଯାଇ ନ ପାରେ। ଭାରତ ବିଶ୍ୱର ଏକ ଜଳ ବଳକା (ମଧୁର ଜଳ) ଦେଶ ହୋଇଥିଲେ ମଧ୍ୟ ଅନେକ ସହର ଓ ଗ୍ରାମାଞ୍ଚଳରେ ଜଳକଷ୍ଟ ବର୍ଷକୁ ଛ'ମାସ ଦେଖାଦିଏ। ଏହାର ପ୍ରମୁଖ କାରଣ ହେଲା ଜଳର କୁପରିଚାଳନା, ଜଳର ମହତ୍ତ୍ୱ ଓ ଗୁରୁତ୍ୱ ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ, ଅପଚୟପୂର୍ଣ୍ଣ ଜଳ ଯୋଗାଣ ବ୍ୟବସ୍ଥା, ସଂରକ୍ଷଣର ଅଭାବ, ଦୂଷିତ ଜଳ ଯୋଗାଣ ଏବଂ ଦ୍ରୁତ ଶିଳ୍ପ ଓ ସହରାୟନ। ବିକଶିତ ଭାରତ ନିର୍ମାଣ ପାଇଁ ଆମର ପ୍ରସ୍ତୁତି ଚାଲିଥିବା ବେଳେ ଦେଶର ପ୍ରମୁଖ ସହରାଞ୍ଚଳରେ ଉତ୍କଟ ଜଳାଭାବ ଆଦୌ ଏକ ଶୁଭସୂଚନା ନୁହେଁ।

ଜଳ କେବଳ ଜୀବନ ପାଇଁ ନୁହେଁ, ଅର୍ଥନୀତି, ବିକାଶ ଓ ସଭ୍ୟତା ନିମନ୍ତେ ମଧ୍ୟ ଅପରିହାର୍ଯ୍ୟ। ଜଳ ସଙ୍କଟ ଏବେ ଏକ ଜାତୀୟ ବିପତ୍ତି ଏବଂ ସମଗ୍ର ଦେଶ ତଥା ପ୍ରମୁଖ ନଗରୀଗୁଡ଼ିକ ନିମନ୍ତେ ଏକ ଚେତାବନୀ। ଉପରମୁଣ୍ଡରେ ନଦୀଜଳକୁ ଡ୍ୟାମ କରି ଅଟକାଇବା ଫଳରେ ଅନେକ ତଳମୁଣ୍ଡ ରାଜ୍ୟରେ ଜଳ ସଙ୍କଟ ଅତ୍ୟନ୍ତ ଉତ୍କଟ ହେଉଛି। ଓଡ଼ିଶା ଏଭଳି ଏକ ସ୍ଥିତିରେ ଶିକାର ହେଉଛି। ତେଣୁ ବେଳ ଥାଉ ଥାଉ ଆମ ପ୍ରମୁଖ ତଥା ଜନାକୀର୍ଣ୍ଣ ନଗରୀଗୁଡ଼ିକର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର ଜାତୀୟସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ। ଜଳବାୟୁ ପରିବର୍ତ୍ତନ ଏ ସଙ୍କଟକୁ ଅଧିକ ଜଟିଳ କରିବା ପୂର୍ବରୁ ପ୍ରତିକାର ଜରୁରୀ ମନେହୁଏ।

---

**ମୋ ସ୍ୱପ୍ନର ଓଡ଼ିଶା**

## ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ସ୍ୱପ୍ନ-ଶୂନ୍ୟ ମରୁପ୍ରାନ୍ତର:** ନିଜ ଦେଶ, ରାଜ୍ୟ ବା ପୃଥିବୀକୁ କେନ୍ଦ୍ର କରି ନୂତନ ନୂତନ ସ୍ୱପ୍ନରେ ଆନ୍ଦୋଳିତ ହେଉଥିବା ମଣିଷଙ୍କ ସଂଖ୍ୟା ଆଜି କେତେ? ସାମୂହିକ କଲ୍ୟାଣ ନିମିତ୍ତ ଯେଉଁ ସ୍ୱଦେଶପ୍ରେମୀ ଓ ମାନବାନୁରାଗୀ ମହାନ କୃତୀ-ସନ୍ତାନବୃନ୍ଦ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଆଉ ଉତ୍ତରପିଢ଼ି ସକାଶେ ବୁଣି ଦେଇଗଲେ ଅଜସ୍ର ସ୍ୱପ୍ନର ବିହନ - ସେମାନେ କ'ଣ କେବେ ହେଲେ ଆଶଙ୍କା କରିପାରିଥିବେ ଯେ ସ୍ୱପ୍ନର ଚାରା ସବୁ ଉପାଡ଼ି ଦିଆଯିବ ନିଷ୍ଠୁର ଭାବରେ? ଫୁଲ ଫୁଟିବା ପୂର୍ବରୁ କୋମଳ କଳିକାଗୁଡ଼ିକ ବୃନ୍ତଚ୍ୟୁତ କରିଦିଆଯିବ? ଯେଉଁଠି ଚାରାଟି ପଲ୍ଲବିତ ହୋଇ ଆକାଶ ଅଭିମୁଖୀ, ତା' ଦେହରୁ ଡାଳପତ୍ର ସବୁ ଅବିଚାରିତ ଭାବରେ ଛେଦନ କରାଯିବ? 'ଏଲ-ନିନୋ' ପ୍ରଭାବରେ କୃଷିକ୍ଷେତ୍ର ଶୁଷ୍କ ହୋଇ ଚିରା ଚିରା ହୋଇ ଫାଟିଯିବା ପରି ସ୍ୱପ୍ନର ସବୁଜକ୍ଷେତ ସବୁ ଉଜୁଡ଼ି ଯିବ? ସ୍ୱପ୍ନର ମରୁଡ଼ିରେ କ୍ରନ୍ଦନ କରିବ ଏ ବସୁନ୍ଧରା -ଏହା ତ କଳ୍ପନାରେ ଆସି ନଥିବ ସେମାନଙ୍କ ଭାବନା-ରାଜ୍ୟକୁ।

ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀ ଯେଉଁ 'ସ୍ୱପ୍ନର ଭାରତ' ନିର୍ମାଣ କରିଥିଲେ ତାଙ୍କ ମାନସ ପଟରେ ତାହା କ'ଣ ଏହି ଭାରତବର୍ଷ? ଅନୁରୂପ ଭାବରେ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ସ୍ୱଭାବ-କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, କବି ବ୍ରଜମୋହନ ପଣ୍ଡା, ଦୟାନିଧି ମିଶ୍ର, ଚନ୍ଦ୍ରଶେଖର ବେହେରା, ସୁବିଖ୍ୟାତ ରାଜା ମହାରାଜାମାନେ ଯେଉଁ 'ସ୍ୱତନ୍ତ୍ର ଓଡ଼ିଶା'ର ସ୍ୱପ୍ନ ଦେଖିଥିଲେ ତାହା କ'ଣ ଏହି ଓଡ଼ିଶା? ସତକୁ ସତ ଏହି ସ୍ୱପ୍ନଶୂନ୍ୟ ମରୁପ୍ରାନ୍ତରକୁ ଦେଖିବା କିମ୍ବା ଅନୁଭବ କରିବା ଯଦି ସମ୍ଭବ ହେଉଥାଏ ସେଇ ଅଶରୀରୀ ମହତଆତ୍ମାଙ୍କ ପକ୍ଷରେ, ତା'ହେଲେ ସେମାନଙ୍କ କ୍ରନ୍ଦନ ଆମର କଳନାତୀତ। ସେମାନଙ୍କ ପରବର୍ତ୍ତୀ ପିଢ଼ି ନିକଟରେ ସ୍ୱଦେଶ ଓ ସ୍ୱଜାତିକୁ ନେଇ ଗୌରବବୋଧ କରିବାର ହାର୍ଦ୍ଦିକତା ଅନେକ ପରିମାଣରେ ରହି ପାରିଥିଲା ଅକ୍ଷୁଣ୍ଣ। କିନ୍ତୁ ତତ୍‌ପରବର୍ତ୍ତୀ ଉତ୍ତରାଧିକାରୀମାନେ ସ୍ୱପ୍ନ କହିଲେ ବୁଝନ୍ତି ନିଜ ନିଜର ବ୍ୟକ୍ତିଗତ ଉତ୍ଥାନ। ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଉଦ୍ଦିଷ୍ଟ ଉଦ୍ୟମ। ଦେଶଭକ୍ତି, ମାତୃଭାଷା ସଂପ୍ରୀତି, ରାଜ୍ୟର ସମୂହ ବିକାଶ କେବଳ ବହିର ବିଷୟମାତ୍ର। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ତଥ୍ୟ ସଂଗ୍ରହ ମଧ୍ୟରେ ତାହା ସୀମିତ। ତୀବ୍ର ବୁଦ୍ଧିମତ୍ତାର ଚାପରେ ହୃଦୟବତ୍ତା ସୁପ୍ତ, ନିସ୍ତେଜ, ନିସ୍ତବ୍ଧ।

**ପ୍ରତିଦ୍ୱନ୍ଦ୍ୱିତା-ପୀଡ଼ିତ ପରିମଣ୍ଡଳ:** ସମ୍ପ୍ରତି ଅଭିଭାବକ, ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ, ରାଜନୈତିକ ନେତୃମଣ୍ଡଳୀ, ଏପରିକି ସାହିତ୍ୟ ଆଦି ସବୁସ୍ତରରେ ଯେଉଁ ତୀବ୍ର ପ୍ରତିଯୋଗିତା ପରିଦୃଷ୍ଟ, ସେଥିରେ ସମାଜ ପାଇଁ ସ୍ୱପ୍ନ ସବୁ କ୍ଷଣକରେ ପରାଜିତ ଆଉ ଚୂର୍ଣ୍ଣୀଭୂତ। ସ୍କୁଲ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଜୀବନର ଲକ୍ଷ୍ୟ ସମ୍ପର୍କରେ ଲେଖିବା ବେଳେ ବ୍ୟକ୍ତିଗତ ଜୀବନର ଉଚ୍ଚାକାଂକ୍ଷା ବିଷୟ ହିଁ ବର୍ଣ୍ଣନା କରନ୍ତି। ଶ୍ରେଷ୍ଠ କୃତୀ-ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସେହି ଆଭିମୁଖ୍ୟ ହିଁ ପ୍ରକାଶ କରନ୍ତି। ନିଜ କର୍ତ୍ତବ୍ୟ ମାଧ୍ୟମରେ ଦେଶ ସେବା ସେମାନଙ୍କ ବ୍ରତ ହେବ ବୋଲି ଯେଉଁମାନେ ଗଣମାଧ୍ୟମ ଆଗରେ କହନ୍ତି ସେମାନଙ୍କ ପରବର୍ତ୍ତୀ ଜୀବନର କାର୍ଯ୍ୟକଳାପ କିଏ ଅବା ଆଉ ସମୀକ୍ଷା କରନ୍ତି? ବଜାରରେ ଯେଉଁ ବିଷୟର ଚାହିଦା ଅଧିକ ନିଜକୁ ସେହି ଭାବରେ ଗଢ଼ିବା ସେମାନଙ୍କ ଓ ପିତାମାତାଙ୍କ ଲକ୍ଷ୍ୟ। କୌଣସି କବିଙ୍କ କବିତାର ପଦଟିଏ, ମହାପୁରୁଷଙ୍କ ଜୀବନର ଘଟଣାଟିଏ ତାଙ୍କୁ ଶିହରିତ କରିଦେଇପାରୁନାହିଁ। ଅନ୍ୟମାନଙ୍କୁ ପଛରେ ପକାଇ, ଅନ୍ୟମାନଙ୍କ ଉପରେ ମାଡ଼ି ମକଚି ଉପର ସ୍ତରକୁ ପହଞ୍ଚିବା ହିଁ ଯେଉଁଠି ଏକମାତ୍ର ଅଭିଳାଷ ସେଠି ଓଡ଼ିଶା ଗଢ଼ିବାର ସ୍ୱପ୍ନ ମୁକୁଳିତ ହେବ ବୋଲି କିପରି ଆଶା କରାଯାଇପାରେ?

**ଉପେକ୍ଷିତ ବର୍ଗଙ୍କ ଅସହାୟତା:** ଯେଉଁମାନେ ଆର୍ଥିକ, ସାମାଜିକ, ଶୈକ୍ଷିକ ସ୍ତରରେ ଅନଗ୍ରସର, ସେମାନେ ତ ଭାରତର ସ୍ୱାଧୀନତା ଦିବସ କେବେ, ଓଡ଼ିଶା ଦିବସ କେବେ - ଏସବୁ କିଛି ବି ଜାଣନ୍ତିନି। ଗ୍ରାମାଞ୍ଚଳରେ ପଢ଼ୁଥିବା ବହୁ ଛାତ୍ରଛାତ୍ରୀ ଜ୍ଞାନ-ବିଜ୍ଞାନର ପ୍ରତିଯୋଗିତାଠାରୁ କେତେ ଦୂରବର୍ତ୍ତୀ ତାହା କଳ୍ପନା ବି କରିହେବ ନାହିଁ। କୌଣସି ଏକ ସଭାରେ ଏ ସାମାନ୍ୟ ଲେଖକଟି ଶୁଣିଲା ଜଣେ ପ୍ରସିଦ୍ଧ ରାଜନେତାଙ୍କ ବକ୍ତବ୍ୟ। ତାହାର ମର୍ମାର୍ଥ ହେଉଛି - 'ସ୍ୱଦେଶର ବିକାଶ ପାଇଁ ଆମର ଉଦ୍ୟମ ଅବ୍ୟାହତ। କିନ୍ତୁ ସବୁକିଛି ତ ଗୋଟିଏ ରାତିରେ ବଦଳି ଯିବ ନାହିଁ।' ବାସ୍ତବିକ ସତ କଥା। ୧୯୩୬ରେ ଓଡ଼ିଶା ଗଠନ ହୁଏ, ୧୯୪୭ରେ ଭାରତ ହୁଏ ସ୍ୱାଧୀନ। ମାତ୍ର ରାତିଟି ଏତେ ଦୀର୍ଘ ଯେ ସକାଳ କେବେ ହେଉନାହିଁ! ମନେ ପଡ଼ୁଥିଲା ଚନ୍ଦ୍ରଶେଖର ରଥଙ୍କ ଗଳ୍ପର ଶୀର୍ଷକ 'ସବୁଠାରୁ ଦୀର୍ଘରାତି'। ଆଉ କେତେ ଦଶନ୍ଧି କି ଶତାବ୍ଦୀ ପରେ ଏରାତି ପାହିବ? ଗୋଟିଏ ପଟେ ଜ୍ଞାନବିଜ୍ଞାନର ଦ୍ରୁତ ଅଗ୍ରଗତି ଆଉ ଗୋଟିଏ ପଟେ ମାନବିକ ସମ୍ବେଦନାର ଭୟଙ୍କର ଅବକ୍ଷୟ, ଦରିଦ୍ର ନିଷ୍ପେଷିତ ଜନତାଙ୍କ ଦୈନନ୍ଦିନ ଜୀବନ ବଞ୍ଚିବାର ତୁମୁଳ ସଂଘର୍ଷ - ଏହାରି ଭିତରେ ଯାହାକୁ ଅଗ୍ରଗତି ବୋଲି କୁହାଯାଏ ସେତେବେଳେ ଗାନ୍ଧିଜୀଙ୍କ ଧାଡ଼ିଟିଏ ମନେ ପଡ଼ିଯାଏ - 'ଗତି ମାତ୍ରକେ ସବୁ ପ୍ରଗତି ନୁହେଁ।' ଗୋଟିଏ ଦେଶରେ, ଗୋଟିଏ ରାଜ୍ୟରେ ରହି ମଧ୍ୟ ମଣିଷ-ମଣିଷ ଭିତରେ ଆକାଶ ପାତାଳ ତାରତମ୍ୟ! ଏଠି ସ୍ୱପ୍ନ ଦେଖିବା ଅର୍ଥ ବୁଝାଯାଏ ବିଳାସପୂର୍ଣ୍ଣ ଜୀବନ ନିର୍ବାହ ଯୋଜନା।

**ପୂର୍ବଜଙ୍କ ଆଦର୍ଶ କ୍ଷତବିକ୍ଷତ:** ଯେଉଁ ଉଦାର-ହୃଦୟ-ସମ୍ପନ୍ନ ଶ୍ରେଷ୍ଠ ସନ୍ତାନବୃନ୍ଦ ନିଜ ନିଜ ମଧ୍ୟରେ ସମସ୍ତ ଭେଦ ଭାବ ବିସ୍ମରି ଯାଇ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ରଚନା କରିଥିଲେ ତାହା କ'ଣ ଏହି ସାମ୍ପ୍ରତିକ ଓଡ଼ିଶା? ସେମାନଙ୍କ ମଧ୍ୟରେ ଯେଉଁ ପାରସ୍ପରିକ ଶ୍ରଦ୍ଧା ଓ ମମତା ରହିଥିଲା ପରିପୂର୍ଣ୍ଣ ହୋଇ ତାହାର ଆମେ କ'ଣ ଉପଯୁକ୍ତ ଉତ୍ତରାଧିକାରୀ? କେତେ ସୁଉଚ୍ଚ ଶିଖରକୁ ଆରୋହଣ ପୂର୍ବକ ସେମାନେ ବୃହତ୍ତର ଓଡ଼ିଶା ଗଠନ ପାଇଁ ଆପଣାକୁ ସମର୍ପିତ କରିଥିଲେ ତାହା ଯଥାର୍ଥ ଭାବରେ ହୃଦୟଙ୍ଗମ କରିବାର ଦୂରଦୃଷ୍ଟି ବା ଅନ୍ତଃଦୃଷ୍ଟି ଆମର କାହିଁ? ଯେଉଁ ଶାନ୍ତି, ସଦ୍ଭାବ, ମୈତ୍ରୀ, ଭ୍ରାତୃତ୍ୱ, ସଂହତିର ପ୍ରତିଷ୍ଠା ପାଇଁ ସେମାନେ ସ୍ୱପ୍ନ-ସମୃଦ୍ଧ ଥିଲେ, ତାହା କେତେମାତ୍ରାରେ ପୂର୍ଣ୍ଣତା ଲାଭ କରିପାରିଛି? ଏହାରି ମଧ୍ୟରେ ସୁଦୀର୍ଘ ୯୦ ବର୍ଷ ଅତିକ୍ରାନ୍ତ। ଆଉ ମାତ୍ର ଦଶ ବର୍ଷ ପରେ ଆମେ କ'ଣ ସେମାନଙ୍କ ପରିକଳ୍ପିତ ଓଡ଼ିଶାର ବାସ୍ତବାୟନ ଦେଖିବାରେ ସମର୍ଥ ହୋଇପାରିବା? ସମଗ୍ର ଭାରତ ବର୍ଷରେ ଓ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ମୁଖ ସମୁଜ୍ଜ୍ୱଳ କରିଦେବାରେ ସକ୍ଷମ ହେବା? ଆଗାମୀ ଦଶବର୍ଷ ମଧ୍ୟରେ ସବୁସ୍ତରକୁ ମାଡ଼ିଯାଇଥିବା ଦୁର୍ନୀତିର ଚେର କ'ଣ ଉଚ୍ଛେଦ ହୋଇଯିବ? ଜାତି, ଧର୍ମ, ବର୍ଣ୍ଣ, ଭାଷାକୁ ନେଇ ସବୁ ବିବାଦର ସମାଧାନ, ଦାରିଦ୍ର୍ୟର ଅବସାନ, ଘୃଣାର ମୂଳୋତ୍ପାଟନ, ବଧୂ ନିର୍ଯାତନା, କନ୍ୟାରତ୍ନଙ୍କ ପ୍ରତି ଆସୁରିକ ଆଚରଣ, ବୃଦ୍ଧ ପିତାମାତାଙ୍କ ପ୍ରତି ପ୍ରତିକୂଳ ବ୍ୟବହାରର ପ୍ରତିକାର କିପରି ସମ୍ଭବ? ନିଯୁକ୍ତି କ୍ଷେତ୍ରରେ ପକ୍ଷପାତିତା ଓ ସନ୍ଦେହ, ଦୁର୍ବଳ ଉପରେ ସବଳର ଅତ୍ୟାଚାର, ଆଇନ ଶୃଙ୍ଖଳାର ସୀମାତୀତ ଉଲ୍ଲଂଘନ - ଏସବୁ ନିୟନ୍ତ୍ରିତ ହେବ କିପରି? ଅପରାଧୀଙ୍କ ସଂଖ୍ୟା ହ୍ରାସ ହେବ କି ଉପାୟରେ? ଶହେ ବର୍ଷର ଏକ ରାଜ୍ୟକୁ ସବୁଦୃଷ୍ଟିରୁ ଶୀର୍ଷ ସୋପାନକୁ ପହଞ୍ଚାଇବା ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଏକତାବଦ୍ଧ ହେବା କିପରି ସମ୍ଭବ ହେବ? ସେଥିପାଇଁ କି କି ପରିଯୋଜନାର ରୂପରେଖ ପ୍ରସ୍ତୁତ ହୋଇଛି? ଏପରି ଶତାଧିକ ପ୍ରଶ୍ନରେ ଆମେ ଆନ୍ଦୋଳିତ ହେବା ସ୍ୱାଭାବିକ। ନିଜ ନିଜ କର୍ତ୍ତବ୍ୟ ନିଃସ୍ୱାର୍ଥ ଭାବରେ ସଂପାଦନ କରିବାର ନିଷ୍ଠା, ସତ୍ୟ ଓ ସାଧୁତା ପ୍ରତି ଅନୁରକ୍ତି, ତ୍ୟାଗ ଓ ତିତିକ୍ଷାର ପବିତ୍ର ଭାବନା, ସ୍ନେହ, ସହାନୁଭୂତି, ପରୋପକାର -ଏସବୁ ପାଠାଗାରରୁ ବାହାରି ଆସି ଆମ ଜୀବନରେ ପ୍ରତିଫଳିତ ହୋଇପାରିବ କେଉଁ ଶୈଳୀରେ, କେଉଁ ଆଦର୍ଶ ଦ୍ୱାରା ଉଦବୁଦ୍ଧ ହୋଇ କାର୍ଯ୍ୟ ଅବ୍ୟାହତ ରଖିଲେ? ତାହା ଚିନ୍ତା କରୁଁ କରୁଁ ଆଗାମୀ ଦଶବର୍ଷ ଆଖି ପଲକରେ କ'ଣ ଚାଲିଯିବ ନାହିଁ?

**ଅବାସ୍ତବ, ଅସମ୍ଭବ ଆକାଂକ୍ଷା:** ସମଗ୍ର ପୃଥିବୀ ବା ଭାରତ ବର୍ଷରୁ ଓଡ଼ିଶା ବିଚ୍ଛିନ୍ନ ନୁହେଁ। ତେଣୁ ଯେଉଁସବୁ ସଙ୍କଟ ମଧ୍ୟ ଦେଇ ବିଶ୍ୱ ଗତିଶୀଳ ସେଥିରୁ ଆମର ମୁକ୍ତି କାହିଁ? ଏଭଳି ପ୍ରତିପ୍ରଶ୍ନ ଦ୍ୱାରା ଉପରୋକ୍ତ ପରିକଳ୍ପନାକୁ ଉପହାସ କରିବା ଲୋକଙ୍କ ଅଭାବ ନାହିଁ। ଯେଉଁ ଅସାମଞ୍ଜସ୍ୟ ସମଗ୍ର ପୃଥିବୀରେ ପରିବ୍ୟାପ୍ତ, ସେଠୁ ଅଲଗା ହୋଇଯାଇ ଏକ ସ୍ୱର୍ଗରାଜ୍ୟର ସ୍ୱପ୍ନ ଦେଖିବା କି ହାସ୍ୟାସ୍ପଦ? ଏହିପରି ଭାବନା ଉଦ୍ରେକ ହେବା ଅସ୍ୱାଭାବିକ ନୁହେଁ। ଏଭଳି ବିଷୟକୁ ଉପହାସର ତୋଫାନରେ ଯେଉଁମାନେ ଉଡ଼ାଇ ଦେବାକୁ ବ୍ୟଗ୍ର ଓ ତତ୍ପର ସେମାନଙ୍କ ପ୍ରତି ମଧ୍ୟ ବିନୟପୂର୍ଣ୍ଣ ପ୍ରଶ୍ନ ଉପସ୍ଥିତ। ସାରା ପୃଥିବୀରେ, ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟରେ ଯାହା କିଛି ଗଠନମୂଳକ ପ୍ରଗତି ସମ୍ଭବ ହୋଇଛି ଆମେ ସେମାନଙ୍କ ସମକକ୍ଷ ହୋଇ ପାରିଛୁ କି? ନିଜ ରାଜ୍ୟର ଭାଷା ପଢ଼ିବାକୁ, କହିବାକୁ, ଲେଖିବାକୁ କେଉଁ ରାଜ୍ୟର ଲୋକ କୁଣ୍ଠିତ ହେବାର ଦୃଷ୍ଟାନ୍ତ ରହିଛି କି? ଶହେ ବର୍ଷ ତଳେ ଗଙ୍ଗାଧର ଏହା ପଚାରିଥିଲେ - 'ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜା ବୋଧ କରେ?' ତା'ର ଉତ୍ତର ଦେବା ପାଇଁ ଆମେ ଅକ୍ଷମ। ଏହା ବି ସେ କହିଲେ - 'ପ୍ରତିବେଶୀଙ୍କର ସହିତ ତୁଳନା, କରି କର ନିଜ ମଧ୍ୟରେ କଳନା।' ସେତିକି ମଧ୍ୟ ସମ୍ଭବ ହୋଇ ପାରିଲା ନାହିଁ। ତେବେ...?... ତେବେ କ'ଣ ଏଭଳି ଏକ ସମ୍ଭାବନା-ଶୂନ୍ୟ ମନ ଆଉ ଆହତ ଆତ୍ମାରେ ୨୦୩୬ରେ ଓଡ଼ିଶା ବିକାଶର ସ୍ୱପ୍ନ ଦେଖାଯାଇପାରିବ? ଏହାର ଉତ୍ତର ଖୋଜିବା ଆରଥରକୁ।(କ୍ରମଶଃ...)

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

---

## ଗିଗ୍ ଶ୍ରମିକଙ୍କ ଅଧିକାର ଓ ସଂଗ୍ରାମ

ବିଜୟ ଜେନା

ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ଗତ ୧୨ ଜୁନ୍‌ରେ ଏହାର ୧୧୫ତମ ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ 'ପ୍ଲାଟଫର୍ମ ଅର୍ଥନୀତିରେ ମାନବିକ କାର୍ଯ୍ୟ' (ଡିସେଣ୍ଟ ୱାର୍କ ଅନ୍ ପ୍ଲାଟଫର୍ମ ଇକୋନୋମି) ବିଷୟକ ସମ୍ମିଳନୀରେ ଗିଗ୍ ଶ୍ରମିକଙ୍କ କାର୍ଯ୍ୟର ପରିବେଶ ଅଧିକାର ଏବଂ ସାମାଜିକ ସୁରକ୍ଷା ପ୍ରସଙ୍ଗରେ ସ୍ୱୀକୃତି ଦେବାର ନିଷ୍ପତ୍ତି ନେଇଛି। ଏହି ପ୍ରସ୍ତାବରେ ଭାରତ ଭୋଟ୍ ଦେଇନାହିଁ। ଗତ ଅଧିବେଶନରେ ମଧ୍ୟ ଭାରତ ପ୍ରସ୍ତାବ ବିରୁଦ୍ଧରେ ଭୋଟ୍ ଦେଇଥିଲା। ବିଶ୍ୱର ସବୁଠାରୁ ଅଧିକ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ଭାରତରେ ଅଛନ୍ତି। ଏହା ସତ୍ତ୍ୱେ ଭାରତ ସରକାର ଭୋଟଦାନରୁ ବିରତ ରହିବାକୁ ନେଇ ସମାଲୋଚନା ହେଉଛି। ଏବର୍ଷର ଭୋଟ୍‌ରେ ପ୍ରସ୍ତାବ ପକ୍ଷରେ ୧୦୮ ଭୋଟ୍ ପଡ଼ିଛି। ପ୍ରସ୍ତାବ ବିରୁଦ୍ଧରେ ମାତ୍ର ୮ଟି ଦେଶ ଭୋଟ୍ ଦେଇଛନ୍ତି। ୩୬ଟି ଦେଶ ଭୋଟ୍‌ଦାନରୁ ବିରତ ରହିଛନ୍ତି। ଆମେରିକା, ନ୍ୟୁଜିଲାଣ୍ଡ, ପ୍ରସ୍ତାବର ବିରୋଧ କରିଥିବା ବେଳେ ଭାରତ ବ୍ରିଟେନ୍, ଆର୍ଜେଣ୍ଟିନା ସମେତ କେତୋଟି ଦେଶ ଭୋଟ୍‌ଦାନରେ ଅଂଶଗ୍ରହଣ କରିନାହାନ୍ତି।

ଦୀର୍ଘ ଦିନ ପରେ ଉବେର, ଓଲା, ଜମାଟୋ, ସୁଇଗ ସହ ଅନ୍ୟାନ୍ୟ 'ଆପ୍'ଭିତ୍ତିକ ପରିସେବା ସହ ସଂଯୁକ୍ତ ଶ୍ରମିକଙ୍କର ସଂଗଠନଗୁଡ଼ିକ ଆନ୍ତର୍ଜାତିକ ସ୍ୱୀକୃତି ଦାବି କରି ଆସୁଥିଲେ। ତେଣୁ ସଂଖ୍ୟାଧିକ ସଦସ୍ୟଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେବା ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ସାଫଲ୍ୟ ରୂପେ ଦେଖାଯାଉଛି। ଏହି ପ୍ରସ୍ତାବରେ ପ୍ଲାଟଫର୍ମ କର୍ମୀଙ୍କ ପାଇଁ ଏକାଧିକ ସୁରକ୍ଷାମୂଳକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ଏହା ମଧ୍ୟରେ ରହିଛି ଆଲଗରିଦମ୍ ବା ସ୍ୱୟଂକ୍ରିୟ ବ୍ୟବସ୍ଥାର କାର୍ଯ୍ୟପଦ୍ଧତି ସମ୍ପର୍କରେ ତଥ୍ୟ ଜାଣିବାର ଅଧିକାର, ଅନ୍ୟାୟ ଭାବରେ ଆକାଉଣ୍ଟ ବାତିଲ୍ କରିବା ବା କାମରୁ ବାଦ୍ ଦେବା ବିରୁଦ୍ଧରେ ସୁରକ୍ଷା, ଅଭିଯୋଗ ନିଷ୍ପତ୍ତିର କାର୍ଯ୍ୟକାରୀ ବ୍ୟବସ୍ଥା, ସ୍ୱାସ୍ଥ୍ୟ ନିରାପତ୍ତା ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ସର୍ବନିମ୍ନ ମାନଦଣ୍ଡ। ଏହାଛଡ଼ା 'ଆଲ୍‌ଗୋରିଦମ୍ ମ୍ୟାନେଜମେଣ୍ଟ'ଫଳରେ କର୍ମୀଙ୍କ ଉପରେ ପ୍ରଭାବ କ୍ଷେତ୍ରରେ କିଛି ନୀତିଗତ ସୁରକ୍ଷାକୁ ସ୍ୱୀକୃତି ମିଳିଛି।

କେବେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏହାର ବିଭିନ୍ନ ସୀମାବଦ୍ଧତା ଉପରେ ଅଙ୍ଗୁଳି ଉଠାଇଛନ୍ତି। ସମାଲୋଚନାର ସବୁଠାରୁ ବଡ଼ ଦିଗ ହେଲା, ପ୍ଲାଟଫର୍ମ କର୍ମୀଙ୍କୁ କର୍ମଚାରୀ ରୂପେ ସ୍ୱୀକୃତି ଦେବା ପାଇଁ ଆବଶ୍ୟକୀୟ 'ରିଚାର୍ଜେବଲ ପ୍ରମୋସନ ଅଫ ଏମ୍ପ୍ଲୟମେଣ୍ଟ'କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହି ଆଇନ୍ ବିଧାନ ଅନୁସାରେ ନିଯୁକ୍ତିଦାତାଙ୍କ ସହ କୌଣସି ବ୍ୟକ୍ତିର ନିୟନ୍ତ୍ରଣ, ନିର୍ଦ୍ଦେଶ ଓ ନିର୍ଦ୍ଦିଷ୍ଟ ମଜୁରୀ ସଂକ୍ରାନ୍ତ କିଛି ସର୍ତ୍ତ ବା ପ୍ରମାଣ ରହିଥିଲେ ଅଦାଲତ ବା ଆଇନ୍ ଧରିନିଏ ଯେ, ଏହି ବ୍ୟକ୍ତିଜଣଙ୍କ ଆନୁଷ୍ଠାନିକ କର୍ମଚାରୀ ଗୃହୀତ। ପ୍ରସ୍ତାବରେ ଏହି ବିଧାନ ନ ଥିବାରୁ ଉବେର, ଓଲା, ଜମାଟୋ ବା ଅନ୍ୟାନ୍ୟ ପ୍ଲାଟଫର୍ମ ସଂସ୍ଥା ସେମାନଙ୍କ କର୍ମଚାରୀଙ୍କ ସ୍ୱାଧୀନ ଠିକାଦାର ରୂପେ ଚିହ୍ନିତ କରିବାର ସୁଯୋଗ ପାଇବେ ଏବଂ ଶ୍ରମ ଆଇନ୍ ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ବିଷୟଗୁଡ଼ିକୁ ଫାଙ୍କି ଦେଇପାରିବେ। ଏହାଛଡ଼ା ସ୍ୱାଧୀନ ଠିକାଦାର ରୂପେ ଚିହ୍ନିଟ କର୍ମୀମାନଙ୍କ ପାଇଁ ସର୍ବନିମ୍ନ ମଜୁରୀର ସୁରକ୍ଷା ବାଧ୍ୟତାମୂଳକ କରାଯାଇନାହିଁ। ସାମାଜିକ ସୁରକ୍ଷା କ୍ଷେତ୍ରରେ ସୁସ୍ପଷ୍ଟ ଅଧିକାରଭିତ୍ତିକ ନିଶ୍ଚିତତା ପରିବର୍ତ୍ତେ ଅପେକ୍ଷାକୃତ ଦୁର୍ବଳ ଭାଷା ବ୍ୟବହାର କରାଯାଇଛି। ଶ୍ରମିକ ସଂଗଠନ ଓ ସାମୂହିକ ମୂଲଚାଲର ଅଧିକାର ସମ୍ପର୍କରେ ସମ୍ମିଳନୀରେ ଯଥେଷ୍ଟ ଦୃଷ୍ଟି ଦେଇନାହିଁ ବୋଲି ମନେ କରାଯାଏ। ଆଇଏଲ୍‌ଓ ପ୍ରସ୍ତାବରେ ନମନୀୟ ଶବ୍ଦ ବ୍ୟବହାର ଫଳରେ ବିଭିନ୍ନ ଦେଶ ଓ ଶିଳ୍ପ ସଂସ୍ଥା ପାଇଁ କାର୍ଯ୍ୟକାରିତା କ୍ଷେତ୍ରରେ ବିଧି ଏଡ଼ାଇଯିବା ଓ ଅପବ୍ୟାଖ୍ୟାର ସୁଯୋଗ ରହିଛି।

ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ, ଶ୍ରମିକ ସଂଗଠନ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟସମୟ, ସ୍ୱେଚ୍ଛାଚାରୀ ଆକାଉଣ୍ଟ ବ୍ଲକିଙ୍ଗ ବିରୁଦ୍ଧରେ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଚିହ୍ନିତ ନହେଲେ ଏହି କ୍ଷେତ୍ରରେ ଶ୍ରମିକଙ୍କ ଶୋଷଣ ବନ୍ଦ କରିବା ସମ୍ଭବ ନୁହେଁ। ବିଶ୍ୱବ୍ୟାପୀ ପ୍ଲାଟଫର୍ମ ଅର୍ଥନୀତିର ଦ୍ରୁତ ସଂପ୍ରସାରଣ ଫଳରେ ଶ୍ରମ ସମ୍ପର୍କରେ ନୂତନ ବାସ୍ତବତା ସୃଷ୍ଟି ହୋଇଛି। କୋଟି କୋଟି ଲୋକ ଆଜି 'ଆପ୍'ଭିତ୍ତିକ ପରିବହନ, ଖାଦ୍ୟ ସରବରାହ, ଲଜିଷ୍ଟିକ୍ସ ଓ ଡିଜିଟାଲ୍ ସେବା ସହ ସଂଯୁକ୍ତ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ପ୍ରଚଳିତ ଶ୍ରମ ଆଇନ୍‌ର ସୁରକ୍ଷା ବାହାରେ ରହିଯାଇଛନ୍ତି। ସେହି ପ୍ରେକ୍ଷାପଟରେ ଆଇଏଲ୍‌ଓର ଏହି ଶୀର୍ଷ ସମ୍ମିଳନୀ ଆନ୍ତର୍ଜାତିକ ଶ୍ରମ ଅଧିକାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରୂପେ ବିବେଚିତ ହୋଇଛି। ତେବେ ଏହାର ପ୍ରକୃତ ସାଫଲ୍ୟ ନିର୍ଭର କରୁଛି ସଦସ୍ୟରାଷ୍ଟ୍ରଗୁଡ଼ିକର ଅନୁମୋଦନ, ଜାତୀୟ ଆଇନ୍ ପ୍ରଣୟନ ଏବଂ କାର୍ଯ୍ୟକାରୀ ବାସ୍ତବାୟନ ଉପରେ। ଶ୍ରମିକ ସଂଗଠନଗୁଡ଼ିକ ମତରେ ଏହି ସମ୍ମିଳନୀ ପ୍ଲାଟଫର୍ମ କର୍ମୀଙ୍କ ଅଧିକାର ପ୍ରତିଷ୍ଠାର ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେଲେ ମଧ୍ୟ ପୂର୍ଣ୍ଣାଙ୍ଗ ଶ୍ରମ ଅଧିକାର ଏବଂ ସାମାଜିକ ସୁରକ୍ଷା ଲକ୍ଷ୍ୟରେ ଲଢ଼େଇକୁ ଅବ୍ୟାହତ ରଖିବାକୁ ହେବ।

ଭୁବନେଶ୍ୱର, ମୋ: ୯୪୩୭୩୮୪୮୬୬

---

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**

## ଘୋଷଯାତ୍ରାର ଆତ୍ମା: ଘଣ୍ଟସେବକ

ଡ.ଚନ୍ଦ୍ରକଳା ନାୟକ

ଚାତକ ପାଇଁ ନୂଆ ଆଷାଢ଼ର ବର୍ଷାଧାରା ପରି ଭକ୍ତ ପାଇଁ ପୁଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅର୍ଥାତ ଶ୍ରୀଗୁଣ୍ଡିଚା ଆସେ। ଦେବ ମାନବର ବହୁ ପ୍ରତୀକ୍ଷିତ ଏହି ତିଥି ବିଞ୍ଚି ଦିଏ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଲାବଣ୍ୟର ସୁଲଳିତ କାନ୍ତି। ଶ୍ରୀଜଗନ୍ନାଥଙ୍କୁ ଭକ୍ତମାନେ ଯେଉଁ ପୂଜା ଓ ଉପାସନା କରନ୍ତି, ସେଥିରେ ଭକ୍ତିର ପ୍ରଗାଢ଼ତା ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ରାଜକୀୟ ସମ୍ମାନ।

ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁସାରେ ୧୦୩ ନଂ ସେବା ପରିଶିଷ୍ଟରେ ଉଲ୍ଲେଖ ଅଛି ଯେ, ଘଣ୍ଟୁଆ ସେବକମାନେ ସ୍ନାନପୂର୍ଣ୍ଣିମା ଦିନ ରତ୍ନସିଂହାସନରୁ ସ୍ନାନବେଦୀ ଏବଂ ସ୍ନାବବେଦୀରୁ ଅଣସର ପିଣ୍ଡିକୁ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ ସମୟରେ ଘଣ୍ଟ ବାଦନ କରିବେ। ଏହି ସେବକ ରଥଟଣା ବ୍ୟତୀତ କୌଣସି ଉତ୍ସବ, ଯାତ୍ରା, ଉପଯାତ୍ରାରେ ଘଣ୍ଟ ବାଦନ କରନ୍ତି ନାହିଁ। ଉତ୍କଳ ଭୂଖଣ୍ଡରେ ଶ୍ରୀକ୍ଷେତ୍ର ପୁରୀର ଘଣ୍ଟୁଆମାନଙ୍କ ଘଣ୍ଟବାଦ୍ୟର ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ମନମୁଗ୍ଧକର। ସାରାବିଶ୍ୱରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଶ୍ରୀକ୍ଷେତ୍ରର ଘଣ୍ଟବାଦ୍ୟ ସବୁଠାରୁ ସ୍ୱତନ୍ତ୍ର। ବିଗ୍ରହମାନଙ୍କ ପହଣ୍ଡି ବିଜେ ସମୟରେ କାହାଳୀ, ପଖାଉଜ, ତେଲିଙ୍ଗି ବାଜା ଆଦି ନାନା ବାଦ୍ୟ ବାଜିଲେ ମଧ୍ୟ ଘଣ୍ଟ ହିଁ ପ୍ରଭୁଙ୍କର ମୁଖ୍ୟ ଆକର୍ଷଣୀୟ ବାଦ୍ୟ। ଆଲଟ ଚାମରରେ ଚତୁର୍ଦ୍ଧା ମୂର୍ତ୍ତି ଯେତେବେଳେ ଝୁଲି ଝୁଲି ଆସନ୍ତି, ସେହି ସମୟରେ ଟାହିଆର ତାଳେ ତାଳେ କେବଳ ଘଣ୍ଟ ବାଦ୍ୟ ହିଁ ପ୍ରଭୁଙ୍କର ଭଙ୍ଗୀ, ଠାଣୀ ଓ ଚାହାଣୀକୁ ଭକ୍ତଙ୍କ ଆଡ଼କୁ ଆକର୍ଷିତ କରିଥାଏ।

ଶ୍ରୀକ୍ଷେତ୍ରରେ ତେଇଶି ଘର ଘଣ୍ଟୁଆ ଓ ଭଟ୍ଟିମୁଣ୍ଡାର ବାର ଘର କଂସାରୀଙ୍କୁ ଏହି ଘଣ୍ଟ ସେବା କରିବାର ଅଧିକାର ମିଳିଛି। ଏହି ଘଣ୍ଟବାଦନ ବାବଦରେ ଉଭୟ ପୁରୀ ଓ ଭଟ୍ଟିମୁଣ୍ଡାରେ ଚଢ଼େଇଦନା ତାଡ଼ ମିଳେ। ସେଇ ବାବଦରେ ସେମାନଙ୍କୁ ଖେଚେଡ଼ି ଭୋଗ ମିଳିବାର ବିଧି ରହିଛି। ଶ୍ରୀମନ୍ଦିରର ପ୍ରଶାସକଙ୍କ ତରଫରୁ ସେ ବାବଦରେ ଘଣ୍ଟୁଆ ସେବକମାନଙ୍କୁ ୧୦୫୦ଟଙ୍କା ଦିଆଯାଉଛି। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ ପ୍ରତ୍ୟେକ ଘଣ୍ଟୁଆ ଶାଢ଼ି ପାଇବାର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି। ବାହୁଡ଼ା ଯାତ୍ରା ସମୟରେ ସେମାନଙ୍କୁ ସର୍ବମୋଟ ଛଅଖଣ୍ଡ ଶାଢ଼ି ମିଳିଥାଏ।



ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଅବସ୍ଥିତ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର କଂସାରୀ କୂଳର ଘଣ୍ଟୁଆ ନିଯୋଗ। ଗୋପୀନାଥ ମନ୍ଦିର ଏହି ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ। ଏହି ନିଯୋଗ ପ୍ରତିବର୍ଷ ରଥଯାତ୍ରାରେ ଘଣ୍ଟୁଆମାନଙ୍କୁ ପଟେ ଲେଖାଏ ନୂଆ ଘଣ୍ଟ ଓ ଗାମୁଛା ଦେଇଥା'ନ୍ତି। ରଥଯାତ୍ରାର ପରିସମାପ୍ତି ପରେ ସେବକମାନେ ଘଣ୍ଟଗୁଡ଼ିକୁ ଫେରାଇ ଦିଅନ୍ତି। ରଥଯାତ୍ରା ଦିନ ପହଣ୍ଡି ଓ ରଥଟଣା ବେଳେ ଘଣ୍ଟ ସେବକ ଶୁଦ୍ଧପୂତ ଭାବରେ ନୂଆ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି। କୌଣସି ଘଣ୍ଟୁଆ ସେବକ ରଥଯାତ୍ରା ସମୟରେ ଆମିଷ ଭକ୍ଷଣ କରନ୍ତି ନାହିଁ।

ଶାଢ଼ିବନ୍ଧା ସେବା ହୋଇ ନ ଥିଲେ ମଧ୍ୟ ଘଣ୍ଟୁଆ ସେବକଙ୍କ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ, ଶବସତ୍କାର ପାଇଁ ଶ୍ରୀମନ୍ଦିର ବୈଷ୍ଣବାଗ୍ନି ମିଳିଥାଏ। ଘଣ୍ଟୁଆ ସେବକମାନେ ନିଜକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିବାରର ଜଣେ ଜଣେ ସଦସ୍ୟ ଭାବେ ଗୌରବ ଅନୁଭବ କରନ୍ତି। ଶ୍ରୀକ୍ଷେତ୍ରର କୌଣସି ଖରୁଡ଼ା ସେବାରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ସଙ୍ଗେ ସଙ୍ଗେ ଭଟ୍ଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ। ସେହିପରି ଭଟ୍ଟିମୁଣ୍ଡାର କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି ତେବେ ଅନ୍ୟ କଂସାରୀ ସେବକଙ୍କୁ ସେବା କରିବାର ଅବସର ମିଳିଥାଏ। ୨୦୦୪ ମସିହାଠାରୁ ବନଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଠେଇଶ ଜଣ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଚବିଶ ଜଣ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ସର୍ବାଧିକ ବତିଶ ଜଣ ଘଣ୍ଟୁଆ ଘଣ୍ଟ ବାଦନ କରିଥା'ନ୍ତି। ବଡ଼ଦାଣ୍ଡରେ ଯେତେ ସମୟ ରଥ ଗଡ଼ି ଚାଲୁଥାଏ ସେତେସମୟ ପର୍ଯ୍ୟନ୍ତ ଅବିରତ ଘଣ୍ଟୁଆ ଘଣ୍ଟ ବଜାଉ ଥାଏ। ଭକ୍ତି ଓ ଭାବର ଅନାବିଳ ସଂଯୋଗ ହିଁ ଘଣ୍ଟ ବାଦନ। ଏକଭାବରେ ମହାପ୍ରଭୁଙ୍କ ସଙ୍ଗେ ସମ୍ମିଳିତ ହେବାର ପ୍ରତୀକ ହିଁ ଘଣ୍ଟସେବା।

ଯାଜପୁର, ମୋ: ୯୪୩୭୯୫୭୬୧୭

---

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାରଙ୍କ ଅପାରଗତା ପାଇଁ ବଢୁଛି ଭିଡ ହିଂସା: ବିଜେଡି

■ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ
■ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ବିଫଳ

ଭୁବନେଶ୍ୱର,୩୦।୬(ସମିସ): ବିଜେପି ସରକାରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧିକ କାର୍ଯ୍ୟକଳାପ ଘଟୁଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବାଣପୁରରେ ପୁଲିସ ସମ୍ମୁଖରେ ଜଣକୁ ପିଟି ପିଟି ମାରିଦେବା ଘଟଣାକୁ ନେଇ ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସାରା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସବୁଠି ବର୍ବରତା ଜାରି ରହିଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପୁଣି ବାଣପୁର ଘଟଣା ପାଇଁ ଓଡ଼ିଶା ସର୍ବସମ୍ମୁଖରେ ନିନ୍ଦିତ ହୋଇଛି। ବାଲିଅନ୍ତା, କଣାସ ପରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ଭିଡ ହିଂସା ଘଟିଛି। ଥାନା ଅଞ୍ଚଳରେ ଉକ୍ତ ନିନ୍ଦନୀୟ ଘଟଣା ଘଟିଯାଇଛି। କେଉଁଠି ବି ମାନବିକତା ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ତୋଫାନ ନାୟକ ନାମକ ବ୍ୟକ୍ତିଙ୍କୁ ପୁଲିସ ଆଗରେ ସର୍ବସମ୍ମୁଖରେ ଥାନା ପରିସରରେ ଲୋକେ ବାଡେଇ ବାଡେଇ ମାରୁଛନ୍ତି। ଡ. ମହାନ୍ତି ଆହୁରି କହିଥିଲେ ଯେ, ପୁଲିସ ବିଜେପିର ହାତ ବାରିସି ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେବାରୁ ପୋଲିସ ପ୍ରତି ଲୋକଙ୍କ ଭରସା ତୁଟି ଗଲାଣି। ମୃତକଙ୍କ ପତ୍ନୀ ନ୍ୟାୟ ପାଇବା ପାଇଁ ଆକୁଳ ନିବେଦନ କରୁଥିବା ବେଳେ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ଆଗାମୀ ଦିନରେ ସେ ନ୍ୟାୟ ନପାଇଲେ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ଅବଶିଷ୍ଟାଂଶ

### ମହାବିପଦରେ ୨୨...

ସବୁଠାରୁ କମ୍ ବର୍ଷା (୮୭.୬ ଏମ୍‌ଏମ୍) ହୋଇଥିଲା। ୧୯୦୫ରେ ୯୧.୯ ଏମ୍‌ଏମ୍, ୨୦୧୪ରେ ୯୨.୮ ଏମ୍‌ଏମ୍ ଏବଂ ୧୯୨୬ରେ ୯୬.୭ ଏମ୍‌ଏମ୍ ବର୍ଷା ରେକର୍ଡ କରାଯାଇଥିଲା।

କେବଳ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ ଏବଂ ପଶ୍ଚିମ ବଙ୍ଗକୁ ଛାଡ଼ିଦେଲେ ଓଡ଼ିଶା ସମେତ ୨୨ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଓଡ଼ିଶାରେ ଜୁନରେ ୨୦୯.୩୦ ଏମଏମ୍ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୧୧୦.୩ ଏମଏମ୍ ବର୍ଷା। ଅର୍ଥାତ ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଝାଡ଼ଖଣ୍ଡରେ ୫୯%, ଉତ୍ତର ପ୍ରଦେଶରେ ୫୦% ଏମଂ ମହାରାଷ୍ଟ୍ରରେ ମଧ୍ୟ ୪୭ % ନିଅଣ୍ଟିଆ ବର୍ଷା ହୋଇଛି। ଏଥର ଗୁଜରାଟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ୮୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଏହା ପଛକୁ ରହିଛି ଛତିଶଗଡ଼। ଏଠା।ରେ ୬୫ ଭାଗ ନିଅଣ୍ଟିଆ ବର୍ଷା ହୋଇଛି। ବିହାର, ପଞ୍ଜାବ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ତେଲେଙ୍ଗାନା, କଶ୍ମୀର, ଉତ୍ତରାଖଣ୍ଡ, ହରିଆଣା, ହିମାଚଳ ପ୍ରଦେଶ, ଆସାମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ ପ୍ରଭୃତି ରାଜ୍ୟରେ ନିଅଣ୍ଟିଆ ବର୍ଷା ବେହାଲ କରିଛି। ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ନିଅଣ୍ଟିଆ ବର୍ଷା ଯୋଗୁଁ କୃଷି ଚାଷ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଏତିକି ନୁହେଁ ଉତ୍ତର ଏବଂ କେନ୍ଦ୍ରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ମଧ୍ୟ ଜାରି ରହିଛି।

କିଛି ସପ୍ତାହର ମନ୍ଥର ଗତି ପରେ ଭାରତରେ ପୁଣି ଥରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବାରେ ଲାଗିଛି। ବଙ୍ଗୋପସାଗର ଏବଂ କେନ୍ଦ୍ରୀୟ ଭାରତରେ ଦୁଇଟି ପ୍ରମୁଖ ଲଘୁଚାପ କେନ୍ଦ୍ର ସୃଷ୍ଟି ହେବାର ସଙ୍କେତ ମିଳିଛି। ଏହା ଦେଶର ଅଧିକାଂଶ ଅଞ୍ଚଳରେ ବ୍ୟାପକ ବର୍ଷା କରାଇବା ସମ୍ଭାବନା ଆଣିଛି। ଜୁନ୍ ଶେଷ ସୁଦ୍ଧା ଉତ୍ତର ଭାରତରେ ମୌସୁମୀ ପ୍ରବାହ ଦୁର୍ବଳ ରହିଥିଲା। ଏବେ ମଧ୍ୟ ଦିଲ୍ଲୀ-ଏନସିଆର, ହରିୟାଣା ଏବଂ ରାଜସ୍ଥାନ ପରି ଅଞ୍ଚଳରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି। ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁଲାଇ ୧ ରୁ ୫ ମଧ୍ୟରେ ମୌସୁମୀ ଉତ୍ତର ଭାରତରେ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହେବ। ଏହା ଫଳରେ ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ବ୍ୟାପକ ବର୍ଷା ସହ ତାପମାତ୍ରାରେ ହ୍ରାସ ଘଟିବ। ପୂର୍ବରୁ ମୌସୁମୀ ଟ୍ରଫ୍ ହିମାଳୟର ପାଦଦେଶ ନିକଟରେ ସ୍ଥିର ରହିଥିବାରୁ ଗାଙ୍ଗେୟ ସମତଳ ଅଞ୍ଚଳରେ ବର୍ଷା ହୋଇପାରୁନଥିଲା। ବର୍ତ୍ତମାନ ଏହି ଟ୍ରଫ୍ ଦକ୍ଷିଣ ଦିଗକୁ ଗତି କରିବା ଆରମ୍ଭ କରିଛି, ଯାହା ବାୟୁମଣ୍ଡଳରେ ଅସ୍ଥିରତା ସୃଷ୍ଟି କରି ବର୍ଷା ପାଇଁ ଅନୁକୂଳ ପରିବେଶ ତିଆରି କରୁଛି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଦୁଇଟି ଲଘୁଚାପ ପ୍ରଭାବରେ ପୂର୍ବ, କେନ୍ଦ୍ରୀୟ ଏବଂ ପଶ୍ଚିମ ଭାରତରେ ବର୍ଷା ବୃଦ୍ଧି ପାଇବ।

### ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ...

ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ମୌସୁମୀକୁ ସକ୍ରିୟ କରିବ ଓ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବ।

ଏହାପରେ ଜୁଲାଇ ୯ ତାରିଖରେ ମଧ୍ୟ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ଜୁଲାଇ ଅଧା ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷାର ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ର କହିଛି ଯେ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଆଦିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷା ହୋଇଛି। ଏଥିପାଇଁ ଗଲା କିଛି ଦିନ ହେବ ଲାଗି ରହିଥିବା ଗରମ ଗୁଳୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

### କିଏ ନେବ...

ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍କୁଲ ପାଠ୍ୟପୁସ୍ତକ ପ୍ରତି ଓଡ଼ିଶାର ବିଜେପି ସରକାର କରିଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗି ଦେଇଛି। ଏହାର ଶିକାର ହୋଇଛନ୍ତି ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ; ଯେଉଁମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ, ଆଗାମୀକାଲିର ବାର୍ତ୍ତାବହ। ଭୁଲରେ ଭରା ପାଠ୍ୟପୁସ୍ତକ ଛାପିବା ଏବଂ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତ୍ତି ବଦଳାଇ, ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି। ସରକାର ହୁଏତ ପରବର୍ତ୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟି ସୁଧାରିପାରନ୍ତି। କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ? କୋମଳମତି ପିଲାମାନଙ୍କ ଆସ୍ଥା ଉପରେ ଯେଉଁ ଆଘାତ ହୋଇଛି, ତା'କୁ କ'ଣ କୌଣସି ସଂଶୋଧନ କେବେ ଭରିପାରିବ ବୋଲି ସରକାରଙ୍କ ଉଦ୍ଦେଶ୍ୟରେ ନବୀନ ପ୍ରଶ୍ନ କରିଛନ୍ତି।

### ହତ୍ୟାକାରୀ ମାମୁଁକୁ...

ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲେ ଏବଂ ସେ କିରୋସିନି ଢାଳି ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା। ଗତକାଲି ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ବିଚାରପତି ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲକୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ତେବେ କୋର୍ଟ ଆଜି ଦୋଷୀ ସାବ୍ୟସ୍ତ ତଥା ନାବାଳିକା ଭାଣିଜି ହତ୍ୟାକାରୀ ମାମୁଁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଭିଯୁକ୍ତ ଶୁପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲେ। କୋର୍ଟରୁ ଅନୁମତି କ୍ରମେ ସେ କିଛିଦିନ ପାଇଁ ପାରୋଲରେ ଆସି ବ୍ରହ୍ମପୁର ବିଦ୍ୟାନଗର ସ୍ଥିତ ସ୍ଥିତ ନିଜ ଭଉଣୀଙ୍କ ଘରେ ରହୁଥିଲେ। ଏବଂ ସେଠାରେ ଏହି ଘଟଣା ଘଟିଥିଲା। ତେବେ ମାମଲାରେ ପ୍ରକାଶ ପାଇଥିବା ରାୟ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ବା ଚାଲେଞ୍ଜ କରାଯିବ ବୋଲି କହିଛନ୍ତି ଫାଶୀ ଦଣ୍ଡାଦେଶରେ ଦଣ୍ଡିତ ଶୁପ୍ରିନ ଦିଗାଲଙ୍କ ଓକିଲ ମନୋଜ ପଟ୍ଟନାୟକ।

### ନାବାଳିକାକୁ ଜିଅନ୍ତା...

ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁ କରି ଧୂଷୁରୀ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି। ଘଟଣା ପରେ ପୀଡ଼ିତାଙ୍କ ପକ୍ଷରୁ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ଘଟଣାରେ ଏକ ମାମଲା(ନଂ-୨୮୮/୨୬) ରୁଜୁ କରି ଘଟଣାର ତଦନ୍ତ କରି ଘଟଣାରେ ବ୍ୟବହୃତ ପେଟ୍ରୋଲ ବୋତଲ, ଏକ ବିଷ ବୋତଲ ଜବତ କରି ଅଭିଯୁକ୍ତ ଦିଲ୍ଲୀପକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଦିଲ୍ଲୀପଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଲୁଚାଇବାକୁ ଯାଇ...

ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଲୋକଙ୍କ ମାଡ଼ରେ ଗୁରୁତର ତୋଫାନକୁ ଉଦ୍ଧାର କରିଥିବା ପୁଲିସ କିପରି ତାକୁ ଚିକିତ୍ସା ପାଇଁ ଭର୍ତ୍ତି କରିବା ବଦଳରେ ଦାୟିତ୍ୱହୀନତା ପ୍ରଦର୍ଶନ କଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମ ବାଘୁଆପଦର ସାହିର ତୋଫାନ ରବିବାର ଅପରାହ୍ନ ରେ ନିକଟସ୍ଥ ଖଣତ ଗ୍ରାମକୁ ଯାଇଥିବା ବେଳେ ଚୋର ସନ୍ଦେହ କରି ଗ୍ରାମର କେତେକ ଲୋକ ତୋଫାନକୁ ଗାଁ ଦାଣ୍ଡ ବିଜୁଳି ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ।ସୂଚନା ପାଇ ବାଣପୁର ପୁଲିସ ତୋଫାନକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ମାତ୍ର ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ନ ହେବାରୁ ରାତି ପ୍ରାୟ ସାଢେ ୮ଟା ରେ ପୁଲିସ ପରିବାର ଲୋକଙ୍କୁ ଡାକି ଜିମାନାମା ଲେଖାଇ ତୋଫାନକୁ ଛାଡ଼ିଥିଲେ। ତେବେ ଗାଁ ଦାଣ୍ଡରେ ଲୋକମାନେ ତୋଫାନକୁ ପିଟିବା ବେଳେ ପୁଲିସ ତାକୁ ଉଦ୍ଧାର କରିଥିଲେ ହେଁ ତାକୁ କାହିଁକି ଡ଼ାକ୍ତରଖାନାରେ ଭର୍ତ୍ତି କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ରବିବାର ବିଳମ୍ବିତ ରାତିରେ ତୋଫାନ ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ରକ୍ତବାନ୍ତି କରି ଗୁରୁତର ହୋଇଥିଲେ। ସୋମବାର ଭୋର ୬ଟାରେ ପରିବାର ଲୋକେ ତୋଫାନଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସୋମବାର ବିଳମ୍ବିତ ରାତିରେ ମୃତ ତୋଫାନଙ୍କ ପତ୍ନୀ ସସ୍ମିତା ବାଣପୁର ଥାନାରେ ତାଙ୍କ ସ୍ୱାମୀଙ୍କୁ ଲୋକମାନେ ମିଳିତ ଭାବରେ ନିସ୍ତୁକ ମାଡ଼ ମାରିଥିବା ସଂକ୍ରାନ୍ତ ଅଭିଯୋଗ କରିଛନ୍ତି। ଏହାପରେ ପୁଲିସ ବିଏନ୍‌ଏସ୍ ୨୯୬,୧୦୩(୧), ୩(୫), ଏବଂ ୩(୧) (ଆର) (ଏସ୍), ୩ (୨), (ଭି-ଏ) ଏସ୍‌ସି/ଏସ୍‌ଟି (ପିଓଏ) ଆକ୍ଟରେ ୨୫୪/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଖଣତ ଗ୍ରାମର ପବିତ୍ର ରାଉତ (୫୧) ଓ ଶରତ କୁମାର ସ୍ୱାଇଁ (୬୦)ଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଏସ୍‌ପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଛି। ଖଣତ ଗାଁରେ ସିସିଟିଭି ଫୁଟେଜ ସହ ଲୋକମାନଙ୍କୁ ପଚରାଉଚୁରା କରି ତଦନ୍ତ ଜାରି ରହିଥିବାବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାଣପୁର ପୁଲିସ ମଙ୍ଗଳବାର ଭୁବନେଶ୍ୱରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତୋଫାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଅନ୍ୟପକ୍ଷରେ ତୋଫାନ ଜଣେ ଦଳିତ ବର୍ଗର ଯୁବକ। ତାଙ୍କ ନାଁ ରେ କୌଣସି ପ୍ରକାର ଅପରାଧ ମୂଳକ ମାମଲା ନାହିଁ ବୋଲି ପୁଲିସ ସୂଚନା ଦେଇଛି। କେଉଁ କାରଣରୁ ଲୋକେ ଆଇନକୁ ହାତକୁ ନେଇ ଏଭଳି ଅମାନବୀୟ କାଣ୍ଡ ଘଟାଇଲେ ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତୋଫାନକୁ ଉଦ୍ଧାର କରିବା ସମୟରେ ତାଙ୍କ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ମେଡିକାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ ତୋଫାନ ହୁଏତ ବଞ୍ଚି ଯାଇଥାନ୍ତା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

### ବାଲି ଚୋରା ଚାଲାଣରେ...

ବାଲି ଚାଲାଣର ଗନ୍ତାଘର ପାଲଟିଛି। ସରକାରୀ ଘାଟ ହୋଇଥିଲେ ସୁଦ୍ଧା କିପରି ପ୍ରତିଦିନ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟକୁ ଶହ ଶହ ଟ୍ରିପ୍ ବାଲି ଚୋରି ଚାଲାଣ ହେଉଛି।ସହିପରି କାଲି ରାତିରେ ୫ଟି ହାଇୱା ଝାଡ଼ଖଣ୍ଡକୁ ଯିବାର ଦେଖିବାକୁ ମିଳିଛି। ପ୍ରଶାସନ କେବଳ ନିରବଦ୍ରଷ୍ଟା ସାଜିଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଯଦି ସରକାରଙ୍କ ନିୟମ ଅନୁସାରେ ବାହାର ରାଜ୍ୟରେ ବାଲି ବିକ୍ରି କରାଯାଉଛି, ତାହେଲେ କେଉଁ ସରକାରୀ ବାବୁ ଓ କେଉଁ ନିୟମ ଆଧାରରେ ଆଦେଶ ଦେଇଛନ୍ତି; ତାହା ତଦନ୍ତ ହେବା ଦରକାର। ଖଣି ବିଭାଗ ପାଖରେ ନିୟମ ଅଛି କି ବାହାର ରାଜ୍ୟକୁ ବାଲି ବିକ୍ରି କରିବା ପାଇଁ ? ଯଦି ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟ ହେଉନାହିଁ, ତେବେ ଜିଲ୍ଲା ଖଣି ବିଭାଗ, ସାରସକଣା ତହସିଲ, ଝାରପୋଖରିଆ ପୁଲିସ କ'ଣ ପାଇଁ ଚୋରି ବାଲି ଚାଲାଣକୁ ଅଟକ କରୁନାହାନ୍ତି କାହିଁକି। ଏହା ପଛରେ ଆଉ କିଛି ରହସ୍ୟ ଲୁଚିରହିଛି କି ? ତାହା ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ରବିବାର ରାତି ସମୟରେ ସ୍ଥାନୀୟ କିଛି ଯୁବକ ହାଇୱାକୁ ଧରି ଝାରପୋଖରିଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ପାଣିପୋଷି କେନାଲ ନିକଟରୁ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ବାଲି ଗାଡିକୁ ଧରି ଥାନାକୁ ନେଇଥିଲା। ଝାରପୋଖରିଆ ପୁଲିସ ଉକ୍ତ ହାଇୱାକୁ ଥାନାକୁ ଆଣି ୧୮୯/୨୬ରେ ଏକ ମାମଲା ରୁଜୁ କରି ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ଚୋରି ବାଲି ଚାଲାଣକୁ ପ୍ରଶାସନ ରୋକ ଲଗାଉଛି ନା ପୁଣି ସେଇ ପୁର୍ନର ମୂଷିକ ଭଳି ପରି ଦିନକୁ ଦିନ ଆହୁରି ଚୋରି ବଢ଼ି ଚାଲିଥିବ ଓ ପ୍ରଶାସନ ଏଠି ମୋଟା ଅଙ୍କର ବଟି ନେଇ ମାଫିଆଙ୍କୁ ଆଶୀର୍ବାଦ ଦେଉଥିବ, ତାହା ଦେଖିବାକୁ ବାକି ରହିଲା।


## ବିଶେଷ ସୂଚନା

ଏତଦ୍ୱାରା ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ଖରିଫ ଚାଷ ପାଇଁ ତା.୦୨-୦୭-୨୦୨୬ ରିଖ ପୂର୍ବାହ୍ନ ୦୯.୦୦ ଘଟିକା ସମୟରେ ବରଗଡ ମୁଖ୍ୟ କେନାଲ ମାଧମରେ ସମସ୍ତ କେନାଲକୁ ଜଳଯୋଗାଣ କରାଯିବ । ଏଣୁ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ

GOVT. OF ODISHA
25001/582/2627
OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mail: eerw_anandapur@yahoo.co.in

**1st Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby **rescheduled** as below:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender Clarification | Date & Time of opening of tender in O/o the S.E.R.W. Division, Anandapur |
|---|---|---|---|---|---|
| | | From | To | | |
| Executive Engineer, R.W. Division, Anandapur | NCB-Online 09/EE/RW/AND/2026-27 | 04.07.2026, 10:00 A.M. | 13.07.2026, up to 5:00 P.M. | 10.07.2026, up to 11:00 A.M. | 14.07.2026, 11:30 A.M. |

All other contents remain unchanged.

Sd/- Executive Engineer
R.W. Division, Anandapur

OIPR-25001/25055/1/26-27/0010

Office of the Principal
**PANCHAYAT HIGHER SECONDARY SCHOOL**
At-Palasagora, Po-Baghiabahal, Dist-Boudh

**Walk-in-Interview**

Wanted Contractual Teaching Faculties for PGT Odia and PGT Political Science. A walk-in-interview will be held on **12.07.2026 (Sunday)** at **10.30 A.M.** in the office of the undersigned. Candidate having **55% marks** in concerned subject may attend along with their resume, photo copies of original certificates and their testimonials (Having B.Ed. Preference will be given first).

Sd/- Principal
Panchayat Higher Secondary School,
Palasagora, Dist-Boudh

**O/O CHIEF DISTRICT MEDICAL & PUBLIC HEALTH OFFICER**
**DHH WARE HOUSE, NABARANGPUR**
Mail ID: dwhnabarangpur.26@gmail.com
RFP No.: 6074Date: 29.06.2026
10001/318/2627

Sealed tenders are invited from registered, reputed and experienced Agencies /Firms/ Individuals for "selection of agencies to provide Godrej & Nilkamal furniture items under Rate contract". Bidders may send their complete bid in double cover system (Technical & Financial) separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website **https://nabarangpur.odisha.gov.in/.** Last date for receipt of Tender documents is **20.07.2026 by 5:00 PM** only through Speed post/Regd Post/Courier only, and the bids so received will be opened on **21.07.2026 at 11:00 AM** in the office chamber of CDM & PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof. Pre-Bid meeting- **04.07.2026 at 11 AM.**

Sd/- CDM & PHO-Cum-District Mission Director
NHM Nabarangpur

OIPR-10001/10081/1/26-27/0010

**OFFICE OF THE PANCHAYAT SAMITI, PAIKMAL**
AT/PO/PS:- Paikmal, Dist.:- Bargarh (Odisha), PIN:- 768039
E_Mail ID:- ori-paikmal@od.gov.in
No. 1478/ Dt. 29.06.2026
19001/122/2627

**"e"-procurement Notice**

Bid Identification No. BDO/Paikmal/02/2026-27

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. **www.tendersodisha.gov.in**

1. **Nature of work :** Civil works
2. **No. of works : 4**
3. **Estimated cost :** As per NIT
4. **Period of completion :** As per NIT
5. **Date and time of availability of the Documents in the Portal :** From **02.07.2026 11.00 AM to 14.07.2026 5.00 PM**
6. **Last date/time for receipt of Bids in the portal : Dt. 14.07.2026 up to 5.00 PM**
7. **Bids received online shall be opened on : Dt. 15.07.2026 at 11 AM**
8. **Name and address of the Officer inviting Bid : Block Development Officer, Paikmal**

Further, the details can be seen from the procurement Portal **www.tendersodisha.gov.in**

Block Development Officer
Paikmal

OIPR-19001/19175/1/26-27/0001

**OFFICE OF THE DIVISIONAL FOREST OFFICER,**
**REDHAKHOL FOREST DIVISION**
Email ID: - dfo.redhakhol@odisha.gov.in
Notice No.19 of 2026-27, Date 30.06.2026
8001/177/2627

**Application Invited for Engagement as Computer Engineer**

Redhakhol Forest Division invites applications only from qualified candidates for the post of Computer Engineer on a purely outsourcing basis (behalf of the Service Provider) to assist in planning, data management, and execution of digital operations including website and portal management, mobile application data management, and capacity building of staff on digitalisation and AI/LLM tools.

The interview date shall be intimated to the candidate after completion of preliminary scrutiny of the application and shall be notified through mail. Application shall be submitted only through the online mode. The application along with terms and conditions shall be available in www.sambalpur.odisha.gov.in/ www.odishaforest.in/ www.redhakholforest.com .

| Name of the Post | Computer Engineer |
|---|---|
| Educational Qualification | B.Tech/ B.E in Computer Science and Engineering or Postgraduate in Computer Science and Engineering from a recognized University. |
| Desirable Technical Skills | Programming and Scripting – Python, SQL, Java script etc. AI/ML, LLM, and Data tools etc. Computer and Office Skills – MS Office, Map design and layout etc. |
| Emoluments | Rs. 36,000(Thirty-six thousand rupees only) per month |
| Age | Upper age limit 35 years as on 01.01.2026, including age relaxation up to 5 years in case of SC/ST/SEBC candidates. |
| Last Date and Time for Submission | 18th July 2026 and 05.00 PM |

The candidate should submit **online form** by visiting the website www.redhakholforest.com or through scanning the QR code/ link (https://forms.gle/9MV3AiDgHf4bWAZi8). For any query, candidates can mail to helpdesk@redhakholforest.com.

OIPR-8001/8146/1/26-27/0030

Divisional Forest Officer,
Redhakhol Forest Division.

**Notice (For Minor)**

By virtue of an affidavit sworn before Executive Magistrate, Bhubaneswar, Dated-29.06.2026 I, RAMESH TIRIA, Address Kathbharia, Barisaghutu, Mayurbhanj, Odisha-757047, declare that I have changed the name of my daughter from SAKUN TIRIA to SUKANTI TIRIA. Henceforth, She shall be known as **SUKANTI TIRIA** for all purposes.

Sd/- Ramesh Tiria

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Bargarh vide No.77 dated 29.06.2026, I Janaki Bai Raut, resident of Vill.- Chandramanipur, Po.- Bhainsadarha, Ps./Tah- Jharbandh, Dist.- Bargarh, 768042 state that, I have changed my name from **Jananki Bai Rout** to **Janaki Bai Raut**. Hence **Janaki Bai Raut** for all future purposes.

**AFFIDAVIT**

By Virtue of an affidavit (SL NO-335, dtd-30.06.2026) sworn before The Executive Magistrate, Bisoi, Mayurbhanj. I, Smt Hiramani Majhi, W/O- Raisen Majhi, of village-Panposi,PO- Kundulia, PS-Bisoi ,DIST - Mayurbhanj. That ,My Daughter's actual name is MANINI MAJHI which is reflected in his Birth certificate vide Regd. No.- 220/2017.That in Aadhar card No - 8979 6419 3747 my daughter's name has been wrongly entered as MAYNO MAJHI instead of MANINI MAJHI. That, Both the name MANINI MAJHI and MAYNO MAJHI is one and same person belongs to my daughter's name. Henceforth, she shall be known as **MANINI MAJHI** for all purpose .

SD/- HIRAMANI MAJHI

**AFFIDAVIT**

I, Rashmita Dwibedi, D/o- Dhruba Charan Dwibedy W/o- Debasish Jena, Resident At- Chahata Nagar, Po- Avinaba Bidanasi, Ps- Bidanasi, Dist- Cuttack, PIN-753014, Odisha, declare by this affidavit No.3991 on dated 29.06.2024 before Executive Magistrate, Cuttack that now onwards I shall be known as **RASHMITA DWIBEDY** for all future purposes.

**AFFIDAVIT**

By virtue of an affidavit sworn before the Notary Public , Nabarangpur, Vide no - 3137/26, dated 27.06.2026, I, DHANMATI MAJHI, W/o - Damu Bhatra permanent resident of Village/PO- Sanamasigam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from METRO BHATRA to NETRO BHATRA. Henceforth, she shall be known as **NETRO BHATRA** for all purposes.

Sd/- Dhanmati Majhi

**AFFIDAVIT**

By virtue of an affidavit no.87 before the Executive Magistrate, Paikmal, Bargarh, dtd. 11.05.2026, I, Durbashini Pradhan, Vill/P.O.- Jamseth, P.S. Paikmal, Dist.- Bargarh hereby declare that my name has been wrongly recorded as Kishori Sahu in my Postal Bond Policy. My correct name is Durbashini Pradhan. That both names refer to one and the same person.

Sd/- Durbashini Pradhan

**AFFIDAVIT**

By virtue of an affidavit no.88 before the Executive Magistrate, Paikmal, Bargarh, dtd. 11.05.2026, I, Gunanidhi Pradhan, Vill/P.O.- Jamseth, P.S. Paikmal, Dist. Bargarh hereby declare that my name has been wrongly recorded as Dinabandhu Pradhan in my Postal Bond Policy. My correct name is Gunanidhi Pradhan. That both names refer to one and the same person.

Sd/- Gunanidhi Pradhan

**NOTICE**

By virtue of an affidavit no. 480 sworn before Notary Public, Borigumma, dated 26/05/2026, I LACHMAN GOUDA Address: Chargam, Po: Jayantigiri, PS: Borigumma, Dist: Koraput, Odisha-764056 declare that I have changed the name of my son from TOKADHAR GOUDA to TANKADHARA GOUDA. Henceforth, he shall be known as **TANKADHARA GOUDA** for all purposes.

Lachman Gouda

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 992, dated 24-06-2026, I, PHIRAJ CHANDRA HIAL, S/o - Alec Chandra Hial, permanent resident of - Gadabaguda, PO/PS/Dist.- Nabarangpur, Odisha, Pin - 764059, declare that I have changed the name of my Daughter from H. PRAKRUTI PRANGYA to PRAKRUTI PRANGYA HIAL. Henceforth, she shall be known as **PRAKRUTI PRANGYA HIAL** for all purposes.

Sd/- Phiraj Chandra Hial

**AFFIDAVIT**

By virtue of an affidavit no.156 before the Executive Magistrate, Bhubaneswar, dtd. 29.06.2026, I, Sabitri Kamudi, At- Abarada, P.O. Kularsingi, P.S. Padwa, Dist. Koraput hereby declare that My correct name is **Sabitri Kamudi** but in my Aadhaar Card it has been wrongly recorded as Sabitri Kamudi. Henceforth I shall be known as **Sabitri Kamudi** for all purposes.

Sd/- Sabitri Kamudi

**AFFIDAVIT**

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:493, dated 30.06.2026, I Sai Kiran Nayak, d/o: Biplab Nayak, AT: Purnachandrapur, ward no:21, Chipatastia, po/ps: Bhanjpur, dist - Mayurbhanj, PIN - 757002, adhar no: 365057025729 declare that I have changed my name from Saikiran Nayak to Sai Kiran Nayak. Henceforth, I shall be known as **Sai Kiran Nayak** for all purposes.

**AFFIDAVIT**

I, Prasanta Das, Age 34 yrs S/o- Bhagirathi Das, do hereby solemnly affirm that, as per Affidavit No. 1206 dated- 12.05.2026 sworn before the Executive Magistrate, Kanika, my correct and actual name is Prasanta Das. The same is duly recorded in my SBI Bank Account, Aadhaar Card, and Voter ID Card but, my name has been recorded as Sangram Das in LIC Policy No. **586255912**. I hereby declare that the names **Prasanta Das** and **Sangram Das** refer to one and the same person.

## ବଜ୍ରପାତରେ ଜଳିଗଲା ଦୋକାନ

କାଳିଆପାଣି,୩୦।୬(ସମିସ): ଗତକାଲି ବିଳମ୍ବିତ ରାତ୍ରରେ କାଳିଆପାଣି ଓଏମସି ଖଣି ପରିଚାଳକଙ୍କ ଅଫିସ ସମ୍ମୁଖରେ ଥିବା କମଳଲୋଚନ ନାୟକଙ୍କ ଦୋକାନରେ ବଜ୍ରପାତ ଯୋଗୁଁ ଭୟାବହ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ବଜ୍ରପାତର ପ୍ରଭାବରେ ଦୋକାନର ଛାତ ଫାଟିଯିବା ସହ ସମ୍ପୂର୍ଣ୍ଣ ଦୋକାନଟି ନିଆଁରେ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଫଳରେ ଦୋକାନରେ ଥିବା ଫ୍ରିଜ, ଫ୍ରିଜର, ପ୍ରାୟ ଦେଢ଼ ଲକ୍ଷ ଟଙ୍କା ନଗଦ, ବ୍ୟାଙ୍କ ପାସବୁକ୍, ଏଲଆଇସିବଣ୍ଡ ସହ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ, ପ୍ରାୟ ୮ରୁ ୧୦ ଲକ୍ଷ ଟଙ୍କାରୁ ଅଧିକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ଏହି ଅଗ୍ନିକାଣ୍ଡ ଫଳରେ କ୍ଷତିଗ୍ରସ୍ତ ପରିବାର ବର୍ତ୍ତମାନ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯିବାର ସୂଚନା ମିଳିଛି। ପରିବାରକୁ ଯଥୋଚିତ ଆର୍ଥିକ ସହାୟତା ଓ ସରକାରୀ ସହଯୋଗ ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋଚିଲା ନଦୀ ବନ୍ଧକୁ ନେଇ ଚିନ୍ତାରେ ଅଞ୍ଚଳବାସୀ



- ଗତ ବର୍ଷ ବନ୍ୟାରେ ଧୋଇଯାଇଥିଲା ୩୦୦ ମିଟର ରାସ୍ତା
- ଅଦ୍ୟାବଧି ଏହାର ସ୍ଥାୟୀ ମରାମତି ହୋଇନାହିଁ

ଦୋବଲ,୩୦।୬(ସମିସ): ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ଧାମନଗର ଜଳସମ୍ପଦ ବିଭାଗ ଅଧୀନ ପଧୁଆ ପଞ୍ଚାୟତ ଶୈଳ ଗ୍ରାମର ଜଗନ୍ନାଥ ଧଳଙ୍କ ଘର ନିକଟରେ ବିପଦରେ ଥିବା କୋଚିଲା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ମରାମତି କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ଗତବର୍ଷ ବନ୍ୟାରେ ପ୍ରାୟ ୩୦୦ ମିଟର ବନ୍ଧ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏବେ ବିଭାଗ ପକ୍ଷରୁ କେବଳ ମାଟି ପକାଇ କାମ ସାରି ଦିଆଯାଇଥିବା ଅଭିଯୋଗ ହୋଇଛି। ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ଶୈଳ ଗ୍ରାମର ସୁରେଶ ବିଶ୍ୱାଳ ଓ ଜଗନ୍ନାଥ ଧଳଙ୍କ ଘର ନିକଟରେ କୋଚିଲା ନଦୀବନ୍ଧ ପ୍ରାୟ ୩୦୦ ମିଟର ଗତ ବର୍ଷ ବନ୍ୟା ସମୟରେ ଧୋଇଯାଇଥିଲା। ପ୍ରାୟ ବନ୍ଧର ସମସ୍ତ ଅଂଶ ନଦୀ ଭିତରକୁ ଚାଲିଯାଇଥିଲା। ଏହା ସହ ସୁରକ୍ଷା ପାଇଁ ନିର୍ମିତ ପଥର ସ୍ପର୍ ମଧ୍ୟ ନଦୀ ଭିତରକୁ ଖସିପଡ଼ିଥିଲା। ସେତେବେଳେ ଜଳସମ୍ପଦ ବିଭାଗ ପକ୍ଷରୁ କାଠ ବହ୍ଲା ଓ ଟିଣ ଚାଦର ଲଗାଇ ଅସ୍ଥାୟୀ ଭାବେ ମରାମତି କରାଯାଇଥିଲା। ଏହାର ଏକ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ କରାଯାଇନାହିଁ। ଏବେ ମଧ୍ୟ ସେହି ପୁରୁଣା କାଠ ବହ୍ଲା ଓ ଟିଣ ଚାଦର ଲାଗି ରହିଛି। ଗତ ୧୫ ଦିନ ତଳେ ଟ୍ରାକ୍ଟର ସାହାଯ୍ୟରେ ମାଟି ପକାଇ କାମ ଅଧାରେ ଛାଡ଼ି ଦିଆଯାଇଛି। ବନ୍ଧକୁ ମଜଭୁତ କରିବା ପାଇଁ ରୋଲର କମ୍ପାକ୍ସନ୍ କିମ୍ବା ଅନ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ବର୍ଷା ପାଣିରେ ମାଟି ଧୋଇଯାଉଛି। ନଦୀରେ ପାଣି ଆସିଲେ ପୁଣିଥରେ ବନ୍ଧ ସମ୍ପୂର୍ଣ୍ଣ ଧୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ସ୍ଥାନରେ ପ୍ରତିବର୍ଷ ବନ୍ଧ କ୍ଷତିଗ୍ରସ୍ତ ହେଉଥିବାବେଳେ ମରାମତି ନାଁରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ପ୍ରତିକାର କରାଯାଇନାହିଁ। ୧୯୮୪, ୧୯୯୨ ଓ ୧୯୯୯ ମସିହାରେ ନିକଟବର୍ତ୍ତୀ ସ୍ଥାନରେ ତିନିଥର ବନ୍ଧ ଭାଙ୍ଗି ବ୍ୟାପକ ବନ୍ୟା ସୃଷ୍ଟି ହୋଇଥିଲା। ସେତେବେଳେ ପଧୁଆ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ଘରେ ପାଣି ପଶିବା ସହ ଚାଷଜମିରେ ବାଲି ମାଡ଼ିଯାଇ ବ୍ୟାପକ କ୍ଷତି ଘଟିଥିଲା। ଏବେ ମୌସୁମୀ ଓଡ଼ିଶାରେ ସକ୍ରିୟ ହୋଇଥିବାରୁ ଆଗାମୀ ଦିନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏପରି ସ୍ଥିତିରେ ଶୀଘ୍ର ବନ୍ଧକୁ ସ୍ଥାୟୀ ଭାବେ ସୁଦୃଢ଼ କରା ନ ଗଲେ ଶୈଳ, ହସନାବାଦ ଓ ଅର୍ଜ୍ଜୁନପୁର ପଞ୍ଚାୟତର ବିସ୍ତୃତ ଅଞ୍ଚଳ ପୁଣି ବନ୍ୟା ବିପଦର ସମ୍ମୁଖୀନ ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ (ଧୁସୁରୀ) ଗାନ୍ଧୀଘାଟ ଜଳସମ୍ପଦ ବିଭାଗର ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ବନ୍ଧର ସ୍ଥାୟୀ ମରାମତି ପାଇଁ ପ୍ରାୟ ୩ କୋଟି ଟଙ୍କାରୁ ଅଧିକ ବ୍ୟୟରେ ଟେଣ୍ଡର ହୋଇଥିଲା। ତେବେ ଯାଜପୁର ଜିଲ୍ଲାର ଜାରକା ଅଞ୍ଚଳର ଠିକାଦାର ପ୍ରାୟ ୩୦ ପ୍ରତିଶତ କମ୍ ଦର (ଲେସ୍) ରେ କାର୍ଯ୍ୟ ନେଇଥିବାରୁ ପରବର୍ତ୍ତୀ ସମୟରେ କ୍ଷତି ହେବାର ଆଶଙ୍କା କରି କାମ କରିବାକୁ ମନାକରି ଦେଇଥିଲେ। ଏହାକୁ ନେଇ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ ବ୍ଲାକ୍‌ଲିଷ୍ଟ କରିବା ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟକୁ ଚିଠି କରାଯାଇଛି। ସେହିପରି ବର୍ଷା ଋତୁକୁ ଦୃଷ୍ଟିରେ ରଖି ତତ୍କାଳ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଅଳ୍ପ ବ୍ୟୟରେ ସେଠାରେ ମାଟି ପକାଇ ବନ୍ଧକୁ ଅସ୍ଥାୟୀ ଭାବେ ସୁରକ୍ଷିତ କରାଯାଇଛି ବୋଲି ଯନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି।

### ● ସଙ୍କଟରେ ତାଳଗଛ

## ଘୋଷଣା କରି ଭୁଲିଗଲେ ସରକାର



କର୍ଣ୍ଣଗୋଲା,୩୦।୬(ସମିସ): କାହିଁ କେଉଁ କାଳରୁ ପ୍ରାକୃତିକ ବିପର୍ଯ୍ୟୟ ରୋକିବାରେ ତାଳଗଛ ଗୁରୁତ୍ୱ ଭୂମିକା ନେଇଆସୁଛି। ବାତ୍ୟା ସମୟରେ ତାଳଗଛ ଭୟଙ୍କର ପବନ ଓ ବଜ୍ରପାତକୁ ବହୁଳ ପରିମାଣରେ ରୋକିଥାଏ। ପରିବେଶ ସୁରକ୍ଷା ଓ ସନ୍ତୁଳନର ଅଭାବ ଯୋଗୁଁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ଗଛ କାଟିବା ଯୋଗୁଁ ପ୍ରକୃତି ଉପରେ ଗୁରୁତର ପ୍ରଭାବ ପଡୁଛି। ପ୍ରକୃତିର କୋପରେ ବାତ୍ୟା, ବନ୍ୟା ଦେବା ସହିତ ତାପମାତ୍ରା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ତାଳଗଛ ରୋପଣ ପାଇଁ ୨୦୨୪ରେ 'ତାଳ ମିଶନ' ଆରମ୍ଭ କରିଥିଲେ। କିନ୍ତୁ ସରକାରୀ ଯୋଜନା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଗଛ ଲୋପ ପାଇବାରେ ଲାଗିଛି। ତାଳଗଛ କେବଳ ପ୍ରାକୃତିକ ସୁରକ୍ଷା ନୁହେଁ, ଓଡ଼ିଆ ସଂସ୍କୃତିର ମଧ୍ୟ ପ୍ରତୀକ। ବିଶେଷ କରି ରଜ, ସାବିତ୍ରୀ ପର୍ବରେ ତାଳସଜକୁ ଭୋଗ ଭାବେ ବ୍ୟବହାର କରାଯାଇଥାଏ। ଗ୍ରୀଷ୍ମ ସମୟରେ ତାଳସଜ ପଥଚାରୀଙ୍କ ଭୋକଶୋଷ ମେଣ୍ଟାଇଥାଏ। ତାଳପତ୍ରରେ ବିଞ୍ଚଣା, ଛତା ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ପାଚିଲା ତାଳରୁ ମଧ୍ୟ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ମାତ୍ର ଆଧୁନିକତାର ଛାପରେ ବର୍ତ୍ତମାନର ପିଢ଼ି ଏହି ପ୍ରକୃତିଦତ୍ତ ଖାଦ୍ୟ ଖାଉନାହାନ୍ତି। ମାତ୍ର ଜୀବଜଗତର ସୁରକ୍ଷା ପାଇଁ ତାଳଗଛର ସୁରକ୍ଷା ଜରୁରୀ। କିନ୍ତୁ ବ୍ୟାପକ ଗଛ କଟା ଯୋଗୁଁ ଧୀରେ ଧୀରେ ଦଶରଥପୁର ବ୍ଲକ ଅଞ୍ଚଳରେ ତାଳଗଛ କମିବାରେ ଲାଗିଛି। ରାଜ୍ୟ ସରକାର ବ୍ୟାପକ ମାତ୍ରାରେ ତାଳଗଛ ରୋପଣ ଓ ରକ୍ଷଣାବେକ୍ଷଣ କରି "ତାଳ ମିଶନ'କୁ ସଫଳ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ● ଷ୍ଟ୍ରିଟ୍‌ଲାଇଟ ଦୁର୍ନୀତି ଅଭିଯୋଗ

## ଦାନଗଦିର ୫ଟି ପଞ୍ଚାୟତରେ ଭିଜିଲାନ୍ସ ତଦନ୍ତ

ଦାନଗଦି,୩୦।୬(ସମିସ): ସାରା ଜିଲ୍ଲାରେ ହୋଇଥିବା ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ଅଭିଯୋଗକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିଲା ବେଳେ ଗତ ୨୫ ତାରିଖରେ ଦାନଗଦି ବ୍ଲକର ୬ ଗୋଟି ପଞ୍ଚାୟତରେ ଭିଜିଲାନ୍ସ ଟିମ୍ ତଦନ୍ତ ପାଇଁ ପହଞ୍ଚିଥିଲା। ଏହାପରେ ମଙ୍ଗଳବାର ଆଉ କିଛି ପଞ୍ଚାୟତରେ ଏହି ଟିମ୍ ପହଞ୍ଚି ଖୋଳତାଡ଼ ଚଲାଇଛି। ବ୍ଲକର ଦେଉଳକଣ, କିଆଝର, ଉଛବାଲି, ଗୋବର୍ଦ୍ଧନପୁର, ନଛିପୁରା ଓ ଓସ୍ତପାଳ ପଞ୍ଚାୟତରେ ଭିଜିଲାନ୍ସ ଟିମ୍ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ କାଗଜପତ୍ର ତନଖି କରିବା ସହିତ ଲାଗିଥିବା ଲାଇଟ୍ ଖୁଣ୍ଟ ପାଖକୁ ଯାଇ ତାର ମାନ ଯାଞ୍ଚ କରିଥିଲେ। ଗ୍ରାମାଞ୍ଚଳର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରତି ପଞ୍ଚାୟତରେ ୧୦୦ଟି ଷ୍ଟ୍ରିଟ୍ ଲାଇଟ ଲାଗିଥିଲା, ବିରଜା ଏଜେନ୍ସି ମାଧ୍ୟମରେ ସବୁଲାଇଟ୍ ଗୁଡ଼ିକ ଲାଗିଥିଲା, ପ୍ରତ୍ୟେକ ଲାଇଟ ବାବଦକୁ ୧୪୦୦୦ ଟଙ୍କାର ଉନ୍ନତମାନର ଲାଇଟ୍ ସ୍ଥାପନ କରିବା ଏସ୍ଟିମେଟ ରେ ଥିବା ବେଳେ ଅତିନିମ୍ନମାନର ୫୦୦୦ ଟଙ୍କାର ଲାଇଟ୍ ସବୁ ଲାଗିଥିବାର ଅଭିଯୋଗ ହୋଇଥିଲା। ଅଧିକାଂଶ ସ୍ଥାନରେ ପ୍ରାୟ ଲାଇଟ୍ ଜଳୁନାହିଁ ବୋଲି ଭିଜିଲାନ୍ସ ଟିମ ଦେଖିଥିଲେ। ତେବେ ତଦନ୍ତରେ ବ୍ଲକର ଭିଏଲଡବ୍ଲ୍ୟୁ, ଜେଇ ଏବଂ ଆସିଷ୍ଟାଣ୍ଟ ଇଂଜିନିୟରଙ୍କୁ ଏଥିରେ ପକ୍ଷଭୁକ୍ତ କଲେ ପ୍ରକୃତ ଦୋଷି ଧରା ପଡିବେ ବୋଲି ଲୋକେ କହିଛନ୍ତି। ଦୋଷିଙ୍କ ବିରୁଦ୍ଧରେ ବିଭାଗ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଦେଖିବାର ବାକି ରହିଛି।

### ■ ପେଟ୍ରୋଲ ପମ୍ପରେ ନିୟମ ଉଲ୍ଲଙ୍ଘନ

## ଗ୍ରାହକଙ୍କ ସୁବିଧାକୁ ଅଣଦେଖା

ଧର୍ମଶାଳା,୩୦।୬(ସମିସ): ଧର୍ମଶାଳା ଅଞ୍ଚଳରେ ଥିବା କେତେକ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପାଇଁ ବାଧ୍ୟତାମୂଳକ ସୁବିଧା ଉପଲବ୍ଧ କରାଯାଉ ନଥିବା ନେଇ ଅଭିଯୋଗ ହୋଇଛି। ବିଶେଷକରି ଜାରକା ଠାରୁ କାଏମା ଏବଂ ଜାରକା ଠାରୁ ନାକପୋଲକୁ ସଂଯୋଗ କରୁଥିବା ରାସ୍ତାରେ ଅନେକ ପେଟ୍ରୋଲ ରହିଛି। ଏହି ପେଟ୍ରୋଲ ପମ୍ପରେ ପ୍ରତିଦିନ ଶତାଧିକ ଗ୍ରାହକ ତୈଳ ଭରିବାକୁ ଯାଉଥିବା ବେଳେ, ମୌଳିକ ସୁବିଧାର ଅଭାବ ଦେଖାଯାଉଥିବା ଅଭିଯୋଗ ହୋଇଛି। କେତେକ ପେଟ୍ରୋଲ ପମ୍ପରେ ପିଇବା ପାଣି, ଶୌଚାଳୟ, ନିଶୁଳ୍କରେ ଗାଡ଼ି ଚକରେ ପବନ ଭରିବା ବ୍ୟବସ୍ଥା ରହିଥିଲେ ବି ଏହା ସଠିକ୍ ଭାବରେ କାର୍ଯ୍ୟ କରୁନାହିଁ। ବିଶେଷ ଭାବରେ ଗାଡ଼ି ଚକରେ ପବନ ଭରିବା ବ୍ୟବସ୍ଥାକୁ ଧ୍ୟାନ ଦିଆଯାଉନାହିଁ। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଅଭିଯୋଗ ବକ୍ସ, ଫାର୍ଷ୍ଟ ଏଡ୍ ବକ୍ସ ଭଳି ବାଧ୍ୟତାମୂଳକ ସୁବିଧା ସହ ତୈଳର ପରିମାଣ ଓ ଗୁଣବତ୍ତା ଯାଞ୍ଚ ପାଇଁ ଥିବା ମାପପାତ୍ର ଭଳି ବ୍ୟବସ୍ଥା ମଧ୍ୟ ଗ୍ରାହକଙ୍କୁ ଦୃଶ୍ୟମାନ ହେଉନଥିବା ଅଭିଯୋଗ ହୋଇଛି। କେତେକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲର ଡେନ୍‌ସିଟି ପ୍ରଦର୍ଶନ କରାଯାଉ ନଥିବା କିମ୍ବା ନିର୍ଦ୍ଧାରିତ ମାନକ ଅନୁଯାୟୀ ରହୁ ନଥିବା ନେଇ ଗ୍ରାହକମାନେ ସନ୍ଦେହ ପ୍ରକାଶ କରୁଛନ୍ତି। ଅନ୍ୟ ପକ୍ଷରେ କିଛି ଦିନ ପୂର୍ବରୁ ଜଣେ ବାଇକ୍ ଆରୋହୀଙ୍କ ବାଇକ୍‌ରେ ବାରମ୍ବାର ଷ୍ଟାର୍ଟିଂ ସମସ୍ୟା ଦେଖାଦେଇଥିଲା। ପରେ ସେ ବାଇକ୍‌ର ଟ୍ୟାଙ୍କି ଖୋଲି ଏକ ବୋତଲରେ ତେଲ ବାହାର କରିବା ବେଳେ ପେଟ୍ରୋଲ ସହ ପାଣି ମିଶିଥିବା ଦେଖିଥିବା ପାଇଥିଲେ। ବାଇକ୍‌ର ଟ୍ୟାଙ୍କିରେ ବାହାରୁ ପାଣି ପ୍ରବେଶ କରିବାର କୌଣସି ବାଟ ନଥିବା ବେଳେ ଏହି ପାଣି ତୈଳ ଟ୍ୟାଙ୍କିରୁ ଆସିଥିବା ସନ୍ଦେହ କରାଯାଉଛି। ସେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପେଟ୍ରୋଲ ପମ୍ପରୁ ତେଲ ଭରୁଥିବାରୁ କୌଣସି ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପକୁ ଦାୟୀ କରି ନଥିବା କହିଛନ୍ତି। ଏହି ଭଳି ବିଭିନ୍ନ ଘଟଣାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ସମ୍ପୃକ୍ତ ବିଭାଗ ନିୟମିତ ଯାଞ୍ଚ କରି ନିୟମ ଉଲ୍ଲଙ୍ଘନ କରୁଥିବା ପେଟ୍ରୋଲ ପମ୍ପ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାହକମାନେ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୩୦।୬(ସମିସ): ଭଦ୍ରକ ଗେଲପୁରସ୍ଥିତ ବାପୁଜୀ ହାଇସ୍କୁଲଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଲେଙ୍କା ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଜୟମାଧବ ପାଣିଗ୍ରାହୀଙ୍କ ସୁପୁତ୍ର ଅସୀତ୍ କୁମାର ପାଣିଗ୍ରାହୀ ସଭାରେ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ବ୍ରଜକିଶୋର ନାୟକ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଣବ କୁମାର ସାହୁ, ବିଦ୍ୟାଳୟର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ନିହାର ଦାସ, ପରିଚାଳନା କମିଟି ସଭାପତି ବିଷ୍ଣୁମୋହନ ପରିଡ଼ା, ପରିଚାଳନା କମିଟି ସଭ୍ୟ ସୁବ୍ରତ କୁମାର ରାଉତ, ପୂର୍ବତନ ପ୍ରଧାନଶିକ୍ଷକ ଅନନ୍ତ କିଶୋର ନାୟକ, ପୂର୍ବତନ ସଂସ୍କୃତ ଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ପୂର୍ବତନ ଖେଳ ଶିକ୍ଷକ ହେମନ୍ତ କୁମାର ଜେନା, ପୂର୍ବତନ ଶିକ୍ଷୟିତ୍ରୀ ସୁଷମା ପାଠୀ, ଅତିଥି ଶିକ୍ଷକ ବଟକୃଷ୍ଣ ରାଉତ, ନରେନ୍ଦ୍ର ପ୍ରସାଦ ପଣ୍ଡା, ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ଅରୁଣ କୁମାର ମହାନ୍ତି, ହିନ୍ଦୀ ଶିକ୍ଷକ ପାର୍ଥସାରଥୀ ଦାସ, ଡ. ନୀଳକଣ୍ଠ ପଣ୍ଡା, ପୂର୍ବତନ ଛାତ୍ରୀ, ଶିକ୍ଷୟିତ୍ରୀ ସୁବାସିନୀ ପୃଷ୍ଟି, ସ୍ନେହଲତା ନାୟକ, ଭଦ୍ରକ ଓଷ୍ଟା ସଭାପତି ଶଶୀଶେଖର କରଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରଞ୍ଜନ ଡୁଙ୍ଗୁଙ୍ଗ ଓ ଶିକ୍ଷୟିତ୍ରୀ ଧରିତ୍ରୀ ଲେଙ୍କା ସଙ୍ଗୀତ ଗାନ କରିଥିଲେ। ଜଣେ ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ ପ୍ରଧାନଶିକ୍ଷକ ଭାବେ ଶ୍ରୀ ଲେଙ୍କାଙ୍କ କର୍ମମୟ ଜୀବନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିବା ସହ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ପ୍ରଦାନ କରାଯାଇଥିଲା। ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ମଞ୍ଚ ପରିଚାଳନା ତଥା ଧନ୍ୟବାଦ ଅର୍ପଣ କରିଥିବାବେଳେ ପୂର୍ବତନ ଛାତ୍ର କୈଳାସ ଚନ୍ଦ୍ର ଦାସ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଦାସ, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି, ଶିକ୍ଷା କର୍ମଚାରୀ ବସନ୍ତ ନାୟକ, ଶଶୀକାନ୍ତ ଲେଙ୍କା, ସୁଶୀଲ ରାଉତ ଓ କାଦମ୍ବିନୀ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। ଏହି ସଭାରେ ବହୁ ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ।

## 'ଜଗନ୍ନାଥ ସଂସ୍କୃତିରେ ସ୍ନାନ ପୂର୍ଣ୍ଣିମା ଏକ ଶାସ୍ତ୍ରୀୟ ଭିତ୍ତିଭୂମିର ଲୀଳା'

ଭଦ୍ରକ,୩୦।୬(ସମିସ): ଦାରୁବ୍ରହ୍ମଙ୍କ ଲୀଳାକ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁଙ୍କୁ ସ୍ନାନ ଉତ୍ସବ ବା ମଞ୍ଚସ୍ନାନ ଏକ ଶାସ୍ତ୍ରୀୟ ଭିତ୍ତିଭୂମିର ଲୀଳା। ମହାପ୍ରଭୁଙ୍କ ଆବିର୍ଭାବବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ। ଶ୍ରୀଜଗନ୍ନାଥ ଆବିର୍ଭୁତ ହେବା ଦିନଠାରୁ ହଜାର ହଜାର ବର୍ଷ ଧରି ତାଙ୍କ ଲୀଳା ଚିରକାଳ ବ୍ୟାପକ ଓ ଅସୀମ ହୋଇ ରହିଆସିଛି। ଯେତେ ଗବେଷକ ଓ ଆଲୋଚକ ଏହି ସଂସ୍କୃତିକୁ ନେଇ ଗବେଷଣା କରିଛନ୍ତି, ସମସ୍ତେ ତା'ର ଥଳକୂଳ କିଛି ପାଇନାହାନ୍ତି ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ପୂର୍ଣ୍ଣିମା ଆସରରେ ବିଶିଷ୍ଟ ଗବେଷକ ଓ ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ମଠସାହିସ୍ଥ 'ଅପୂର୍ବ ନିଳୟ' ପରିସରରେ ଆୟୋଜିତ 'ଜଗନ୍ନାଥ ସଂସ୍କୃତିରେ ସ୍ନାନ ପୂର୍ଣ୍ଣିମା' ଆଲୋଚନା ଆସରରେ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ରତିକାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀଜଗନ୍ନାଥ ଭକ୍ତମାନଙ୍କ ନିକଟରେ ଯୁଗ ଯୁଗ ଧରି ଅବୁଝା ରହିଥିବାବେଳେ, ତାଙ୍କ ସଂସ୍କୃତି ଉପରେ ଅଧିକରୁ ଅଧିକ ଜାଣିବା ପାଇଁ ଜିଜ୍ଞାସୁ ଗବେଷକମାନେ ଧ୍ୟାନ ରଖିଛନ୍ତି ବୋଲି କହିଥିଲେ।



ତାଙ୍କ ପୂଜାପାର୍ବଣ ମଧ୍ୟରୁ ସ୍ନାନ ଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ସେଦିନ ଭକ୍ତମାନେ ମହାବାହୁଙ୍କୁ ହାତୀ ବେଶରେ ଦର୍ଶନ କରିବାର ସୁଯୋଗ ପାଇ ନିଜକୁ ସୌଭାଗ୍ୟବାନ ମନେକରନ୍ତି। ଏହି ଅବସରରେ ମଦନମୋହନ ସ୍ନାନ ବେଦୀକୁ ବିଜେ କଲାପରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା ଓ ଅବକାଶ ବେଶ ଆଦି ନୀତିମାନ କରାଯାଇଥାଏ। ସମ୍ମାନିତ ଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା ଯୋଗଦେଇ ସ୍ନାନ ପୂର୍ଣ୍ଣିମା ରହସ୍ୟମୟ ତଥ୍ୟ ଅବତାରଣା କରିଥିଲେ। ଗାନ୍ଧୀ ବିଚାରମଞ୍ଚର ସଭାପତି ଶାନ୍ତନୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୌଦ୍ଧିକ ଆସରରେ ସମ୍ମାନିତ ବକ୍ତା ଭାବେ ତ୍ୟାଗଭୂମିର ସଭାପତି ଅଜୟ ନାୟକ କୋଟି ଓଡ଼ିଆର ପ୍ରାଣବିନ୍ଦୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ପ୍ରଭୁଙ୍କର ଅନ୍ୟ ଏକ ଅଲୌକିକ ଲୀଳା ବୋଲି କହିଥିଲେ। ଯୁଗ୍ମ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ପ୍ରାକ୍ ସୂଚନା ପ୍ରଦାନ କରିଥିବାବେଳେ, ସମ୍ପାଦକ ରୂପକବିହାରୀ ରାୟ ସ୍ୱାଗତ ଭାଷଣ ଓ କବି ଚର୍ଚ୍ଚିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବି ବିଜୟ ବହଳୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କାଦମ୍ବିନୀ ମହାନ୍ତି, ପ୍ରୀତିଲତା ପଣ୍ଡା, କୈଳାସ ଦାସ, ଅଶୋକ ମହାନ୍ତି, ଶରତ ଚନ୍ଦ୍ର ଜେନା, ମନୋରମା ରାୟ, ଋତୁରାଜ ଅକ୍ଷୟ, ଶଶାଙ୍କ ଶେଖର ପଣ୍ଡା, କିଶୋର ଧଳ, ନାରାୟଣ ଚନ୍ଦ୍ର ପାଢ଼ୀ, ଲକ୍ଷ୍ମୀକାନ୍ତ ବାରିକ, ବସନ୍ତ ପାତ୍ର, ଅଂଶୁମାନ ସ୍ୱାଇଁ, ସେକ୍ ଅବ୍ଦୁଲ ଦୟାନ, ବସନ୍ତ ମହାନ୍ତି, ବିଜୟ ସାହୁ, ସୁରଞ୍ଜନ ମିଶ୍ର ପ୍ରମୁଖ ଆଲୋଚନା କରିବା ସହିତ ସେମାନଙ୍କ ସ୍ୱରଚିତ କବିତା ଆବୃତି କରିଥିଲେ।

## ଯାଜପୁର ଜିଲ୍ଲାରେ ଜାତୀୟ ପରିସଂଖ୍ୟାନ ଦିବସ



ଯାଜପୁର,୩୦।୬(ସମିସ): ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନସ୍ଥ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଯାଜପୁରର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଅବସରପ୍ରାପ୍ତ ପରିସଂଖ୍ୟାନ କର୍ମଚାରୀ, ବୀମା କ୍ଷେତ୍ରର କର୍ମଚାରୀ, ବ୍ଲକ୍ ପରିସଂଖ୍ୟାନ କର୍ମଚାରୀ, ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଯାଜପୁରର ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ମନୋଜ କୁମାର ନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ମୁଖ୍ୟବକ୍ତା ସହକାରୀ ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ଡ. ନିତ୍ୟସୁନ୍ଦର ମାଣିକ, ଅନ୍ୟତମ ବକ୍ତା ସହକାରୀ ପ୍ରାଧ୍ୟାପକ, ପରିସଂଖ୍ୟାନ ଓ ପ୍ରୟୋଗାୟକ ଗଣିତ ବିଭାଗ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତାମିଲନାଡୁ ଡ. ଭବାନୀ ଶଙ୍କର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପରିସଂଖ୍ୟାନ ବିଷୟକ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ବ୍ଲକ୍ ପରିସଂଖ୍ୟାନ କାର୍ଯ୍ୟାଳୟଗୁଡ଼ିକୁ ସମ୍ମାନିତ କରାଯାଇଥିଲା। କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରଶସ୍ତିପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଉତ୍କୃଷ୍ଟ ପ୍ରଦର୍ଶନକାରୀ ବ୍ଲକ୍ ପରିସଂଖ୍ୟାନ କାର୍ଯ୍ୟାଳୟମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଯାଜପୁରର ପରିସଂଖ୍ୟାନ ଅଧିକାରୀ ସୁଶ୍ରୀ ଉମାଭାରତୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ● ଠିକାଦାର ସମର୍ଥକଙ୍କ ଦବଙ୍ଗଗିରି

## ରାସ୍ତା ପାଇଁ ଭାଙ୍ଗି ଦେଲେ ବାସଗୃହ

ମଙ୍ଗଳପୁର,୩୦।୬(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଠାରୁ ଦାଣ୍ଡିସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଜାରିରହିଛି। ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ସ୍ଥିରୀକୃତ ଲମ୍ବ ଓ ଚଉଡ଼ା ଅନୁସାରେ ରାସ୍ତା ନିର୍ମାଣ କାର୍ଯ୍ୟାଦେଶ ହାତେଇଥିବା ଠିକସଂସ୍ଥାର କିଛି ଗୁଣ୍ଡା ଶ୍ରେଣୀୟ ଲୋକ ନିଜର ବ୍ୟକ୍ତିଗତ ବ୍ୟବସାୟିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତା ପ୍ରଶସ୍ତୀକରଣ ପାଇଁ ଆବଶ୍ୟକ ଜମି ବଦଳରେ ବେଆଇନ ଭାବେ ଅଧିକ ଚଉଡ଼ା କରିବା ଉଦ୍ଦେଶ୍ୟରେ ରାସ୍ତା ପାଖର୍ବେ ବସବାସ କରୁଥିବା ଏକାଧିକ ବାସଗୃହଗୁଡ଼ିକୁ ବଳପୂର୍ବକ ଭାଙ୍ଗିରୁଜି ନଷ୍ଟ କରୁଛନ୍ତି। ପ୍ରତିବାଦ କଲେ ମାଡ଼ ମାରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଏ ସମ୍ପର୍କରେ ରାସ୍ତା ନିର୍ମାଣ କରୁଥିବା ଠିକାଦାର ଓ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିବାରୁ ସେମାନେ ଏଥିପାଇଁ ଦାୟୀ ନୁହଁନ୍ତି ବୋଲି କହିଛନ୍ତି। ସେମାନେ ପ୍ରଶସ୍ତୀକରଣ ପାଇଁ ନୀତିନିୟମ ଅନୁସାରେ ଯେତେ ଜମି ଅଧିଗ୍ରହଣ କରିବା କଥା ସେହି ଅନୁସାରେ ଅଧିଗ୍ରହଣ କରି କାମ କରୁଛନ୍ତି। ତେଣୁ କିଏ କ'ଣ କରୁଛି ସେଥିପାଇଁ ସେମାନେ ଉତ୍ତରଦାୟୀ ନୁହଁନ୍ତି ବୋଲି କହିବା ପରେ ସ୍ଥାନୀୟ ଗାୟତ୍ରୀ କଲୋନୀର ପ୍ରଶାନ୍ତ କୁମାର ନାୟକ, ଦିବ୍ୟ ରଞ୍ଜନ ନାୟକ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିୟମ ବାହାରେ ବଳପୂର୍ବକ ବାସଗୃହ ଭାଙ୍ଗି ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଦୁର୍ଦ୍ଦଶାରେ ଜୀବନ ଜିଉଁଛନ୍ତି ସାବିତ୍ରୀଙ୍କ ପରିବାର



ଦୋଳସାହି,୩୦।୬(ସମିସ): ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସ୍ତବ ହିତାଧିକାରୀଙ୍କୁ ଚୟନ କରିବାକୁ ନିୟମ ପ୍ରଣୟନ କରାଯାଇଥିବା ବେଳେ ଏହି ନିୟମ କାଗଜପତ୍ରରେ ସୀମିତ ରହିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଅନେକ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି। ଏଭଳି ଜଣେ ଅସହାୟ ମହିଳା ହେଉଛନ୍ତି ସାବିତ୍ରୀ ଜେନା(୬୫)। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତ ଅଧୀନ ଝାଡ଼ପଟା ଗାଁର ସ୍ୱର୍ଗତ ଭଗବାନ ଜେନାଙ୍କ ବିଧବା ପତ୍ନୀ ସାବିତ୍ରୀ ଏବେ ଅତି ଦୟନୀୟ ଅବସ୍ଥାରେ ନିଜ ପରିବାର ସହ କାଳାତିପାତ କରୁଛନ୍ତି। ସରକାର ତୁରନ୍ତ ବିଧବା ସାବିତ୍ରୀ ଜେନାଙ୍କୁ ଆବାସ ଯୋଜନା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ଠିକାଦାର ସଂଘର ଧାରଣା ଅବ୍ୟାହତ

ବାରିକପୁର,୩୦।୬(ସମିସ): ଇଚ୍ଛାକୃତ ଲେସ୍ ଟେଣ୍ଡରକୁ ତୀବ୍ର ବିରୋଧ କରି ଠିକାଦାର ସଂଘ ଜିଦ୍‌ରେ ଅଟଳ ରହିଥିବାବେଳେ ଦୀର୍ଘ ୧୨ ଦିନ ହେବ ସଦସ୍ୟମାନେ ଧାରଣା ଜାରି ରଖିଛନ୍ତି। ଏମିତି ଚିତ୍ର ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଆଖୁଆପଦା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟଠାରେ। ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ଏହି ଧାରଣା ଆରମ୍ଭ ହୋଇଥିବାବେଳେ ଏହାକୁ ବିଭିନ୍ନ ଜିଲ୍ଲାର ଠିକାଦାରମାନେ ନୈତିକ ସମର୍ଥନ ଜଣାଇଛନ୍ତି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଟେଣ୍ଡର ନୀତି ଯୋଗୁଁ ଠିକାଦାରମାନେ ଏଭଳି ଧାରଣାକୁ ଆପଣାଇଥିବା କୁହାଯାଇଛି। ପରିବର୍ତ୍ତିତ ଟେଣ୍ଡର ନୀତିରେ ଏଭଳି ବ୍ୟବସ୍ଥା ରହିଛି ଯେ ଯାହାଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ଅତି ନିମ୍ନମାନର ହେବ ବୋଲି କିଛି ବରିଷ୍ଠ ଠିକାଦାର ଅଭିଯୋଗ କରିଛନ୍ତି। ଯଦି କାମ ପାଇଁ ସିଡ୍ୟୁଲ୍ ମୂଲ୍ୟରେ ଟେଣ୍ଡର ପଡ଼ିବା ସହିତ ଲଟେରୀ ଅନୁଯାୟୀ, ଠିକାଦାର ଚୟନ ହୁଏ ତାହେଲେ ଉନ୍ନୟନ ପ୍ରକଳ୍ପଗୁଡ଼ିକ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିବ ବୋଲି ସଂଘ କହିଛି। ଏପରିସ୍ଥଳେ ବିଚାରବିହୀନ ଭାବେ ଜିଲ୍ଲା ବାହାରର କିଛି ଠିକାଦାର ଲେସ୍ ଟେଣ୍ଡର ପକାଇଛନ୍ତି। ଏହାକୁ ବିରୋଧ କରି ଦୈନିକ ବିଭିନ୍ନ ବ୍ଲକ୍‌ରୁ ଆସୁଥିବା ଶତାଧିକ ଠିକାଦାର ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଜାରି ରଖିଛନ୍ତି।



### ବୋଲେରୋ-ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଧାମନଗର ରେଞ୍ଜର

ଭଦ୍ରକ/ଧାମନଗର,୩୦।୬(ସମିସ):

ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଯାଇଛି। ଧାମନଗର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଭଦ୍ରକ ସଦର ମହକୁମା ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବରଗଡ଼ିଆ ଛକ ନିକଟ ଏନ୍‌ଏସି ଗେଟ୍ ସମ୍ମୁଖରେ ମଙ୍ଗଳବାର ଅପରାହ୍ଣରେ ଏକ ବନ ବିଭାଗ ଗାଡ଼ି ବୋଲେରୋ, ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଜୋର୍‌ଦାର ଧକ୍କା ହୋଇଛି। ତେବେ ସୌଭାଗ୍ୟବଶତଃ ଏହି ଭୟଙ୍କର ଦୁର୍ଘଟଣାରୁ ଧାମନଗର ବନ୍ୟପ୍ରାଣୀ ଓ ବନଖଣ୍ଡ ଅଧିକାରୀ (ରେଞ୍ଜର) ବବୁଲ ମଲ୍ଲିକ ଅଳ୍ପକେ ବର୍ତ୍ତିଯାଇଛନ୍ତି।



ସୂଚନା ଅନୁଯାୟୀ, ବନ ବିଭାଗ ଅଧିକାରୀ ବବୁଲ ମଲ୍ଲିକ ନିଜର ଅଫିସ କାମ ସାରି ସରକାରୀ ଗାଡ଼ି (ନଂ ଓଡି ୨୨ ଏସି ୭୭୪୫) ଯୋଗେ ଭଦ୍ରକରୁ ଫେରୁଥିଲେ। ଏହି ସମୟରେ ବରଗଡ଼ିଆ ଛକ ଏନ୍‌ଏସି ଗେଟ୍ ନିକଟରେ ବିପରୀତ ଦିଗ ଅର୍ଥାତ୍ ଧାମନଗର ବଜାର ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ନଂ ଓଡି ୦୪ ଡବ୍ଲୁ ୧୪୮୦) ସହ ସରକାରୀ ଗାଡ଼ିର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉଭୟ ଗାଡ଼ିର ଡ୍ରାଇଭର ଅନ୍ୟମନସ୍କ ଥିବା ହେତୁ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାଟି ଏତେ ଜୋର୍ ଥିଲା ଯେ, ବନ ବିଭାଗ ଗାଡ଼ିର ଡାହାଣ ପଟ ପଛ ଚକଟି ଚେପା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ ଗାଡ଼ିର ଅନ୍ୟ ଅଂଶ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ପିକ୍‌ଅପ୍ ଭ୍ୟାନ୍‌ର ସାମ୍ନା ପଟ ମଧ୍ୟ ଭାଙ୍ଗି ଚୂର୍‌ମାର ହୋଇଯାଇଛି। ତେବେ ଆଶ୍ଚର୍ଯ୍ୟର କଥା, ଗାଡ଼ିଗୁଡ଼ିକ ଏତେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ବସିଥିବା ଅଧିକାରୀ ଶ୍ରୀ ମଲ୍ଲିକ କିମ୍ବା ଉଭୟ ଗାଡ଼ିର ଡ୍ରାଇଭରଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଧାମନଗର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ଥାନାକୁ ନେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ବନ ବିଭାଗର ସରକାରୀ ଗାଡ଼ିଟି ଦୁର୍ଘଟଣାସ୍ଥଳରେ ହିଁ ପଡ଼ିରହିଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ



ଧାମନଗର,୩୦।୬(ସମିସ): ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦୃଷ୍ଟିକୁ ଆସିଥିଲା। ଏହି ଘଟଣାକୁ ନେଇ ସାରା ଦେଶରେ ମୁସ୍‌ଲିମ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଗଭୀର ଦୁଃଖ ଓ କ୍ଷୋଭ ଏବଂ ଆକ୍ରୋଶ ସୃଷ୍ଟି କରିଛି। ଉକ୍ତ ଘଟଣାକୁ ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ଥିବା କୋଲକାତାର ବାସିନ୍ଦା ନାଜିଆ ଏଲାହି ଖାନ୍ ନାମକ ଜଣେ ମହିଳାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ମଙ୍ଗଳବାର ଅପରାହ୍ଣ ୪ଟାରେ ଧାମନଗର ଖାନ୍‌କା ସରିଫ୍ ପୀରବାବାଙ୍କ ସାନ ନାତି ମୌଲାନା ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମିଲ୍ଲାତ), ନାତୁଣୀ ଜ୍ୱାଇଁ ଏମ୍‌ଡି ଫଜଲେ ବାରିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁଙ୍କୁ ଉକ୍ତ ମହିଳାଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଧାମନଗର ମୁସ୍‌ଲିମ ଜମାତର କର୍ମକର୍ତ୍ତା ଓ ସଦସ୍ୟ, ସମାଜସେବୀ ବୁଦ୍ଧିଜୀବୀ, ଯୁବ ବନ୍ଧୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

# ପଡ଼ିଲାନି ଗୋଟିଏ ବି ଅଭିଯୋଗ; ପୁଣି ଥରେ ହେବ ଯାଞ୍ଚ




ଦୋଳସାହି,୩୦।୬(ସମିସ): ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ ହେବାକୁ ହିତାଧିକାରୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ବାକ୍ସ ପ୍ରଦାନ କରାଯାଇଥିଲା। ତେବେ ଏହି ଅଭିଯୋଗ ବାକ୍ସରେ ଗୋଟିଏ ହେଲେ ଅଭିଯୋଗ ପଡ଼ି ନ ଥିବାବେଳେ ସରକାରଙ୍କ ପକ୍ଷରୁ ଆଉ ଥରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜେଣାଯାଇଛି। ସୂଚନାନୁଯାୟୀ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୨୭ ହଜାର ୪୦୬ ଜଣ ଆବାସ ଯୋଜନାରେ ସାମିଲ୍ ହେବାକୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଛନ୍ତି। ଏହି ଆବେଦନକାରୀଙ୍କ ମଧ୍ୟରୁ ବହୁ ଅଯୋଗ୍ୟ ହିତାଧିକାରୀ ଆବେଦନ କରିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ତିହିଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ବାକ୍ସରେ ଏନେଇ ଅଭିଯୋଗ କରିବାକୁ ସୂଚନା ଦିଆଯାଇଥିଲା। ତେବେ ଏହି ଅଭିଯୋଗ ବାକ୍ସରେ ଗୋଟିଏ ଅଭିଯୋଗ ନ ପଡ଼ିବା ନେଇ ପୁଣିଥରେ ଯାଞ୍ଚ ହେବ ବୋଲି ଜଣାପଡ଼ିଛି।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଆରଡ଼ି,୩୦।୬(ସମିସ): ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ପହଣା କ୍ଲଷ୍ଟର ଅନ୍ତର୍ଗତ ସିଙ୍ଗିପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁବୋଧ ଶେଖର ଖୁଣ୍ଟିଆଙ୍କ ଅବସର ପରିପ୍ରେକ୍ଷୀରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସେ ୨୦୦୮ ରୁ ଶିକ୍ଷକତା ଜୀବନ ଆରମ୍ଭ କରି ଏହି ଗୋଟିଏ ବିଦ୍ୟାଳୟରେ ୧୮ ବର୍ଷ ଧରି ଶିକ୍ଷାଦାନ ଦେବା ସହିତ ବିଦ୍ୟାଳୟର ଉନ୍ନତିରେ ନିଜକୁ ସାମିଲ୍ କରିପାରିଛନ୍ତି। ଜଣେ ସରଳ, ସଚ୍ଚୋଟ, ଛାତ୍ରବତ୍ସଳ ଶିକ୍ଷକ ଭାବେ କ୍ଲଷ୍ଟରରେ ନିଜର ସୁନାମ ମଧ୍ୟ ଆଣିଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ସଂଯୋଜକ ହୃଦାନନ୍ଦ ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗଦାଧର ନାୟକ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସଭାରେ ଦୁଇ କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ ସମେତ ଅବସରପ୍ରାପ୍ତ ଶିକ୍ଷକ ଭରତ ସେଠୀ, ନରହରି ଦାସ, ଦୋଳଗୋବିନ୍ଦ ମଲ୍ଲିକ, ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ, ଜଗନ୍ନାଥ ଦାସ, ଶ୍ରୀଧର ବାରିକ, ପୀତବାସ ନାୟକ, ହିମାଂଶୁ ଶେଖର ସାହୁ, ଅଞ୍ଜୁଲତା ପୁହାଣ, ଗୟାଧର ପାତ୍ର, ଗଗନ ବିହାରୀ ଜେନା, ଶମ୍ଭୁନାଥ ମୁର୍ମୁ, ପ୍ରଭାକର ଜେନା, ମଙ୍ଗୁଳି ଚରଣ ସେଠୀ, ଅକ୍ଷୟ ଯେନା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରଞ୍ଜୀବ ରାଉତ, ହରି ନାଥ, ବିଭୂଦତ ମିଶ୍ର, ସମାଜସେବୀ ସ୍ୱାଧୀନ ଦାସ, ବିଦ୍ୟାଳୟ ଶିକ୍ଷା କମିଟିର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ସାମିଲ୍ ହୋଇଥିଲେ।

## ସରକାରୀ ଡାକ୍ତରଖାନାରେ ଚାଲିଛି ଫିଲ୍ମ ସୁଟିଂ

# ୪ ଘଣ୍ଟା ଚିକିତ୍ସା ସେବା ବନ୍ଦ; ନିରାଶ ହୋଇ ଫେରିଲେ ରୋଗୀ

ଭଦ୍ରକ/ବାସୁଦେବପୁର,୩୦।୬(ସମିସ)

- ସୁଟିଂ ପାଇଁ ଅନୁମତି ଦେଲା କିଏ ?
- ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ସିଡିଏମ୍‌ଓ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଧୀନ ଇରମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବନ୍ଦ କରି ବେଆଇନ ଭାବେ ୪ ଘଣ୍ଟା ଧରି ଚଳଚ୍ଚିତ୍ର ସୁଟିଂ ଚାଲିଥିଲା। ଫଳରେ ଡାକ୍ତରଖାନାକୁ ଆସୁଥିବା ରୋଗୀ ନିରାଶ ହୋଇ ଫେରିବା ସହିତ ଅସନ୍ତୋଷ ପ୍ରକାଶ କରିଥିଲେ। ଡାକ୍ତରଖାନାର ଆଖପାଖକୁ ଏକ ଦଉଡ଼ି ସାହାଯ୍ୟରେ ଘେରଉ କରିବା ସହ ଭିତରକୁ କୌଣସି ରୋଗୀଙ୍କ ପ୍ରବେଶକୁ ବାରଣ କରୁଥିଲେ। ଫଳରେ ରୋଗୀ ସେବା ବନ୍ଦ ହୋଇ ପଡ଼ିଥିଲା। ଡାକ୍ତରଖାନାର ମୁଖ୍ୟ ଦ୍ୱାରକୁ ବଡ଼ ବଡ଼ ପରଦା ଦେଇ ସିଲ୍ କରିଦେଇଥିଲେ। ଏହି ଫିଲ୍ମ ସୁଟିଂ ସମୟରେ ଏକ ଇନୋଭା ଗାଡ଼ିରେ ଇଂରାଜୀ (ଓଡି-୦୨ ସିଡି ୭୯୫୯) ନମ୍ବର ଉପରେ ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା ବୋଲି ଉଲ୍ଲେଖ ରହିଥିଲା। ଏହି ଗାଡ଼ିର ଚାଳକଙ୍କୁ ସରକାରଙ୍କ କେଉଁ ବିଭାଗର ଏହି ଗାଡ଼ି ବୋଲି ପଚାରିବାରୁ ଗାଡ଼ିରେ ପପୁ ପମ୍‌ପମ୍ ଓ ଅନ୍ୟ ଅଭିନେତାଙ୍କୁ ଧରି ସ୍ଥାନ ଛାଡ଼ି ଚମ୍ପଟ ମାରିଥିଲେ। ଚଳଚ୍ଚିତ୍ର ସୁଟିଂ ଦେଖିବା ପାଇଁ ସ୍ଥାନୀୟ ଦେଖଣାହାରୀଙ୍କ ବେଶ୍ ଭିଡ଼ ଜମିଥିଲା। ଏକ ସରକାରୀ ଡାକ୍ତରଖାନାରେ ରୋଗୀ ସେବାକୁ ବନ୍ଦ କରି ବେଆଇନ ଭାବେ ଚଳଚ୍ଚିତ୍ର ସୁଟିଂ କରିବାକୁ ଅନୁମତି କିଏ ଦେଲା।

ଅପରାହ୍ଣ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁଟିଂ ଚାଲିଲା କେମିତି। ଡାକ୍ତରଖାନାର ମେଡିକାଲ ଅଫିସରଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସୂଚନା କାହିଁକି ଦେଲେନାହିଁ। ସୂଚନା ପାଇ ଖବର ସଂଗ୍ରହ କରିବାକୁ ଗଣମାଧ୍ୟମର ପ୍ରତିନିଧିମାନେ ପହଞ୍ଚି ଭିଜୁଆଲ ଓ ଫଟୋ ଉତ୍ତୋଳନ କରୁଥିବାବେଳେ ବଳରାମ ପଣ୍ଡା ନାମକ ଦୋକାନୀ ଓ କେତେକ ଯୁବକ ଭିଜୁଆଲ ନେବାକୁ ବାରଣ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ମେଡିକାଲ ଭିତରକୁ ଯିବାକୁ ଦେଇ ନ ଥିଲେ। ରୋଗୀ ନିରାଶ ହୋଇ ଫେରି ଗଣମାଧ୍ୟମର ପ୍ରତିନିଧିମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଡାକ୍ତରଖାନାରେ ରୋଗୀ ସେବା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ବନ୍ଦ କରିବାକୁ ଏମାନଙ୍କୁ କିଏ ଅନୁମତି ଦେଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଚଳଚ୍ଚିତ୍ର ସୁଟିଂ କରିବାକୁ କାହାକୁ ଅନୁମତି ଦିଆଯାଇନାହିଁ। ଡାକ୍ତରଖାନା କୌଣସି ଖେଳନା କିମ୍ବା ମନୋରଞ୍ଜନର ମାଧ୍ୟମ ନୁହେଁ। ରୋଗୀମାନଙ୍କ ଜୀବନ ରକ୍ଷାକାରୀ ସେବାର ମାଧ୍ୟମ ଅଟେ। ଯିଏ ବିନା ଅନୁମତିରେ ଏପରି କାର୍ଯ୍ୟ କରିଛି, ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।





● ୨ ବର୍ଷ ହେଲା ଅପେକ୍ଷା; ତଥାପି ମିଳୁନି ଭତ୍ତା

# ଅସହାୟ ଦିବ୍ୟାଙ୍ଗଙ୍କ ଆଖିରୁ ଶୁଖୁନି ଲୁହ



**କେବେ ପୋଛିବ ପ୍ରଶାସନ?**

ବେତାଳିଗାଁ,୩୦।୬(ସମିସ): ଏବେ ବି ଅନେକ ଅସହାୟ, ଦୁଃଖୀ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ ସରକାରୀ ଯୋଜନା କାଗଜକଲମରେ ସୀମିତ ରହିଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ଧୂଷୁରୀ ଥାନା ଅଧୀନ ବେତାଳିଗାଁର ୬୮ ବର୍ଷୀୟ ହରିଜନ ସମ୍ପ୍ରଦାୟର ବ୍ୟକ୍ତି ବିପରା ଓରଫ ବିପ୍ରଚରଣ ମଲିକ। ବ୍ରେନ୍ ଟ୍ୟୁମର ଅପରେସନ ପରେ ସେ ହାତ ଓ ଗୋଡ଼ର ଶକ୍ତି ହରାଇ ଆଜି ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ ଅବସ୍ଥାରେ ଜୀବନ ବିତାଉଛନ୍ତି। ନିଜେ ଭଲ ଭାବରେ ଚାଲିପାରୁ ନ ଥିବାରୁ ଦୈନନ୍ଦିନ କାମ ପାଇଁ ମଧ୍ୟ ଅନ୍ୟ ଉପରେ ନିର୍ଭରଶୀଳ। ତାଙ୍କ ପରିବାରର ଦୁଃଖ ଏତିକିରେ ସରିନି। ବଡ଼ ପୁଅ ଜନ୍ମରୁ ଦିବ୍ୟାଙ୍ଗ ଥିବାବେଳେ, ସାନ ପୁଅ ବିବାହ ପରେ ଅଲଗା ହୋଇଯାଇଛନ୍ତି। ଅସୁସ୍ଥ ସ୍ତ୍ରୀ ଘର ଘର ବୁଲି ପାଛିଆରେ ମାଛ-ଶୁଖୁଆ ବିକ୍ରି କରି ଯେତିକି ଆୟ କରନ୍ତି, ସେହି ଅଳ୍ପ ଟଙ୍କାରେ ଚଳେ ତାଙ୍କ ପରିବାର। ସବୁଠାରୁ ବଡ଼ ଦୁଃଖର କଥା ହେଲା, ୨ ବର୍ଷ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନ୍‌ଲାଇନ୍ ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ଗୋଟିଏ ଟଙ୍କାର ଭତ୍ତା ମଧ୍ୟ ପାଇନାହାନ୍ତି। ପଞ୍ଚାୟତରୁ ବ୍ଲକ୍, ସରପଞ୍ଚଙ୍କଠାରୁ ବିଧାୟକ ଓ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇ ଅନେକଥର ଗୁହାରି କରିଛନ୍ତି। କିନ୍ତୁ କେବଳ ପ୍ରତିଶ୍ରୁତି ମିଳିଛି, ସହାୟତା ନୁହେଁ। ନିରକ୍ଷର ହୋଇଥିବାରୁ ସରକାରୀ କାର୍ଯ୍ୟାଳୟର ଜଟିଳ ପ୍ରକ୍ରିୟା ବୁଝିବା ତାଙ୍କ ପାଇଁ ଅସମ୍ଭବ। ଜଣେ ଅସହାୟ ଦିବ୍ୟାଙ୍ଗଙ୍କ ପାଇଁ ସରକାରୀ ସହାୟତା ପାଇବା ଯଦି ଏତେ କଷ୍ଟକର, ତେବେ ସାଧାରଣ ଗରିବ ଲୋକଙ୍କ ଅବସ୍ଥା କ'ଣ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି। ସରକାର ସବୁବେଳେ ଗରିବ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାର କଥା କହୁଛନ୍ତି। କିନ୍ତୁ ବେତାଳିଗାଁର ବିପରା ମଲିକଙ୍କ ଭଳି ଅସହାୟ ଲୋକଙ୍କ ପାଖରେ ସେହି ଯୋଜନା ଆଜି ବି ପହଞ୍ଚିପାରି ନାହିଁ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ସରକାରଙ୍କ ଅସହାୟ ତଥା ଦୁର୍ଦ୍ଦଶାରେ ଜୀବନଯାପନ କରୁଥିବା ବିପରାଙ୍କ ଜୀବନରେ ନୂଆ ଆଶାର ଆଲୋକ ଆଣିବାକୁ ଦାବି ହୋଇଛି।

# ରେଲ୍‌ୱେ ଫାଟକ ରାସ୍ତା ଶୋଚନୀୟ

ବାରିକପୁର,୩୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ୍ ରେଲ୍‌ୱେ ଫାଟକ ସଂଲଗ୍ନ ରାସ୍ତା ଏବେ ଅତ୍ୟନ୍ତ ଶୋଚନୀୟ ହୋଇଛି। ପାଖାପାଖି ୧୦୦ମିଟରରାସ୍ତାପଥଚାରୀଙ୍କୁକଷ୍ଟଦେଉଛି। ସୂଚନା ମୁତାବକ, ରେଲ୍‌ୱେ ଫାଟକକୁ ଲାଗି ଏକ ନୂତନ ରାସ୍ତା ନିର୍ମାଣ ହେଉଥିବାବେଳେ ସେଠାରେ ଏବେ ମାଟି ପଡ଼ିଛି। ପୁରୁଣା ଓ ନୂଆ ରାସ୍ତା ମଝିରେ ଟ୍ରିପ୍ ଟ୍ରିପ୍ ମାଟି ବିସ୍ତୀର୍ଣ୍ଣ ଭାବେ ପଡ଼ିଥିବାବେଳେ ଏହା ଉପରେ ଡଷ୍ଟ କିମ୍ବା ମୋରମ୍ ପଡ଼ିନାହିଁ। ତେଣୁ ସାମାନ୍ୟ ବର୍ଷା ହେଲେ ଲୋକମାନେ ଯାତାୟାତ ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ଦୈନିକ ଶହଶହ ଗାଡ଼ିମୋଟର ଚଳାଚଳ କରୁଥିବାବେଳେ ନାଆମୀ କଲେଜ ଓ ମଞ୍ଜୁରୀରୋଡ୍ ବିଦ୍ୟାଳୟକୁ ମଧ୍ୟ ଛାତ୍ରଛାତ୍ରୀ ଯାତାୟାତ କରିଥା'ନ୍ତି। ଏହାଛଡ଼ା ସକାଳ ଓ ସନ୍ଧ୍ୟା ବେଳେ ଆଖପାଖ ୧୫/୨୦ ଖଣ୍ଡ ଗାଁର ଲୋକେ ବିଭିନ୍ନ କାର୍ଯ୍ୟରେ ବଜାରକୁ ଆସିଥା'ନ୍ତି। ପଡ଼ୋଶୀ କେନ୍ଦୁଝର ଜିଲ୍ଲାକୁ ମଧ୍ୟ ଏହା ସଂଯୋଗ କରୁଛି। ସବୁ ଦୃଷ୍ଟିରୁ ଉକ୍ତ ପଥଟି ଜନସାଧାରଣଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ନିର୍ମାଣକାରୀ ସଂସ୍ଥା ଅତି ବେପରୁଆ ନିର୍ମାଣ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମୁଖ୍ୟ ପୋଷ୍ଟ ଅଫିସ୍ ପାଖରୁ ଲକ୍ଷ୍ମୀବଜାର ଯାଏଁ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ଟୋଲ୍ ପ୍ଲାଜା ନିକଟରୁ ଗଞ୍ଜେଇ ଜବତ

ବାରିକପୁର,୩୦।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଛତାବର ନାରାୟଣପୁର ଟୋଲ୍ ପ୍ଲାଜା ନିକଟରୁ ମଙ୍ଗଳବାର ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ଦିନ ପ୍ରାୟ ୩ଟା ୩୦ ମିନିଟ୍ ସମୟରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ସଂସ୍ଥା ଅଧିକାରୀମାନେ ଟୋଲ୍‌ଗେଟ୍‌ଠାରେ ଛକି ରହିଥିଲେ। ଏହି ସମୟରେ ଏକ ଧଳା ରଙ୍ଗର କାର୍ ଟୋଲ୍ ପ୍ଲାଜା ଅତିକ୍ରମ କରିବାକୁ ଯାଉଥିବାବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗୁଇନ୍ଦା ବିଭାଗ ଅଧିକାରୀମାନେ ଗାଡ଼ିଟିକୁ ଅଟକାଇଥିଲେ। ପରେ ଅଧିକାରୀମାନେ କାର୍‌କୁ ଯାଞ୍ଚ କରିଥିବାବେଳେ ଡିକିରୁ ବ୍ୟାପକ ଗଞ୍ଜେଇ ବାହାରିଥିଲା। ଏନେଇ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ବିଭାଗ ଭୁବନେଶ୍ୱର କାର୍ଯ୍ୟାଳୟକୁ ନେଇଥିବା ଜଣାପଡ଼ିଛି। ଜବତ ଗଞ୍ଜେଇ ପ୍ରାୟ ୧ କ୍ୱିଣ୍ଟାଲ ହେବ ବୋଲି କୁହାଯାଉଛି। କାର୍‌ରେ ଅନୁଗୋଳରୁ ବାଲେଶ୍ୱର କିମ୍ବା ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ହେଉଥିବା ଅନୁମାନ କରାଯାଇଛି। ଘଟଣା ସମ୍ପର୍କରେ ବିଭାଗଠାରୁ ସବିଶେଷ ତଥ୍ୟ ମିଳିପାରିନାହିଁ।



ଭଦ୍ରକ ପୌରପାଳିକା

# ୪ ବର୍ଷ ପରେ ୪ ନମ୍ବର ୱାର୍ଡରେ ହେବ ନିର୍ବାଚନ

**ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ**

ଭଦ୍ରକ,୩୦।୬(ସମିସ): ୨୦୨୨ ପୌର ନିର୍ବାଚନ ବେଳେ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଭଦ୍ରକ ପୌରପାଳିକାର ୪ ନମ୍ବର (ବରାଳପୋଖରୀ) ୱାର୍ଡରେ ନିର୍ବାଚନ ହୋଇ ନ ଥିଲା। ତେବେ ୪ ବର୍ଷ ପରେ ଚଳିତ ବର୍ଷ ଏହାର ନିର୍ବଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଆୟୋଗଙ୍କ ଚିଠିରୁ ସ୍ପଷ୍ଟ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି ୱାର୍ଡଟି ପୂର୍ବ ନିର୍ବାଚନରେ ମହିଳା ବର୍ଗଙ୍କ ଲାଗି ସଂରକ୍ଷିତ ଥିବାବେଳେ ଗତ ୨୦୨୨ ନିର୍ବାଚନରେ ବି ମହିଳା ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ଥିଲା। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ସୁବ୍ରତ ଦାସ ଏକ ମାମଲା ଦାୟର କରିଥିଲେ। ଫଳରେ ଗତ ପୌର ନିର୍ବାଚନରେ ଭଦ୍ରକ ପୌରପାଳିକା ଅନ୍ୟ ୨୯ଟି ୱାର୍ଡରେ ନିର୍ବାଚନ ହୋଇଥିବାବେଳେ ଉକ୍ତ ୪ ନମ୍ବର ୱାର୍ଡରେ ନିର୍ବାଚନ ସ୍ଥଗିତ ରହିଥିଲା। ତେବେ ନିକଟରେ କୋର୍ଟଙ୍କ ଆଦେଶମତେ ଏହି ୱାର୍ଡରେ ନିର୍ବାଚନ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସୂଚିତ କରାଯାଉଛି ଯେ, ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶାଙ୍କ ପତ୍ର ସଂଖ୍ୟା ୧୩୮୭/୧୦.୬.୨୦୨୬ ଅନୁଯାୟୀ, ଭଦ୍ରକ ପୌରପାଳିକାର ୱାର୍ଡ ନଂ-୪ର ନିର୍ବାଚନୀ ନାମାବଳୀ (ଇଲେକ୍ଟୋରାଲ୍ ରୋଲ୍) ନିର୍ଦ୍ଧାରିତ ନିୟମାନୁସାରେ ପ୍ରକାଶ କରାଯାଇଛି। ଉକ୍ତ ନିର୍ବାଚନୀ ନାମାବଳୀ ଭଦ୍ରକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଓ ଭଦ୍ରକ ପୌରପାଳିକା କାର୍ଯ୍ୟାଳୟ ଏବଂ ସମ୍ପୃକ୍ତ ୱାର୍ଡରେ ଜନସାଧାରଣଙ୍କ ଅବଲୋକନ ନିମନ୍ତେ ଉପଲବ୍ଧ ଅଛି। ଯଦି କୌଣସି ବ୍ୟକ୍ତିଙ୍କର ନାମ ସଂଯୋଗ, ବିଲୋପ, ସଂଶୋଧନ କିମ୍ବା ଅନ୍ୟ କୌଣସି ଆପତି, ଅଭିଯୋଗ ତଥା ଦାବି ଥାଏ, ତେବେ ପ୍ରଚଳିତ ନିୟମ ଅନୁଯାୟୀ ଆସନ୍ତା ଜୁଲାଇ ୧ରୁ ୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ, ଭଦ୍ରକ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଦାବି ଓ ଆପତିଗୁଡ଼ିକର ଶୁଣାଣି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଜିଲ୍ଲା ପରିଷଦ, ଭଦ୍ରକରେ ଆସନ୍ତା ୭ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

# ଭଦ୍ରକରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ




ଭଦ୍ରକ,୩୦।୬(ସମିସ): ଭଦ୍ରକ ଜିଲ୍ଲାରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ଅବସରରେ ଏକ ଗରିମାମୟ କାର୍ଯ୍ୟକ୍ରମ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ (ଡିଷ୍ଟ୍ରିକ୍ଟ ପ୍ଲାନିଂ ଆଣ୍ଡ ମନିଟରିଂ ୟୁନିଟ୍), ଭଦ୍ରକ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଉନ୍ନତ ଶାସନ ବ୍ୟବସ୍ଥା, ପ୍ରମାଣଭିତ୍ତିକ ନୀତି ପ୍ରଣୟନ ଏବଂ ସାମାଜିକ ଆର୍ଥିକ ବିକାଶରେ ପରିସଂଖ୍ୟାନର ଗୁରୁତ୍ୱକୁ ଉଜାଗର କରିବା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ) ସୌମ୍ୟରଞ୍ଜନ ନାୟକ, ଆର୍ଥିକ ବିଶେଷଜ୍ଞ(ଯୋଜନା) ଡ. ଭଗବାନ ବାରିକ, ଉଦ୍ୟାନ କୃଷି ଓ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ, କ୍ଷେତ୍ରସ୍ତରୀୟ ପରିସଂଖ୍ୟାନ କର୍ମଚାରୀ, ଯୋଜନା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷର ଜାତୀୟ ପରିସଂଖ୍ୟାନ ଦିବସର ବିଷୟବସ୍ତୁ "ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉନ୍ମୋଚନ' (ଅନ୍‌ଲକିଂ ଦ ପୋଟେନ୍‌ସିଆଲ ଅଫ୍ ଆଡ୍‌ମିନ୍‌ଷ୍ଟ୍ରେଟିଭ୍ ଡାଟା) ଉପରେ ବିଶେଷ ଆଲୋଚନା ହୋଇଥିଲା। ବକ୍ତାମାନେ ପ୍ରଶାସନିକ ତଥ୍ୟର ସଠିକ୍ ବ୍ୟବହାର ମାଧ୍ୟମରେ ଗୁଣାତ୍ମକ, ବିଶ୍ୱସନୀୟ ଏବଂ ସମୟୋପଯୋଗୀ ପରିସଂଖ୍ୟାନ ପ୍ରସ୍ତୁତିର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହା ସହିତ ସୁଦୃଢ଼ ପରିସଂଖ୍ୟାନ ବ୍ୟବସ୍ଥା ଗଠନ, ଆଧୁନିକ ତଥ୍ୟ ପରିଚାଳନା ଏବଂ ନୀତି ନିର୍ଦ୍ଧାରଣରେ ପରିସଂଖ୍ୟାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଭାରତର ବିଶିଷ୍ଟ ପରିସଂଖ୍ୟାନବିତ୍, ଦୂରଦର୍ଶୀ ଅର୍ଥନୀତିବିଦ୍ ଏବଂ ଆଧୁନିକ ଭାରତୀୟ ପରିସଂଖ୍ୟାନ ବ୍ୟବସ୍ଥାର ରୂପକାର ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସ୍‌ଙ୍କ ଅମୂଲ୍ୟ ଅବଦାନକୁ ସ୍ମରଣ କରାଯାଇଥିଲା। ସର୍ବେକ୍ଷଣ ପ୍ରଣାଳୀ, ପରିସଂଖ୍ୟାନ ବିଜ୍ଞାନ ଏବଂ ଜାତୀୟ ଯୋଜନା ପ୍ରଣୟନ କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ ଅବଦାନ ଭାରତର ବିକାଶ ଯାତ୍ରାକୁ ଦୃଢ଼ ଭିତି ପ୍ରଦାନ କରିଥିବା ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ସଠିକ୍, ନିର୍ଭରଯୋଗ୍ୟ ଏବଂ ସମୟୋପଯୋଗୀ ତଥ୍ୟ ହେଉଛି ସୁଶାସନ, ସ୍ୱଚ୍ଛ ପ୍ରଶାସନ ଓ ଜନକଲ୍ୟାଣମୂଳକ ଯୋଜନାର ସଫଳ କାର୍ଯ୍ୟାନ୍ୱୟନର ମୂଳ ଆଧାର। ତେଣୁ ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଓ ପରିଚାଳନାରେ ଆଧୁନିକ ପ୍ରଯୁକ୍ତିର ପ୍ରୟୋଗକୁ ପ୍ରାଧାନ୍ୟ ଦେବା ସମୟର ଆହ୍ୱାନ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଜାତୀୟ ପରିସଂଖ୍ୟାନ ଦିବସ ଅବସରରେ ଗତ ୨୮ ତାରିଖରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହା ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ପରିସଂଖ୍ୟାନ ବିଷୟ ପ୍ରତି ଆଗ୍ରହ, ସଚେତନତା ଓ ଜ୍ଞାନବୃଦ୍ଧିକୁ ପ୍ରୋତ୍ସାହିତ କରିବାର ପ୍ରୟାସ କରାଯାଇଥିଲା। ଏହି ଉତ୍ସବ ମାଧ୍ୟମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସୁଦୃଢ଼, ଆଧୁନିକ ଓ ବିଶ୍ୱସନୀୟ ପରିସଂଖ୍ୟାନ ବ୍ୟବସ୍ଥା ଗଠନ ସହ ଉନ୍ନୟନମୂଳକ ଯୋଜନାଗୁଡ଼ିକରେ ଗୁଣାତ୍ମକ ତଥ୍ୟର ଉପଯୋଗକୁ ଅଧିକ ସୁଦୃଢ଼ କରିବାର ସଂକଳ୍ପକୁ ପୁନର୍ବ୍ୟକ୍ତ କରାଯାଇଥିଲା।

■ ୟୁକୋ ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି; ଜଣେ ଅଟକ

# ୨ ଘଣ୍ଟାରେ ବାଇକ୍‌କୁ କାଟି ବିକିଦେଲା ଚୋର



ଧାମନଗର,୩୦।୬(ସମିସ): ଧାମନଗର ଥାନା ନିକଟରୁ ୧୦୦ ମିଟର ଦୂର ୟୁକୋ ବ୍ୟାଙ୍କ ସମ୍ମୁଖରୁ ଦିନଦ୍ୱିପହରରେ ଏକ ବାଇକ୍ ଚୋରି ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଭଣ୍ଡାରିପୋଖରୀ ବ୍ଲକ୍ କୋରିଗାଁର ବିଜୟ ଶଙ୍ଖୁଆ ନିଜ ବାଇକ୍ (ନଂ- ଓଡି ୨୨ ଏଫ ୫୪୫୯) ଯୋଗେ ଦିନ ପ୍ରାୟ ୧୧ଟାରେ ଧାମନଗର ୟୁକୋ ବ୍ୟାଙ୍କକୁ କୌଣସି କାର୍ଯ୍ୟରେ ଯାଇଥିଲେ। ବ୍ୟାଙ୍କ କାମ ସାରି ବାହାରକୁ ଆସି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନାହିଁ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ କିଏ ବାଇକ୍ ଚୋରି କରି ନେଇଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି କ୍ୟାମେରା ଯାଞ୍ଚ କରିବାରୁ ଚୋରିର ପର୍ଦ୍ଦାଫାଶ୍ ହୋଇଥିଲା। ତେବେ ଧାମନଗର ହବିବିନଗର ଗାଁର ସେକ୍ ଇସ୍‌ଲାମଙ୍କ ପୁଅ ସେକ୍ ରାଜା ବାଇକ୍‌ଟିକୁ ଚୋରି କରିଥିବା ଜଣାପଡ଼ିଥିଲା। ପୁଲିସ ତଦନ୍ତ କରି ଚୋରି ବାଇକ୍‌ର କିଛି ଅଂଶ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଅଟକ ରଖିଥିବା ଜଣାପଡ଼ିଛି। ଅଭିଯୁକ୍ତ ବାଇକ୍‌ଟିକୁ କାଟି ଖଣ୍ଡଖଣ୍ଡ କରି ଏହାର ବିଭିନ୍ନ ଯନ୍ତ୍ରାଂଶ ୨ ଘଣ୍ଟା ମଧ୍ୟରେ ବିକ୍ରି କରିଥିବା ଖବର ପାଇ ଥାନା ଏସ୍‌ଆଇ ନାରାୟଣ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଚୋରି ଗାଡ଼ିର ଟାଙ୍କି ଓ ଅନ୍ୟ କିଛି ଯନ୍ତ୍ରାଂଶ ଜବତ କରିଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଫେରାର୍ ଥିବାବେଳେ ଖବର ଲେଖାହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ଦିଆଯାଇଛି।

# ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ସେବା

## ଅଣସର ପିଣ୍ଡିରେ ଉପଚାର ବିଧି

ପୁରୀ,୩୦।୬(ସମିସ): ସ୍ନାନବେଦୀରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କଠାରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା।

ତେବେ ଦାରୁବିଗ୍ରହଙ୍କ ଅଣସର ପିଣ୍ଡିରେ ଯେଉଁ ଉପଚାର କରାଯାଏ ସେହି ବିଧି ଅନୁଯାୟୀ, ଆଷାଢ଼ କୃଷ୍ଣପକ୍ଷ ତୃତୀୟା ତିଥିରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୁଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥା'ନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ।



ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳ ବସ୍ତ୍ର, ଧଳାଫୁଲ ଓ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥା'ନ୍ତି। ଏହିଦିନ ଗୀତଗୋବିନ୍ଦ ଖଣ୍ଡୁଆ, ତୁଳସୀ, ବିଭିନ୍ନ ପୁଷ୍ପ ଗୁଣା, ଝୁମ୍ପା, କରପଲ୍ଲବ, ହୃଦ ପଦକ ଆଦି ପରିଧାନ କରନ୍ତି। ଦଶମୂଳ ମୋଦକ ସେବନ କରିବା ପରେ ସୁସ୍ଥ ହୁଅନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦଇତମହାପାତ୍ର ବନକଲାଗି କରିଥା'ନ୍ତି। ଶେଷ ହୁଏ ମହାପ୍ରଭୁଙ୍କ ଅଣସର ନୀତି।

### ଦେଢ଼ ବର୍ଷ ହେଲା ସରୁନି ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା

# ସରକାରଙ୍କୁ ୨୪ ଘଣ୍ଟାର ମହଲତ; ଅନ୍ୟଥା ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର, ୩୦।୬(ସମିସ): ରାଜ୍ୟରେ ବିଧାୟକ ବା ସାଂସଦ ପଦ ଫାଙ୍କା ରହିଲେ ମାତ୍ର ୬ ମାସ ମଧ୍ୟରେ ନିର୍ବାଚନ ହୋଇ ପଦ ପୂରଣ ହେଉଛି। ରାଜ୍ୟସଭା ପଦ ଫାଙ୍କା ହେଉହେଉ ବିଜ୍ଞପ୍ତି ପ୍ରକାଶ ପାଉଛି। ମାତ୍ର ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍ଆଇ ପଦରେ ସରକାର ନିଯୁକ୍ତି ଦେଇପାରୁ ନାହାନ୍ତି । ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଭବିଷ୍ୟତ ସହ ଖେଳୁଥିବା ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଆଜି ଲୋହିଆ ଏକାଡେମୀ ଠାରେ ଆଶାୟୀମାନେ ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଚେତାବନୀ ଦେଇଛନ୍ତି।



ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ପକ୍ଷରୁ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ପ୍ରଥମେ ଓପିଆର୍‌ବି ଦ୍ୱାରା ଚାକିରି ବିକ୍ରି ମସୁଧା ହୋଇଥିଲା। ଧରା ପଡ଼ିବା ପରେ ସରକାର ତାକୁ ଭାଙ୍ଗି ଦେଇ ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ କମିସନ୍ (ଓୟୁଏସ୍ଏସ୍ଏସ୍‌ସି) ଗଠନ କରିଛନ୍ତି। ଅଧ୍ୟକ୍ଷଙ୍କ ସମେତ ସମ୍ପାଦକ ଓ ଅନ୍ୟ ସମସ୍ତ ପଦରେ ନିଯୁକ୍ତି ମଧ୍ୟ ପାଇ ସାରିଛନ୍ତି। ପ୍ରାୟ ୪ ମାସ ହେବ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ ମଧ୍ୟ ଏବେଯାଏଁ ପରୀକ୍ଷା ତାରିଖ ବାହାର କରିପାରୁ ନାହାନ୍ତି। ଲୋକଙ୍କ ଟାକ୍ସ ପଇସାରେ ଦରମା ପାଉଥିବା ବାବୁମାନେ ନିଦରୁ ଉଠନ୍ତୁ ଓ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ନିଯୁକ୍ତି ପରୀକ୍ଷା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ସିବିଆଇର ଶିଥିଳ ତଦନ୍ତ ଉପରେ ସେ ପ୍ରଶ୍ନ କରିବା ସହ କାହାକୁ ବାନ୍ଧି ପାରୁ ନଥିବା କହି କଟାକ୍ଷ କରିଛନ୍ତି। ଅନ୍ୟ ଜଣେ ମହିଳା ଆଶାୟୀ କହିଛନ୍ତି ଯେ, ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ସେମାନଙ୍କ ଜୀବନକୁ ପ୍ରଭାବିତ କରିଛି। ଦୀର୍ଘ ଅଢ଼େଇ ବର୍ଷ ହେବ ପ୍ରସ୍ତୁତି କରୁଥିବା ସତ୍ତ୍ୱେ ପରୀକ୍ଷା ହେଉ ନ ଥିବାରୁ ଅନେକ ନକରାତ୍ମକ କଥା ଶୁଣିବାକୁ ପଡୁଛି। ଏପରିକି ଘର ଲୋକ ମଧ୍ୟ ପରୀକ୍ଷା ହେବ ନାହିଁ ବୋଲି କହିବା ସହ ବାହାଘର ହୋଇ ଯିବାକୁ ଚାପ ପକାଉଛନ୍ତି। ଫଳରେ ତାଙ୍କ ପରି ଅନେକ ଝିଅଙ୍କ ଜୀବନ ଏବେ ପଥଭ୍ରଷ୍ଟ ହେବାରେ ଉପନୀତ ହୋଇଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଅସୁବିଧା ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ଆଉଜଣେ ଆଶାୟୀ କହନ୍ତି ଯେ, ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍ଆଇ ପରୀକ୍ଷା ହେଉନି। ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥୀ ପରୀକ୍ଷା ଅପେକ୍ଷାରେ ରହିଥିବାବେଳେ ସରକାର ସେମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ସରକାର ୨୪ ଘଣ୍ଟା ମଧ୍ୟରେ ପରୀକ୍ଷା ପାଇଁ ନିଷ୍ପତ୍ତି ନ ନେଲେ ଆସନ୍ତାକାଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓୟୁଏସ୍ଏସ୍ଏସ୍‌ସି କାର୍ଯ୍ୟାଳୟ ଘେରାଓ କରିବେ ବୋଲି ଆଶାୟୀମାନେ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ନେତୃତ୍ୱରେ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବେ ବୋଲି ଚରମବାଣୀ ଶୁଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଆଶାୟୀ ଉପସ୍ଥିତ ଥିଲେ।

# ଜେଲ୍‌ରୁ ମୁକୁଳିବେ ସୟେଦ ଇଶାନ ବୁଖାରୀ

## କାଶ୍ମୀରର ସନ୍ଦିଗ୍ଧ ଯୁବକ ଅଭିଯୋଗରେ ଗିରଫ ହୋଇଥିଲେ

ଯାଜପୁର,୩୦।୬(ସମିସ): ଗତ ୨୦୨୩ ମସିହା ଡିସେମ୍ବର ୧୫ ତାରିଖରେ କାଶ୍ମୀରର ସନ୍ଦିଗ୍ଧ ଯୁବକ ସୟେଦ ଇଶାନ ବୁଖାରୀଙ୍କୁ ଆତଙ୍କବାଦୀ ଲିଙ୍କ୍‌ରେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଅଞ୍ଚଳରୁ ଗିରଫ କରିଥିଲା। ଗିରଫ ହେବା ଦିନଠାରୁ ହିଁ ଇଶାନ ବୁଖାରୀ ପ୍ରଥମେ ଯାଜପୁର ରୋଡ୍ ସବଜେଲ ପରେ ଚୌଦ୍ୱାର ସର୍କଲ ଜେଲରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି। ତଳ କୋର୍ଟଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ସେ ଜାମିନ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଜାମିନ ମିଳି ନ ଥିଲା। ତେବେ ତଦନ୍ତରେ ଏସ୍‌ଟିଏଫ୍ ତାଙ୍କର ଆତଙ୍କବାଦୀ କାର୍ଯ୍ୟକଳାପ ବା ଲିଙ୍କ୍ ନେଇ କୌଣସି ପ୍ରମାଣ ପାଇ ନ ଥିଲା, କେବଳ ତାଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଡାକ୍ତର ବୋଲାଇ



ତାହା ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ଠକେଇ କରି ଠକେଇ କରିବା ଏବଂ ଦେଶର ବିଭିନ୍ନ ଅଞ୍ଚଳରେ ୫ ଜଣଙ୍କୁ ବିବାହ କରିଥିବା ନେଇ ଆଇପିସିର ଧାରା ୪୧୯, ୪୨୦, ୪୬୫, ୪୬୭, ୪୬୮ ଓ ୪୭୧ ଏବଂ ଆଇଟି ଆଇନର ୬୬ (ସି) ଏବଂ (ଡି) ଧାରାରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ମାମଲାର ବିଚାର ସମୟରେ ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଏବଂ ପ୍ରାୟ ୪୦ଟି ପ୍ରାମାଣିକ ଦସ୍ତାବିଜକୁ ବିଚାରକୁ ନେଇ ଜେଏମ୍ଏଫ୍‌ସି ଶ୍ରୀମୟୀ ନନ୍ଦ ଗତ ୨୦୨୫ ମସିହା ଜୁନ ୨୬ ତାରିଖରେ ତାଙ୍କୁ ୫ ଗୋଟି ଦଫାରେ ପ୍ରତ୍ୟେକ ଏକ ବର୍ଷ କରି ମୋଟ ୫ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୁଖାରୀଙ୍କ ପକ୍ଷରୁ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ଏକ ଅପିଲ କରାଯାଇଥିଲା। ଅପିଲର ଶୁଣାଣି ଶେଷରେ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଆଜି ତାଙ୍କ ରାୟ ଶୁଣାଇଛନ୍ତି। ରାୟ ଅନୁସାରେ ତଳ କୋର୍ଟରେ ଯେଉଁସବୁ ଦଫାରେ ମୋଟ ୫ବର୍ଷ ସଶ୍ରମ କାରା ଦଣ୍ଡାଦେଶ ମିଳିଥିଲା ସେଥିରୁ କେବଳ ଆଇପିସିର ଧାରା ୪୭୧ରେ ହୋଇଥିବା ଏକ ବର୍ଷର କାରା ଦଣ୍ଡାଦେଶକୁ କାଏମ ରଖି ବାକି ଦଣ୍ଡାଦେଶକୁ ରଦ୍ଦ କରି ଦେଇଛନ୍ତି। ଯେହେତୁ ସୟେଦ୍ ଇଶାନ ବୁଖାରୀ ଇତିମଧ୍ୟରେ ପାଖାପାଖି ୨ବର୍ଷ ୭ମାସ ଧରି ଜେଲ୍ ଜୀବନ ବିତାଇ ସାରିଲେଣି, ତେଣୁ ଆଜିର ରାୟ ଫଳରେ ସେ ଚୌଦ୍ୱାର ଜେଲରୁ ମୁକୁଳିବା ନେଇ ବାଟ ଫିଟିଥିବା ଜଣାପଡିଛି।

# ଭିଜିଲାନ୍ସ ଜାଲରେ ଭିମ୍‌ସାର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁର୍ଲାସ୍ଥିତ ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଆଜି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ସମ୍ବଲପୁରର ଧନକଉଡ଼ାରେ ଶ୍ରୀ ବିଶ୍ୱାଳଙ୍କ ଆବାସିକ ଘର (ଦୁଇ ମହଲା ବିଶିଷ୍ଟ କୋଠା), ଗୁଡେସିଙ୍ଗାରେ ଗୋଟିଏ କୋଠା, ଭିମସାର ମେଡିକାଲ ଷ୍ଟାଫ୍ କଲୋନୀରେ ସରକାରୀ କାର୍ଯ୍ୟାଳୟ ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ବିଶ୍ୱାଳଙ୍କ ଚାମ୍ବର ଯାଞ୍ଚ କରାଯାଇଛି। ୨ଟି କୋଠା, ୩୨ଟି ପ୍ଲଟ୍, ୧୯,୭୨,୪୯୦ ଟଙ୍କା, ୮୩.୦୫ ଗ୍ରାମ ସୁନା ଅଳଙ୍କା, ଗୋଟିଏ ଟ୍ରଲର, ୨ଟି ହାଇୱା, ୨ଟି ଟ୍ରାକ୍ଟର, ଗୋଟିଏ ଚାରି ଚକିଆ ଯାନ, ୪ଟି ଦୁଇ ଚକିଆ ଯାନ ସହ ବ୍ୟାଙ୍କ, ଡାକ ଏବଂ ବୀମା ଜମା ଠାବ ହୋଇଛି। ୨ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଛି। ଶ୍ରୀ ବିଶ୍ୱାଳ ୬-୧-୧୯୯୭ରେ ଜୁନିଅର୍ କ୍ଲର୍କ ଭାବେ ମାତ୍ର ୨୫୦୦ ଟଙ୍କା ଦରମାରେ ଭିମସାର୍‌ରେ ଯୋଗ ଦେଇଥିଲେ। ୧୧-୧-୨୦୧୯ରେ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପଦୋନ୍ନତି ପାଇଛନ୍ତି।

## ଭିମ୍‌ସାର ଷ୍ଟିୱାର୍ଡଙ୍କୁ ଘେରିଲା ଭିଜିଲାନ୍ସ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିମ୍‌ସାରର ଷ୍ଟିୱାର୍ଡ ଅଶ୍ୱିନୀ ମେହେର ମଧ୍ୟ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମେଡିକାଲ ଷ୍ଟାଫ୍ କଲୋନୀ, ବୁର୍ଲା ସୌରଭ ବିହାରରେ ଗୋଟିଏ (ନିର୍ମାଣାଧୀନ) ୪ ମହଲା କୋଠା, ବୁର୍ଲା ପଠାନବନ୍ଧରେ ଗୋଟିଏ କୋଠା, ବରଗଡ଼ ଗୋବିନ୍ଦପାଲିରେ ଗୋଟିଏ କୋଠା ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ମେହେରଙ୍କ ଅଫିସ୍ ଚାମ୍ବର ଯାଞ୍ଚ କରାଯାଇଛି। ସୌରଭ ବିହାରରେ ଅବସ୍ଥିତ ପ୍ରାୟ ୬୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହ ଏକ ଚାରି ମହଲା କୋଠା (ନିର୍ମାଣାଧୀନ), ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅବସ୍ଥିତ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅବସ୍ଥିତ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ୧୦ଟି ପ୍ଲଟ୍, ୮୩ ଗ୍ରାମ ସୁନାଗହଣା, ବ୍ୟାଙ୍କ, ଡାକ ଜମା, ୨ଟି ଦୁଇ ଚକିଆ ଯାନ ଠାବ ହୋଇଛି। ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ୫ଟି ଜାଗାରେ ଏକକାଳୀନ ଏହି ତଲାସ କରାଯାଇଛି।

# ପାରୋଲ୍‌ରେ ଥାଇ ୯ ବର୍ଷ ପରେ କଏଦୀ ଗିରଫ

## ଅମୃତସରରୁ ଉଠାଇ ଆଣିଲା କମିସନରେଟ୍ ପୁଲିସ

- ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଚଢ଼ଉ
- ହତ୍ୟା ମାମଲାରେ ଚୌଦ୍ୱାର ଜେଲ୍‌ରେ ଆଜୀବନ କଏଦୀ ଥିଲା ସାଜିଦ୍
- ଗଢ଼ିଥିଲା ନୂଆ ସଂସାର, ପ୍ରସ୍ତୁତ କରିଥିଲା ନୂଆ ପରିଚୟପତ୍ର

କଟକ,୩୦।୬(ସମିସ): ଦୀର୍ଘ ୯ବର୍ଷ ହେବ ହତ୍ୟାକାରୀ ଓ ପୁଲିସ ଲୁଚକାଳି ଖେଳରେ ଯବନିକା ପଡ଼ିଛି। ଜଗତପୁର ଥାନା ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ କୁଖ୍ୟାତ ଆଜୀବନ ସଜାପ୍ରାପ୍ତ କଏଦୀକୁ କମିସନରେଟ୍ ପୁଲିସ ପଞ୍ଜାବର ଅମୃତସହରରୁ କାବୁ କରିଛି। ଗିରଫ ଅଭିଯୁକ୍ତ ହେଉଛି ଜଗତପୁର ଥାନା ଅନ୍ତର୍ଗତ ଭୈରପୁର ଗ୍ରାମର ସାଜିଦ୍ ଖାନ୍ (କଏଦୀ ନମ୍ବର-୧୦୦୧/ଏ) । ୨୦୦୮ ର ଏକ ଚାଞ୍ଚଲ୍ୟକର ହତ୍ୟା ମାମଲାରେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଚୌଦ୍ୱାର ଜେଲରେ ସଜା କାଟୁଥିଲା ସାଜିଦ୍। ୨୦୧୭ରେ ପାରୋଲେ(ସାମୟିକ ଛୁଟି)ରେ ଆସି ଆଉ ଜେଲ୍‌କୁ ସେ ଫେରି ନଥିଲା। ପଞ୍ଜାବର ଅମୃତସରରେ ନିଜର ନାମ ଓ ପରିଚୟ ବଦଳାଇ ସେଠାରେ ନୂଆ ସଂସାର ଗଢ଼ି ଜୀବନ ବିତାଉଥିଲା। ଏହି ଦୁର୍ଦ୍ଦାନ୍ତ ଅପରାଧୀକୁ ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ପଞ୍ଜାବରୁ ଗିରଫ କରି ଓଡ଼ିଶା ଆଣିବା ପରେ ଗତ ୨୭ ତାରିଖ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି। ଏହାପରେ ତାକୁ ପୁଣି ଥରେ ଜେଲ୍ ପଠାଯାଇଥିବା ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ୨୦୦୮ ମସିହା ଅପ୍ରେଲ ୨୮ ତାରିଖରେ ଜଗତପୁର ଥାନା ଭୈରପୁର ଗ୍ରାମରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଜଘନ୍ୟ କାଣ୍ଡ ଘଟାଇବା ସମୟରେ ଅଭିଯୁକ୍ତମାନେ ମୃତକଙ୍କ ବଡ଼ ଭଉଣୀଙ୍କୁ ମଧ୍ୟ ଦୁଷ୍କର୍ମ ଉଦ୍ୟମ କରିଥିଲେ, ଯାହାକୁ ନେଇ ସେତେବେଳେ ସମଗ୍ର କଟକ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହି ମାମଲାରେ ପୁଲିସ ସାଜିଦ୍ ଖାନ୍ ଓ ତାର ସହଯୋଗୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ



ସାକ୍ଷ୍ୟ ପ୍ରମାଣକୁ ଆଧାର କରି ୨୦୧୦ରେ କଟକର ଫାଷ୍ଟଟ୍ରାକ କୋର୍ଟ-୧ ସାଜିଦ୍‌କୁ ଆଜୀବନ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା; ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ଦୀର୍ଘ ବର୍ଷ ସେ ଜେଲ୍‌ରେ ରହିବା ପରେ ୨୦୧୭ ମସିହା ମାର୍ଚ୍ଚ ୭ ତାରିଖରେ ସାଜିଦ୍‌କୁ ୧୪ ଦିନ ପାଇଁ ପାରୋଲେ ମିଳିଥିଲା। ନିୟମ ଅନୁଯାୟୀ ମାର୍ଚ୍ଚ ୨୧ ତାରିଖରେ ସେ ଚୌଦ୍ୱାର ସର୍କଲ ଜେଲ୍ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିବାର ଥିଲା। ମାତ୍ର ସେ ଜେଲ୍ ପ୍ରାଚୀର ବାହାରକୁ ଆସିବା ପରେ ଆଉ ଫେରି ନଥିଲା ଏବଂ କୌଶଳକ୍ରମେ ଓଡ଼ିଶା ସୀମା ପାର୍ ହୋଇଯାଇଥିଲା। ଏହି ଘଟଣାର ଦୀର୍ଘ ଦିନ ପରେ, ଜେଲ୍ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗ ଆଧାରରେ ଗତ ୨୦ ଡିସେମ୍ବର ୨୫ ତାରିଖରେ ଜଗତପୁର ଥାନା କେସ୍ ନମ୍ବର ୭୫୬/୨୦୨୫ରେ ସାଜିଦ୍ ବିରୋଧରେ ଫେରାର ମାମଲା ରୁଜୁ କରାଯାଇ ତଦନ୍ତ ଭାର ଏଏସଆଇ ତପନ କୁମାର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା।

ଓଡ଼ିଶାରୁ ଚମ୍ପଟ ମାରିବା ପରେ ସାଜିଦ୍ ସିଧା ପଞ୍ଜାବର ଅମୃତସର ସହରରେ ଆତ୍ମଗୋପନ କରିଥିଲା। ସେଠାରେ ଜାଲ୍ ଦଲିଲ୍ ଜରିଆରେ ସେ ନିଜର ନୂଆ ନାମ "ଫୟାଜ୍ ଖାନ୍" ରଖି ଆଧାର କାର୍ଡ ଓ ଅନ୍ୟାନ୍ୟ ପରିଚୟପତ୍ର ପ୍ରସ୍ତୁତ କରି ସାରିଥିଲା। ଅମୃତସରର ସୁଦର୍ଶନ ନଗର ଅଞ୍ଚଳରେ ଏକ ଭଡ଼ା ଘରେ ରହି ସେ ସେଠାକାର ସ୍ଥାନୀୟ ଜଣେ ମହିଳାଙ୍କୁ ବିବାହ କରିଥିଲା ଓ ତାଙ୍କର ପିଲାପିଲି ମଧ୍ୟ ହୋଇସାରିଥିଲେ। ପୁଲିସ ସନ୍ଦେହରୁ ବଞ୍ଚିବା ପାଇଁ ସେ ସହରର ଗଳି କନ୍ଦିରେ ମୋଟରସାଇକଲ୍ ଯୋଗେ ବେଡସିଟ୍ (ଶେଯ ଚାଦର) ଫେରି କରି ଜୀବିକା ନିର୍ବାହ କରୁଥିଲା। ଏସବୁ ସତ୍ତ୍ୱେ ସେ କଟକରେ ଥିବା ନିଜର କେତେକ ନିକଟ ସମ୍ପର୍କୀୟଙ୍କ ସହ ଅତି ଗୋପନୀୟ ଭାବେ ମୋବାଇଲ୍ ମାଧ୍ୟମରେ ଯୋଗାଯୋଗରେ ଥିଲା। ଏହି ସୂତ୍ରକୁ ଧରି କଟକ ୟୁପିଡିର ସାଇବର ସେଲ୍ ସାଜିଦ୍‌ର ସମ୍ପର୍କୀୟଙ୍କ ମୋବାଇଲ୍ ଫୋନର କଲ୍ ଡିଟେଲ୍ସ ଏବଂ ନେଟୱର୍କ ପ୍ୟାଟର୍ଣ୍ଣକୁ ଅନୁଧ୍ୟାନ କରିଥିଲା। ଏଥିରୁ ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ନମ୍ବର ଉପରେ ପୁଲିସର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଏହାସହିତ ଭୈରପୁର ଗ୍ରାମରେ ଥିବା ପୁଲିସର ଗୁପ୍ତଚରଙ୍କଠାରୁ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ସୂଚନା ସୁନିଶ୍ଚିତ ହେବା ପରେ ଗତ ଜୁନ୍ ୨୩ ତାରିଖରେ ଏଏସଆଇ ତପନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଅମୃତସର ଅଭିମୁଖେ ଯାତ୍ରା କରିଥିଲା। ଅମୃତସରରେ ପହଞ୍ଚିବା ପରେ ଓଡ଼ିଶା ପୁଲିସ ସ୍ଥାନୀୟ ଅମୃତସର କମିସନରେଟ୍ ପୁଲିସ ଏବଂ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆ ସଂଗଠନର ସହାୟତା ନେଇଥିଲା। ଦୀର୍ଘ ୨ ଦିନ ଧରି ସୁଦର୍ଶନ ନଗର ଅଞ୍ଚଳରେ ପୁଲିସ ଛଦ୍ମବେଶରେ ଡେରା ପକାଇବା ପରେ ଗତ ଜୁନ୍ ୨୫ ତାରିଖରେ ପୁଲିସ ଟିମ୍ ସେହି ଅଞ୍ଚଳରେ ଜଣେ ବେଡସିଟ୍ ବିକାଳିକୁ ମୋଟରସାଇକଲ୍‌ରେ ଯାଉଥିବାର ଦେଖିଥିଲା। ଗୁପ୍ତ ଭାବେ ଯାଞ୍ଚ କରିବା ପରେ ସେହି ବ୍ୟକ୍ତି ଜଣକ ହିଁ ଆଜୀବନ ସଜାପ୍ରାପ୍ତ ଫେରାର କଏଦୀ ସାଜିଦ୍ ଖାନ୍ ବୋଲି ସ୍ପଷ୍ଟ ହୋଇଥିଲା। ପୁଲିସ ବିଳମ୍ବ ନକରି ସ୍ଥାନୀୟ ସାଙ୍ଗଠନିକ ବଳରେ ତାକୁ ଚତୁରତାର ସହ କାବୁ କରିଥିଲା। ତାକୁ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

### ଏତଲା ରୁଜୁ, ତଦନ୍ତ ନିର୍ଦ୍ଦେଶ ପ୍ରସଙ୍ଗ

## ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୩୦।୬(ସମିସ): ପୁଲିସ ଯଦି ଏତଲା ରୁଜୁ କରୁନାହିଁ କିମ୍ବା ମାମଲାର ସଠିକ୍ ତଦନ୍ତ କରୁନାହିଁ, ତେବେ ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ଉଚିତ ନୁହେଁ। ଏଭଳି ପରିସ୍ଥିତିରେ ଅଭିଯୋଗକାରୀ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବା ଆବଶ୍ୟକ ବୋଲି ଓଡ଼ିଶା ଉଚ୍ଚନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଆଧାର କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲା ପାଇଁ ହାଇକୋର୍ଟରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାରରେ ବାଧା ସୃଷ୍ଟି ହେଉଛି। ସୁପ୍ରିମକୋର୍ଟଙ୍କ ମାମଲାର ଉଦାହରଣ ଦେଇ ହାଇକୋର୍ଟ କହିଥିଲେ ଯେ ଯଦି ପୁଲିସ ମାମଲା ରୁଜୁ ନ କରେ, ତେବେ ଜଣେ ବ୍ୟକ୍ତି ସମ୍ବିଧାନର ୨୨୬ ଧାରା ଅନୁଯାୟୀ, ସିଆରପିସିର ଧାରା ୧୫୬(୩) ଅନୁସାରେ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବା ଉଚିତ। ମାଜିଷ୍ଟ୍ରେଟ୍ ଯଦି ପ୍ରାଥମିକ ଭାବେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେ ଏତଲା ରୁଜୁ କରିବାକୁ କିମ୍ବା ଉପଯୁକ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରିବେ। ଆବଶ୍ୟକ ସ୍ଥଳେ ତଦନ୍ତକାରୀ ଅଧିକାରୀ ବଦଳାଇବା ସହ ସମଗ୍ର ତଦନ୍ତର ମନିଟରିଂ ମଧ୍ୟ କରିପାରିବେ। ମାମଲାରୁ ପ୍ରକାଶ ଯେ ପ୍ରଶାନ୍ତ ଚୌଧୁରୀ ନାମକ ଜଣେ ବ୍ୟକ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ଏବଂ ନିରପେକ୍ଷ ତଦନ୍ତ ଦାବିକରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏଥିରେ ସେ ରାଜ୍ୟ ଗୃହ ସଚିବ, ଭଦ୍ରକ ଏସ୍‌ପି ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀଙ୍କ ସମେତ ୯ ଜଣଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇ ଆବେଦନକାରୀ ପ୍ରଶାନ୍ତ ଚୌଧୁରୀଙ୍କୁ ଆଇନ ଅନୁଯାୟୀ ଉପଲବ୍ଧ ଥିବା ବିକଳ୍ପ ବ୍ୟବସ୍ଥା ବା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଯିବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଦାସ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅଶୋକ କୁମାର ଆପଟ ମାମଲା ପରିଚାଳନା କରୁଥିଲେ।

### ଧାନ ସଂଗ୍ରହରେ ଅବ୍ୟବସ୍ଥା ପ୍ରସଙ୍ଗ

## ଡ଼ବଲ ଇଞ୍ଜିନର ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ: ବିଜେଡି

- ମଣ୍ଡି ଅବ୍ୟବସ୍ଥା ପାଇଁ ହଇରାଣ ହେଉଛନ୍ତି ଚାଷୀକୂଳ
- ଅଦ୍ୟାବଧି ଅନେକ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି
- ଧାନ ବିକ୍ରି ପାଇଁ ଆଉ ୧୫ ଦିନ ମଣ୍ଡି ଖୋଲିବାକୁ ଦାବି

ଭୁବନେଶ୍ୱର,୩୦।୬(ସମିସ): ଡବଲ ଇଞ୍ଜିନ ସରକାର ଚାଷୀକୂଳ ପାଇଁ କାଳ ସାଜିଛି। ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ଡବଲ ଇଞ୍ଜିନ ସରକାର ଚାଷୀକୂଳ ପ୍ରତି ପ୍ରତାରଣା କରିଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ବିଜେପି ସରକାରର ଚାଷୀ ମାରଣ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ ଯେ ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ହତାଶ ହୋଇଛନ୍ତି। ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀକୂଳ କଟନୀ ଛଟନୀରୁ ଆରମ୍ଭ କରି ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଧାନର ଏମଏସପି ବୃଦ୍ଧି, ଇନପୁଟ ସବସିଡି ପ୍ରଦାନ ସହ ଚାଷୀର ସମସ୍ତ ଧାନକୁ କ୍ରୟ କରିବାକୁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି । ଜୁନ୍ ୩୦ ରବି ଧାନ ସଂଗ୍ରହର ଶେଷ ଦିନ ହୋଇଥିବା ବେଳେ, ବର୍ତ୍ତମାନ ସୁଦ୍ଧା



ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ରାଜ୍ୟ ସରକାର ଏହାକୁ ୩ ଦିନ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଜୀକରଣ ସଠିକ୍ ଭାବେ ହେଉନଥିବାରୁ ଧାନ ସଂଗ୍ରହରେ ଚରମ ବିଫଳତା ଦେଖାଦେଇଛି। ଚଳିତ ଧାନ ସଂଗ୍ରହ ଆରମ୍ଭରୁ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡି ରହିଛି । ବର୍ଷା ଋତୁ ଆରମ୍ଭ ହୋଇଯାଇ ଥିବାରୁ ଧାନ ମିଲକୁ ନେଇକି ଯିବାକୁ ଚାଷୀଙ୍କୁ ବାଧ କରାଯାଉଛି। ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ବେଳେ ପରିବାରର ପ୍ରମାଣପତ୍ର ଆଣିବା ପାଇଁ ଚାଷୀଙ୍କୁ କୁହାଗଲା। ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀ ଯେମିତି ମଣ୍ଡିରେ ଧାନ ବିକ୍ରି କରିନପାରୁ। ଡବଲ ଇଞ୍ଜିନ ସରକାର ଚାଷୀଙ୍କ ବଳକା ଧାନ ସଂଗ୍ରହ କରିବେ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା ବେଳେ ୧୫୦ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିବେ ନାହିଁ ବୋଲି କହିଛନ୍ତି । ୨୦ ଲକ୍ଷ ମେଟ୍ରିକ୍ ଟନ ରବି ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାହା ପୂରଣ ହୋଇନଥିବା ବେଳେ ଆଜି ପର୍ଯ୍ୟନ୍ତ ୧୮,୪୬,୦୦୦ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଛି । ୩,୬୭,୨୨୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ବେଳେ ୩,୩୭,୦୦୦ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଆହୁରି ୩୫,୦୦୦ ଚାଷୀ ୧,୫୦,୦୦୦ ମେଟ୍ରିକ୍ ଟନ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଅନେକ ମଣ୍ଡିରେ ପଲିଥିନ୍ ଅଭାବ ପାଇଁ ଧାନ ଭିଜୁଛି । ତେଣୁ ୩ ଦିନ ପରିବର୍ତ୍ତେ ଆହୁରି ୧୫ ଦିନ ମଣ୍ଡି ଖୋଲା ରଖିବା ସହ ଚାଷୀଙ୍କ ସମସ୍ତ ବଳକା ଧାନ ରାଜ୍ୟ ସରକାର ସଂଗ୍ରହ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି।





## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମନ ପ୍ରସନ୍ନ ରହିବ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଦୀର୍ଘଦିନରୁ ଚାଲଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

## ଆଜିର ଇତିହାସ

- ୧୮୬୨- କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ ।
- ୧୮୭୯ - ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା ।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା ।
- ୧୯୯୭ - ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା ।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା ।
- ୨୦୧୭ - ଭାରତରେ ପ୍ରଥମ ଥର ଜିଏସ୍‌ଟି ଲାଗୁ କରାଗଲା ।

## ଜାତୀୟ ଚିକିତ୍ସକ ଦିବସ



ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରାଯାଏ । ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିରେ ୧୯୯୧ରୁ ଏହି ଦିବସ ପାଳିତ ହୋଇଆସୁଛି । ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ । ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ । ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ଡାକ୍ତରମାନଙ୍କ ସୁରକ୍ଷା ବିଷୟରେ ସମାଜକୁ ସଚେତନ କରାଯାଇଥାଏ । ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ । ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ । ଡାକ୍ତରଙ୍କ ସାହାଯ୍ୟରେ ଜଣେ ରୋଗୀ ଏକ ନୂଆ ଜୀବନ ପାଇଥାଏ । ରୋଗୀଟିଏ ଯେତେବେଳେ ନିଜ ରୋଗ ସହ ଲଢ଼ୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ । ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ । ଜାତୀୟ ଚିକିତ୍ସକ ଦିବସ ଅବସରରେ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅବିଚଳିତ ପ୍ରତିବଦ୍ଧତାକୁ ମନେ ପକାଇଥାଏ ସାରା ଦେଶ । ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଡାକ୍ତରଙ୍କ ସମ୍ମାନାର୍ଥେ ଏକ ଥିମ୍ ରଖାଯାଏ । ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"

## ପୁଣି ଏକାଠି ଆସିବେ ଖିଲାଡ଼ି-ଅନାଡ଼ି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ 'ଭୂତ୍ ବଙ୍ଗଲା' ଫିଲ୍ମରେ ୧୪ ବର୍ଷ ପରେ ଏକାଠି କାମ କରିଥିଲେ । ଏହି ବର୍ଷ ଦୁହିଁଙ୍କର ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି । 'ହୈୱାନ' ଫିଲ୍ମରେ ପୁଣି ଥରେ ଅକ୍ଷୟ ଓ ପ୍ରିୟଦର୍ଶନ ଏକାଠି କାମ କରୁଛନ୍ତି । ଏଥିରେ ଅକ୍ଷୟଙ୍କ ସହ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ରୋଲରେ ଦେଖାଯିବେ । ଏହି ସସପେନ୍ସ-ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ଅକ୍ଷୟ ଏବଂ ସୈଫ୍ ଅନେକ ବର୍ଷ ପରେ ଏକାଠି ବଡ଼ ପରଦାରେ ନଜର ଆସିବେ । ଏଥିରେ ସୈଫ୍ ନାୟକ ସାଜିଥିବାବେଳେ ଅକ୍ଷୟ ଖଳନାୟକ ଭୂମିକାରେ ଦେଖାଯିବେ । ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିଛନ୍ତି । ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି, "୧୧ ସେପ୍ଟେମ୍ବର, ୨୦୨୬ରେ ସିନେମାହଲ୍‌ରେ । ୬୦ଟି ବ୍ଲକ୍‌ବଷ୍ଟର୍ ଫିଲ୍ମର ଶାନଦାର ଯାତ୍ରା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବେ ନେଇ ଆସୁଛନ୍ତି 'ହୈୱାନ' ।" ଏହି ଘୋଷଣା ସାମ୍ନାକୁ ଆସିବା ମାତ୍ରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି । ଏହି ଥ୍ରୀଲର ଡ୍ରାମାରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହ ଶ୍ରେୟା ପିଲଗାଓଁକର ଏବଂ ସୈୟାମୀ ଖେର୍ ମଧ୍ୟ ନଜର ଆସିବେ । ସୈଫ୍ ଅଲ୍ଲୀ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଯୋଡ଼ିକୁ 'ମୈ ଖିଲାଡ଼ି ତୁ ଅନାଡ଼ି' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା । ଏହାପରେ ଦୁହେଁ 'ଟସନ୍' ଫିଲ୍ମରେ ମଧ୍ୟ ଏକାଠି କାମ କରିଥିଲେ । ଏବେ ଦୁହେଁ 'ହୈୱାନ' ଫିଲ୍ମ ଜରିଆରେ ପୁଣି ଥରେ ପରଦାରେ ହଲଚଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି । ୧୧ ସେପ୍ଟେମ୍ବରରେ 'ହୈୱାନ' ରିଲିଜ୍ ହେଉଥିବାବେଳେ ଏହିଦିନ ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ 'ଉଡ଼ତା ତୀର' ମଧ୍ୟ ରିଲିଜ୍ ହେଉଛି । ବକ୍ସ ଅଫିସ୍‌ରେ ଏହି ଟକ୍କର ଦେଖିବା ବେଶ୍ ମଜାଦାର ହେବ ।



## ଆଜି ବାହୁଡ଼ିଥିଲେ: ପଲ୍ଲୀକବି ନନ୍ଦକିଶୋର ବଳ



ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ । ଓଡ଼ିଶାର ଗ୍ରାମୀଣ ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଯାତ୍ରା ଏବଂ ପଲ୍ଲୀ ସଂସ୍କୃତିକୁ ନିଜ କାବ୍ୟ-କବିତାରେ ସ୍ଥାନ ଦେଇଥିବାରୁ ତାଙ୍କୁ 'ପଲ୍ଲୀକବି' ଭାବରେ ସମ୍ମାନିତ କରାଯାଇଛି । ତାଙ୍କର କବିତାଗୁଡ଼ିକ ସରଳ, ହୃଦୟସ୍ପର୍ଶୀ ଏବଂ ଓଡ଼ିଆ ଲୋକସଂସ୍କୃତି ଓ ପଲ୍ଲୀ ଜୀବନର ଜୀବନ୍ତ ପ୍ରତିଛବି ଅଟେ । ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ । ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା । ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ । ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା । ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ । ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା । ୧୯୨୮ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ । ନନ୍ଦକିଶୋର କଲେଜ ପଢ଼ିବା ଠୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ । ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି । ଶିଶୁ କବିତା କ୍ଷେତ୍ରରେ ପଲ୍ଲୀ କବି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ନାନା ବାୟା ଗୀତ ହେଉଛି ତା'ର ଏକ ନିଚ୍ଛକ ଉଦାହରଣ । ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି । ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ । ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି । କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା । ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ । ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ । ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ ।

# ସମ୍ଭାବନା



## କେମିତି ସମ୍ଭାଳିବେ କାମ ଚାପ

**ଆଜିକାଲି କର୍ମଜୀବୀଙ୍କ କାମ ଚାପ ଅଧିକ । ଏହା ଯୋଗୁଁ ମାନସିକ ଅଶାନ୍ତି ସହ ସ୍ୱାସ୍ଥ୍ୟ ଖରାପ ହେଉଛି । ତେବେ ସେମାନେ କିଛି ଉପାୟକୁ ଆପଣାଇ କାମ ଚାପକୁ ହାଲୁକା କରିପାରିବେ ।**



- କାମର ପ୍ରାଥମିକତାକୁ ନିର୍ଦ୍ଧାରିତ କରନ୍ତୁ । ଜରୁରି କାମକୁ ପ୍ରଥମେ କରନ୍ତୁ ।
- ଦିନ ତମାମ କେଉଁ ସବୁ କାମ କରିବା ଦରକାର, ସେସବୁ ଲେଖି ରଖନ୍ତୁ । ଏହାଦ୍ୱାରା ଚାପ କମ୍ ହେବ ।
- ବଡ଼ କାମକୁ ଛୋଟ ଭାଗରେ ବାଣ୍ଟନ୍ତୁ । ଏହିପରି ଭାବେ ଛୋଟ ଛୋଟ ଲକ୍ଷ୍ୟକୁ ପୂରା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ।
- ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ । ଲଗାତାର ବସି କାମ କରିବା ଦ୍ୱାରା ଉତ୍ପାଦକତା କମିପାରେ । ସମୟ ନିୟନ୍ତ୍ରଣ କରିବା ଶିଖନ୍ତୁ । କେଉଁ ସମୟରେ କେଉଁ କାମ କରିବେ ତାହା ଧାର୍ଯ୍ୟ କରନ୍ତୁ ।
- ମଲଟି ଟାସ୍କିଂ କରନ୍ତୁ ନାହିଁ । ଗୋଟିଏ ସମୟରେ ଏକାଧିକ କାମ ନ କରି ଗୋଟିଏ କାମ କଲେ ଭଲ ଫଳ ମିଳେ ।
- ଆବଶ୍ୟକ ପଡ଼ିଲେ ସହକର୍ମୀ ତଥା ବରିଷ୍ଠ ସହଯୋଗୀଙ୍କ ସହାୟତା ନିଅନ୍ତୁ । ସାହାଯ୍ୟ ପାଇଁ ସଙ୍କୋଚ କରିବା ଭଲ ନୁହେଁ ।
- ଅଫିସ୍ ପରେ ଘର ଓ ପରିବାର ସହିତ ସମୟ ଅତିବାହିତ କରନ୍ତୁ ।

## ଅଫିସ୍‌ରେ ସମ୍ମାନ ବୃଦ୍ଧି

**ସାଧାରଣତଃ ଅଫିସ୍‌ରେ ସମସ୍ତେ ନିଜର ସମ୍ମାନ ବୃଦ୍ଧି ତଥା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରି ନ ଥାନ୍ତି । ସେହିପରି କିଏ ନିଜ କାମ ମାଧ୍ୟମରେ ଲୋକପ୍ରିୟ ହେବାକୁ ଚେଷ୍ଟା କରନ୍ତି ତ ଆଉ କିଏ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି ।**



- ଅଫିସ୍‌ରେ ସହକର୍ମୀଙ୍କ ସହ କଥା ହେବା ବେଳେ ହସି ହସି କଥାବାର୍ତ୍ତା କରନ୍ତୁ ।
- ଠିକ୍ ସମୟରେ କାମ ପୂରା କରନ୍ତୁ । ଏହା ହିଁ ଅଫିସ୍‌ରେ ସମ୍ମାନ ବୃଦ୍ଧିରେ ସାହାଯ୍ୟ କରେ ।
- କେବଳ ନିଜ କାମ ନ କରି ଟିମ୍ ୱାର୍କ ମଧ୍ୟ କରନ୍ତୁ ।
- ଭଲ କଥାବାର୍ତ୍ତା କରୁଥିବା କର୍ମଚାରୀଙ୍କ ସମ୍ମାନ ଭଲ ରହେ ।
- ଅନ୍ୟମାନଙ୍କର ସମ୍ମାନ କରନ୍ତୁ ଏବଂ ସମ୍ମାନ ସହିତ କଥାବାର୍ତ୍ତା କଲେ ଏହା ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ ।
- ପ୍ରତ୍ୟେକ ସମୟରେ ଅଭିଯୋଗ ନ କରି ସମସ୍ୟା ସମାଧାନ କରିବା ଶିଖନ୍ତୁ ।
- ଅଫିସ୍ ଗସିପଠୁ ଦୂରରେ ରୁହନ୍ତୁ । ପରଚର୍ଚ୍ଚା ଉପରେ ଧ୍ୟାନ ଦିଅନ୍ତୁ ନାହିଁ ।
- ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସାହାଯ୍ୟ କରନ୍ତୁ । ଏହି ସ୍ୱଭାବ ବି ସମ୍ମାନ ବୃଦ୍ଧିରେ ସହାୟକ ହୁଏ ।

## ବିଦେଶରେ ପାର୍ଟ ଟାଇମ୍



**ବିଦେଶରେ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ । ସେହିପରି ପ୍ରତ୍ୟେକ ଦେଶରେ ପାର୍ଟ ଟାଇମ୍ ଚାକିରି କରିବାର ଅନୁମତି ଅଛି । କାରଣ ଏହା ଦ୍ୱାରା ପିଲା ସେମାନଙ୍କର ନିତିଦିନର ଖର୍ଚ୍ଚ ଉଠାଇପାରନ୍ତି । ତେବେ ଆମେରିକା, ବ୍ରିଟେନ ଭଳି ଅନ୍ୟ ଦେଶରେ ପାର୍ଟ ଟାଇମ୍ କାମକୁ ନେଇ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି ।**

ଆମେରିକାରେ ଭାରତୀୟ ଛାତ୍ର ସପ୍ତାହରେ ୨୦ ଘଣ୍ଟା କାମ କରିପାରିବେ । ପଢ଼ା ଜାରି ଥିବା ବେଳେ ଏ ନିୟମ ଲାଗୁ ହୋଇଥାଏ । ସେହିପରି ସେମିଷ୍ଟାର ବ୍ରେକ୍ ତଥା ଛୁଟି ଥିଲେ ଛାତ୍ରଛାତ୍ରୀ ସପ୍ତାହକୁ ୪୦ ଘଣ୍ଟା ପର୍ଯ୍ୟନ୍ତ ଚାକିରି କରିପାରିବେ । ବର୍ଷେ ପଢ଼ା ପୂରଣ କରିଥିବା ପିଲା କ୍ୟାମ୍ପସ ବାହାରେ ଚାକିରି କରିପାରିବେ । ତେବେ ପଢ଼ା ସମୟରେ କାନାଡ଼ାରେ ଭାରତୀୟ ଛାତ୍ର ସପ୍ତାହକୁ ୨୪ ଘଣ୍ଟା ଏବଂ ଛୁଟି ସମୟରେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ । ଭ୍ୟାଲିଡ ଷ୍ଟଡି ପରମିଟ୍ ଥିବା ଛାତ୍ରଙ୍କୁ କ୍ୟାମ୍ପସ ବାହାରେ ଚାକିରି କରିବାର ଅନୁମତି ଅଛି ।

ସେହିପରି ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ୧୫ ଦିନରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଅଛି । ଏଠାରେ ବି ଅନ୍ୟ ଦେଶ ଭଳି ଛୁଟି ସମୟରେ ଅନଲିମିଟେଡ୍ କାମ କରିବାର ଅନୁମତି ମିଳିଥାଏ । ପୋଷ୍ଟ ଗ୍ରାଜୁଏଟ୍ ରିସର୍ଚ୍ଚ ଛାତ୍ର, ଡକ୍ଟୋରଲ ଡିଗ୍ରୀ ଆରମ୍ଭ କରିବା ପରେ ବିନା କୌଣସି ସମୟ ସୀମାରେ କାମ କରିପାରିବେ । ତେବେ ଜର୍ମାନୀରେ ପଢ଼ା ସମୟରେ ୨୦ ଘଣ୍ଟା ଏବଂ ଛୁଟିଦିନରେ ସପ୍ତାହକୁ ୪୦ ଘଣ୍ଟା ପାର୍ଟ ଟାଇମ୍ ଚାକିରିର ଅନୁମତି ଅଛି । ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ବର୍ଷକରେ ୧୨୦ ପୂରା ଦିନ, ୨୪୦ ଅଧା ଦିନ କାମ କରିବାର ଅନୁମତି ଅଛି । ନ୍ୟୁଜିଲାଣ୍ଡରରେ ଭାରତୀୟ ଛାତ୍ର ଏକାଡେମିକ ସେସନ ସମୟରେ ପ୍ରତି ସପ୍ତାହରେ ୨୦ ଘଣ୍ଟା ଏବଂ ଛୁଟିରେ ଫୁଲ୍ ଟାଇମ୍ କାମ କରିପାରିବେ । ଏହି ସୁବିଧା ଅତି କମ୍‌ରେ ଦୁଇ ବର୍ଷର ପୂର୍ଣ୍ଣକାଳୀନ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ । ଫ୍ରାନ୍ସରେ ପଢୁଥିବା ଭାରତୀୟ ଛାତ୍ର ଶିକ୍ଷାବର୍ଷରେ ପ୍ରତିବର୍ଷ ୯୬୪ ଘଣ୍ଟା (ପ୍ରତି ସପ୍ତାହରେ ୨୦ ଘଣ୍ଟା) ଏବଂ ବିଶ୍ୱବିଦ୍ୟାଳୟ ଛୁଟି ସମୟରେ ଫୁଲଟାଇମ କାମ କରିପାରିବେ । ଏହି ସୁବିଧା ଫରାସୀ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅଂଶବିଶେଷ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ।

ଅନ୍ୟପଟେ ନେଦରଲ୍ୟାଣ୍ଡସରେ ଭାରତୀୟ ଛାତ୍ରଛାତ୍ରୀ ପ୍ରତି ସପ୍ତାହରେ ୧୬ ଘଣ୍ଟା ଏବଂ ଜୁନ୍ ଜୁଲାଇ ଅଗଷ୍ଟ ମାସରେ ଫୁଲ ଟାଇମ୍ କାମ କରିପାରିବେ । କାମ କରିବା ପାଇଁ ଭାରତୀୟଙ୍କୁ ୱାର୍କ ପରମିଟ୍‌ର ଆବଶ୍ୟକତା ଥାଏ । ଷ୍ଟଡି ପୋଗ୍ରାମର ଜରୁରି ଅଂଶ ହୋଇଥିବା ଇଣ୍ଟରନସିପ୍‌ଙ୍କ ଉପରେ ଏହି ନିୟମ ଲାଗୁ ହୋଇ ନ ଥାଏ । ବ୍ରିଟେନରେ ପାଠପଢ଼ା ଚାଲିଥିବା ସମୟରେ ଭାରତୀୟ ଛାତ୍ରମାନେ ସପ୍ତାହରେ କେବଳ ୨୦ଘଣ୍ଟା କାମ କରିପାରିବେ । ସେମିଷ୍ଟର ବ୍ରେକ୍ ଥିଲେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଦିଆଯାଏ । ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଡିଗ୍ରୀ-ସ୍ତରୀୟ ପାଠ୍ୟକ୍ରମ କିମ୍ବା ତା'ଠାରୁ ଅଧିକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ବାହାରେ କାମ କରିବାକୁ ଅନୁମତି ଦିଆଯାଏ ।

## ପ୍ରଫେସନାଲଙ୍କ ପାଇଁ ଗ୍ୟାଜେଟ୍

**ଆଜିର ସମୟରେ ଅଫିସ୍ କାମ ବି ଆଡଭାନ୍ସ ହୋଇଗଲାଣି । ତେବେ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକି ଅଫିସ୍ କାମରେ କର୍ମଚାରୀଙ୍କ କାମକୁ ସହଜ ଓ ସୁବିଧାଜନକ କରିବାରେ ସାହାଯ୍ୟ କରିବ ।**

**ପୋର୍ଟେବଲ ମନିଟର:** ଏହି ଡିଭାଇସ୍ ଲୋକଙ୍କୁ ଅତିରିକ୍ତ ସ୍କ୍ରିନ୍ ସ୍ପେସ୍ ଉପଲବ୍ଧ କରାଏ । ଏହି ଡିଭାଇସ୍ ସାହାଯ୍ୟରେ ଲୋକେ ଏକାକାଳୀନ ଅନେକ ୱିଣ୍ଡୋ ଖୋଲି କାମ କରିପାରିବେ ।

**ନଏଜ କ୍ୟାନସଲିଂ ହେଡ୍‌ଫୋନ୍:** ଅଧିକ ଗହଳିଚହଳି ପାଟିତୁଣ୍ଡ ହେଉଥିବା ପରିବେଶରେ କାମ କରୁଥିଲେ ନଏଜ କ୍ୟାନସଲିଂ ହେଡ୍‌ଫୋନ୍ ଏକ ଉତ୍ତମ ବିକଳ୍ପ । ଏହି ଗ୍ୟାଜଟ୍ କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ ।

**ୱେୟାରଲେସ୍ କି-ବୋର୍ଡ ଏବଂ ମାଉସ୍:** ଅଫିସ୍ ତଥା ଘରୁ କାମ କଲେ ବି ଲାପଟପ୍ ତ ଏବେ ନିହାତି ଜରୁରି । ଲାପଟପ୍‌ରେ ଛୋଟ କି-ବୋର୍ଡ ଯୋଗୁଁ ଲୋକଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । ଏଭଳି ସ୍ଥିତିରେ ୱେୟାରଲେସ୍ କି-ବୋର୍ଡ ବରଦାନ ପ୍ରମାଣିତ ହୋଇପାରେ । ଏହି ଡିଭାଇସ୍ ଲୋକଙ୍କୁ ଟାଇପିଂରେ ସାହାଯ୍ୟ କରିବ । ସେହିପରି କି-ବୋର୍ଡ ଲାଗି ମାଉସ୍ ବି ଦରକାର । ତେଣୁ ୱେୟାରଲେସ୍ କି-ବୋର୍ଡ ବି ଖୁବ୍ ଉପକାରୀ ।

**ସ୍ମାର୍ଟ ନୋଟ୍‌ବୁକ୍:** ସ୍ମାର୍ଟ ନୋଟ୍‌ବୁକ୍‌ରେ ଲେଖାଯାଉଥିବା ନୋଟ୍ ସହଜରେ ଡିଜିଟାଲ ଉପାୟରେ ସେଭ୍ କରାଯାଇପାରିବ । ଦରକାରୀ ତଥ୍ୟ ହଜି ନ ଥାଏ ।

ସକାଳ THE SAKALA
www.sakalaepaper.com





ମରୋକ୍କୋ ଷ୍ଟ୍ରାଇକର ଇସ୍ମାଏଲ ସାଇବାରୀ

# ଇତିହାସ ସୃଷ୍ଟି କଲେ ପାରାଗୁଏ, ମରୋକ୍କୋ

## ପେନାଲ୍ଟିରେ ୪ ଥରର ଚାମ୍ପିଅନ ଜର୍ମାନୀ, ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ୍ ସୁଟ୍ଆଉଟ୍

ଫକ୍ସବରୋ/ଗ୍ୱାଡଲୋପ୍,୩୦।୬(ଏଜେନ୍ସି)

୪ଥରର ଚାମ୍ପିଅନ ଜର୍ମାନୀ ଓ ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରୁ ପେନାଲ୍ଟି ସୁଟ୍ଆଉଟରେ ବିଦା ହୋଇଛନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ହରାଇ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ଓ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ଇତିହାସ ସୃଷ୍ଟି କରିଛନ୍ତି। ରାଉଣ୍ଡ-୩୨ରେ ଫ୍ରାନ୍ସ ଓ ସ୍ୱିଡେନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ପାରଗୁଏର ଏବଂ କାନାଡା ସହ ମରୋକ୍କୋର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ଭାରତୀୟ ସମୟ ସୋମବାର ରାତି ଓ ମଙ୍ଗଳବାର ସକାଳେ ଖେଳାଯାଇଥିବା ଏହି ଦୁଇଟିଯାକ ମ୍ୟାଚ୍ ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳରେ ଫଳାଫଳ ମିଳି ନ ଥିଲା। ନକ୍ଆଉଟ ମ୍ୟାଚ୍ ହୋଇଥିବାରୁ ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍ଆଉଟ୍‌ର ସହାୟତା ନିଆଯାଇଥିଲା। ବୋଷ୍ଟନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଜର୍ମାନୀ-ପାରାଗୁଏ ମ୍ୟାଚ୍ ୧-୧ ଗୋଲରେ ସମାନସ୍ତରରେ ରହିବା ପରେ ପେନାଲ୍ଟି ସୁଟ୍ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଗୋଲ ରକ୍ଷକ ଅର୍ଲାଣ୍ଡୋ ଗିଲ୍ ଦୁଇଟି ପେନାଲ୍ଟି ସଟ୍‌କୁ ସେଭ୍ କରିବା ଫଳରେ ପାରାଗୁଏ ୪-୧ରେ ୪ଥରର ଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ମଣ୍ଟେରୀ ଷ୍ଟାଡିୟମ୍‌ରେ ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅଧିକ ରୋମାଞ୍ଚକର ହୋଇଥିଲା। ଏଥିରେ ଉଭୟ ଦଳ ଶେଷ ସମୟରେ ଗୋଲ ସ୍କୋର କରିଥିଲେ ମଧ୍ୟ ମ୍ୟାଚ୍‌ର ଫଳାଫଳ ମିଳି ପାରି ନ ଥିଲା। ପେନାଲ୍ଟି ସୁଟ୍ଆଉଟରେ ମରୋକ୍କୋ ୩-୨ ଗୋଲରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

# ପ୍ରି-କ୍ୱାର୍ଟରରେ ବ୍ରାଜିଲ

ହଷ୍ଟନ,୩୦।୬(ଏଜେନ୍ସି): ଏସିଆ ମହାଦେଶର ଏକ ନମ୍ବର ଦଳ ଜାପାନକୁ ୨-୧ ଗୋଲ୍‌ରେ ପରାସ୍ତ କରି ପାଞ୍ଚଥରର ଚାମ୍ପିଅନ ବ୍ରାଜିଲ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ସୋମବାର ରାତିରେ ସ୍ଥାନୀୟ ହଷ୍ଟନ ଷ୍ଟାଡିୟମରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବ୍ରାଜିଲ ପଛୁଆ ଥାଇ ମଧ୍ୟ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ୍ ଦେଇ ବ୍ରାଜିଲ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଥିଲା। ବିଶେଷ କରି ଷ୍ଟପେଜ ଟାଇମ୍‌ରେ ଗ୍ରାବିଏଲ୍ ମାର୍ଟିନେଲିଙ୍କ ଗୋଲ୍ ବ୍ରାଜିଲକୁ ପ୍ରି-କ୍ୱାର୍ଟରରେ ପ୍ରବେଶ କରାଇଥିଲା। ଅପରପକ୍ଷରେ ପରାଜୟ ସହ ଜାପାନର ବିଶ୍ୱକପ ଅଭିଯାନ ଶେଷ ହୋଇଛି। ବ୍ରାଜିଲ ଏବେ ରାଉଣ୍ଡ ଅଫ୍ ୧୬ରେ ନରୱେ ବନାମ ଆଇଭରୀ କୋଷ୍ଟ ମ୍ୟାଚ୍‌ର ବିଜେତା ସହ ମୁକାବିଲା କରିବ।




| ଫିଫା ବିଶ୍ୱକପ୍ |
| --- |
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ବୁଧବାର ରାତି |
| ଇଂଲଣ୍ଡ-କଙ୍ଗୋ |
| ଆଟଲାଣ୍ଟା, ରାତି ୯.୩୦ |
| ବେଲଜିୟମ-ସେନେଗାଲ |
| ସିଆଟଲ, ରାତି ୧.୩୦ |
| ଗୁରୁବାର ସକାଳ |
| ଆମେରିକା-ବୋସନିଆ |
| ସାନ୍‌ଫ୍ରାନ୍ସିକୋ, ସକାଳ ୫.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ଭିଏଆର୍ ଲାଗି ଜର୍ମାନୀ ହାରିଲା

ଗ୍ୱାଡଲୋପ୍,୩୦।୬(ଏଜେନ୍ସି): ଜର୍ମାନୀର ପରାଜୟ ଲାଗି ଭିଏଆର୍ ବା ଭିଡିଓ ଆସିଷ୍ଟାଣ୍ଟ ରେଫରୀ ଦାୟୀ ବୋଲି ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲାନ ସିଅରର କହିଛନ୍ତି। ତାଙ୍କ ମତରେ ଗୋଲପୋଷ୍ଟରେ କିପର ତଳେ ପଡ଼ିଯିବା ଏକ ସାଧାରଣ ଘଟଣା। ଏଥିଲାଗି ପ୍ରତିପକ୍ଷ ଖେଳାଳି ଓ ଏହାକୁ ବିରୋଧ କରୁଥିବା ମ୍ୟାନେଜର ଜୁଲିଆନ୍ ନାଗେଲସମ୍ୟାନ୍‌ଙ୍କୁ ୟେଲୋ କାର୍ଡ ଦେଖାଇବାର କୌଣସି କାରଣ ନାହିଁ। ସୂଚନାଯୋଗ୍ୟ ଅତିରିକ୍ତ ସମୟର ୧୨ତମ ମିନିଟ୍‌ରେ ଜୋନାଥନ ତାହ ହେଡର ଜରିଆରେ ଗୋଲ ଦେଇ ଜର୍ମାନୀକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହି ସମୟରେ ପାରାଗୁଏ ଗୋଲରକ୍ଷକ ତଳେ ପଡ଼ି ଛଟପଟ ହୋଇଥିଲେ। ଜର୍ମାନୀର ୱାଲ୍ଡେମାର ଆଣ୍ଟନ ତାଙ୍କୁ ଫାଉଲ ମାରିଥିବା ଅଭିଯୋଗ ହୋଇଥିଲା। ଫଳରେ ରେଫରୀ ଜଲାଲ ଜାୟେଦ୍ ଘଟଣାକୁ ଭିଏଆର୍‌କୁ ଦେଇଥିଲେ। ଭିଏଆର୍ ଆଣ୍ଟନ ଫାଉଲ ମାରିଥିବା ଜାଣିବାକୁ ପାଇଥିଲେ ଓ ଗୋଲକୁ ନାକଚ କରିଦେଇଥିଲେ। ଫଳରେ ଜର୍ମାନୀ ବିଜୟରୁ ବଞ୍ଚିତ ହୋଇଥିଲା ବୋଲି ସିଅରର କହିଛନ୍ତି। ଅନ୍ୟପକ୍ଷରେ ଗତ ୩ଟି ବିଶ୍ୱକପ୍‌ରେ ଆମେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛୁ। ଏଥିରୁ ପ୍ରମାଣିତ ହେଉଛି ଯେ, ଆମେ ଆଉ ପ୍ରଥମଶ୍ରେଣୀର ଫୁଟବଲ ଟିମ୍ ହୋଇ ରହିନାହୁଁ ବୋଲି କୋଚ୍ ଜୁଲିଆନ ନାଗେଲସମ୍ୟାନ୍ କହିଛନ୍ତି।

# ବଡ଼ ବିପର୍ଯ୍ୟୟ ଘଟାଇଲା ପାରାଗୁଏ



ବୋଷ୍ଟନ ଷ୍ଟାଡିୟମ୍‌ରେ ସୋମବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଜର୍ମାନୀକୁ ପରାସ୍ତ କରି ପାରାଗୁଏ ଫିଫା ବିଶ୍ୱକପ୍ ଇତିହାସରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଫିଫା ର୍‌ୟାଙ୍କିଙ୍ଗ୍‌ରେ ଜର୍ମାନୀ ୧୦ମ ସ୍ଥାନରେ ଥିଲାବେଳେ ପାରାଗୁଏ ୪୧ତମ ସ୍ଥାନରେ ରହିଛି। ଏହି ବିଜୟ ସହ ପାରାଗୁଏ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲାବେଳେ ପ୍ରଥମଥର ଆୟୋଜିତ ହେଉଥିବା ରାଉଣ୍ଡ ଅଫ୍ ୩୨ରୁ ଜର୍ମାନୀ ବିଦାୟ ନେଇଛି। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲା ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଅର୍ଥାତ୍ ୧୨୦ ମିନିଟ୍ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ଜର୍ମାନୀ ପକ୍ଷରୁ କାଇ ହାର୍ଭେଜ୍ ଓ ପାରାଗୁଏ ପକ୍ଷରୁ ଜୁଲିଓ ଏନ୍‌ସିସ୍କୋ ଗୋଲ ସ୍କୋର କରିଥିଲେ। ପେନାଲ୍ଟି ସୁଟ୍ଆଉଟ୍‌ରେ ପାରାଗୁଏ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ୨ଟି ପେନାଲ୍ଟି ସଟ୍‌କୁ ଅଟକାଇ ଏହି ମ୍ୟାଚ୍‌ରେ ହିରୋ ବନିଯାଇଥିଲେ। ୨୦୧୦ରେ କ୍ୱାର୍ଟରଫାଇନାଲ ଖେଳିଥିବା ପାରାଗୁଏ ଗତ ୨ଟି ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଏହି ମ୍ୟାଚ୍‌ରେ ବଲ ଜର୍ମାନୀ ନିୟନ୍ତ୍ରଣରେ ରହିଥିଲା। ଏପରିକି ପାରାଗୁଏ ଦଳ ଖେଳିବାକୁ ବଲ୍ ମଧ୍ୟ ପାଇ ନ ଥିଲେ। ଏହା ସତ୍ତ୍ୱେ ଜର୍ମାନୀ ଗୋଲ ସ୍କୋର କରିବାକୁ ସମର୍ଥ ହୋଇ ନ ଥିଲା। ପେନାଲ୍ଟି ସୁଟଆଉଟରେ ହାରିବା ଫଳରେ ଗତ ୪ଟି ବିଶ୍ୱକପ୍‌ରେ ଜର୍ମାନୀର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ହୋଇଛି। ୨୦୧୦ ଓ ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ଏବଂ ୨୦୨୬ରେ ରାଉଣ୍ଡ ଅଫ୍ ୩୨ରୁ ବିଦା ହୋଇଛି। ଦଳ ପ୍ରଥମଥର ପେନାଲ୍ଟି ସୁଟ୍ଆଉଟରେ ପରାଜିତ ହୋଇଥିଲାବେଳେ ପୂର୍ବରୁ ୪ଥର ବିଜୟୀ ହୋଇଥିଲା। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଜର୍ମାନୀ ଦଳ ଚଳିତ ବିଶ୍ୱକପ୍‌ରେ ଆଦୌ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରି ନ ଥିଲା।



# ମରୋକ୍କୋ ହିରୋ ୟାସିନ୍, ସାଇବାରୀ

ମଣ୍ଟେରୀ ଷ୍ଟାଡିୟମ୍‌ରେ ଫିଫା ର୍‌ୟାଙ୍କିଙ୍ଗ୍‌ରେ ଉପରତଳ ହୋଇ ରହିଥିବା ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ରାଉଣ୍ଡ -୩୨ ମୁକାବିଲା ରୋମାଞ୍ଚକ ହୋଇଥିଲା। ଖେଳର ୭୧ତମ ମିନିଟ୍ ଯାଏ କେହି କାହାରିକୁ ଗୋଲ ଦେଇ ନ ଥିଲେ। ୭୨ତମ ମିନିଟ୍‌ରେ କୋଡି ଗାକ୍‌ପୋ ନେଦରଲ୍ୟାଣ୍ଡସ ପକ୍ଷରୁ ଓ ୯୧ତମ (ଇଞ୍ଜୁରୀ ଟାଇମ୍) ମିନିଟରେ ଇସା ଡିଓପ ମରୋକ୍କୋ ପକ୍ଷରୁ ଗୋଲ ଦେବା ଫଳରେ ଖେଳ ସମାନ ସ୍ତରରେ ରହିଥିଲା। ପେନାଲ୍ଟି ସୁଟ୍ଆଉଟରେ ନେଦରଲ୍ୟାଣ୍ଡସ ପକ୍ଷରୁ କ୍ରିସେନିକୋ ସମରଭିଲେ ମାରିଥିବା ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ସଟ୍‌କୁ ମରୋକ୍କୋ ଗୋଲରକ୍ଷକ ଅଟକାଇବା ପରେ ୫ମ ସଟ୍ ମିସ୍ ହୋଇଥିଲା। ଫଳରେ ଶେଷ ସଟ୍‌କୁ ମରୋକ୍କୋ ଗୋଲରେ ପରିଣତ କରିଥିଲେ ମ୍ୟାଚ୍ ଜିତିବାର ସ୍ଥିତିରେ ଥିଲା। ଏହି ସଟ୍‌କୁ ଷ୍ଟ୍ରାଇକର ଇସ୍ମାଏଲ ସାଇବାରୀ ଗୋଲରେ ପରିଣତ କରି ମରୋକ୍କୋକୁ ୩-୨ ପେନାଲ୍ଟିରେ ଜିତାଇବା ସହ ଦଳକୁ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ମରୋକ୍କୋ ମଧ୍ୟ ଗତ ୩ଟି ସଂସ୍କରଣରେ ୟୁରୋପର ଦୁଇଟି ଶକ୍ତିଶାଳୀ ଟିମ୍‌କୁ ପେନାଲ୍ଟି ସୁଟ୍ଆଉଟରେ ବିଦା କରିଛି। ଗତ ବିଶ୍ୱକପ୍‌ରେ ୟାସିନ୍ ବୋଉନୋଉ ୨ଟି ପେନାଲ୍ଟି ସଟ୍ ସେଭ୍ କରିବା ଫଳରେ ସ୍ପେନ୍‌କୁ ମରୋକ୍କୋ ହରାଇଥିଲା। ସାଇବାରୀଙ୍କ ଗୋଲ ବଳରେ ମରୋକ୍କୋ ଇତିହାସ ସୃଷ୍ଟି କରିବା ସହ ଆସନ୍ତା ଶନିବାର କାନାଡା ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

# ହରମନପ୍ରୀତଙ୍କୁ ଭାରତର ନେତୃତ୍ୱ

**ଏସୀୟ କ୍ରୀଡ଼ା**

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଚଳିତ ଟି-୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ହରମନପ୍ରୀତ୍ କୌର ଅଧିନାୟିକା ପଦ ବଜାୟ ରଖିଛନ୍ତି। କ୍ରମାଗତ ଦ୍ୱିତୀୟ ସଂସ୍କରଣ ଲାଗି ହରମନପ୍ରୀତ୍ ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୨ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତୀୟ ମହିଳା କ୍ରିକେଟ୍ ଦଳ**

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଗୁନାଲାନ କମଳିନୀ, ଭାରତୀ ଫୁଲମଣି, ଶ୍ରୀ ଚରଣି, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ୍, ରାଧା ଯାଦବ ଓ ନନ୍ଦିନୀ ଶର୍ମା।

# ରୋଷେୟାକୁ ବାଡ଼େଇ ବିବାଦରେ ଶଶାଙ୍କ ସିଂହ

ଭୋପାଳ, ୩୦।୬ (ଏଜେନ୍ସି): ପଞ୍ଜାବ କିଙ୍ଗ୍‌ସର କ୍ରିକେଟର୍ ଶଶାଙ୍କ ସିଂହ ଓ ତାଙ୍କ ଅବସରପ୍ରାପ୍ତ ଆଇପିଏସ ପିତା ଶୈଳେଶ ସିଂହ ବିବାଦ ଘେରରେ ଫସିଛନ୍ତି। ଘରୋଇ ରୋଷେୟାକୁ ଦୁର୍ବ୍ୟବହାର, ବେଆଇନ ଭାବେ ବନ୍ଦୀ କରି ଆକ୍ରମଣ କରିବା ଅଭିଯୋଗ ଶଶାଙ୍କ ଓ ତାଙ୍କ ପିତାଙ୍କ ନାମରେ ଆସିଛି। ରୋଷେୟା ବିପେନ୍ଦ୍ର ସିଂହ ତୋମାରର ଅଭିଯୋଗ ଆଧାରରେ ଭୋପାଳର ରତିବାଦ ପୋଲିସ ଷ୍ଟେସନରେ ଶଶାଙ୍କ, ଶୈଳେଶ ଓ ତାଙ୍କ ଡ୍ରାଇଭରଙ୍କ ବିରୋଧରେ ଏଫଆଇଆର୍ ରୁଜୁ ହୋଇଛି। ରୋଷେୟା ବିପେନ୍ଦ୍ର ଅଭିଯୋଗ କରିଥିଲେ ଯେ ଖାଦ୍ୟ ଠିକ ଭାବରେ ରାନ୍ଧି ନ ପାରିବାରୁ ଶଶାଙ୍କ ଓ ତାଙ୍କ ପିତା ଗାଳିଗୁଲଜ କରିଥିଲେ। ଏପରିକି ସେ ଘରକୁ ଫେରିଯିବାକୁ ବାହାରିବାରୁ ଗୋଟିଏ ରୁମରେ ବନ୍ଦୀ କରି ନିସ୍ତୁକ ବାଡ଼େଇଥିଲେ ବୋଲି ବିପେନ୍ଦ୍ର ପୋଲିସ ନିକଟରେ କହିଛନ୍ତି। ତେବେ କ୍ରିକେଟର ଶଶାଙ୍କ ଏହି ଖବରକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ଶଶାଙ୍କ କହିଛନ୍ତି ଯେ ରୋଷେୟାଜଣଙ୍କ ତାଙ୍କ ଘରର ବ୍ୟକ୍ତିଗତ ସ୍ଥାନରେ ପ୍ରବେଶ କରି ବିନା ଅନୁମତିରେ ଭିଡିଓ ରେକର୍ଡ କରୁଥିଲେ। ତେଣୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା।

● ଆଇସିସି ମହିଳା ଟି-୨୦ ବିଶ୍ୱକପ

# ପ୍ରଥମ ସେମିରେ ଅଷ୍ଟ୍ରେଲିଆ ବୋଲରଙ୍କ କମାଲ

ଲଣ୍ଡନ, ୩୦।୬ (ଏଜେନ୍ସି): ରେକର୍ଡ ଛ'ଥରର ବିଜେତା ଅଷ୍ଟ୍ରେଲିଆ ଓ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୨୦ ଓଭରରେ ୭ ୱିକେଟ ହରାଇ ୧୨୫ ରନର ଛୋଟିଆ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହେଲି ମାଥ୍ୟୁସ ସର୍ବାଧିକ ୩୦, ଡେଣ୍ଡ୍ରା ଡଟିନ ଅପରାଜିତ ୨୬, ଶେମିନେ କ୍ୟାମ୍ପବେଲ୍ ୨୨, କ୍ୱିଆନା ଜୋଶେଫ ୧୬ ରନ କରିଥିଲେ। ଅଷ୍ଟ୍ରେଲିଆ ବୋଲରମାନେ ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବେଶ୍ ମାପଚୁପ ବୋଲିଂ କରିଥିଲେ। ଅଧିନାୟିକା ସୋଫି ମୋନିଲେକ୍ସ (୨/୩୦), ଆସଲେ ଗାର୍ଡନର (୨/୧୩) ଓ ଜର୍ଜିଆ ୱେରହାମ (୨/୧୭) ମିଳିତ ଭାବେ ୬ଟି ୱିକେଟ ନେଇଥିଲେ। ଜବାବରେ ଏହି ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଅଷ୍ଟ୍ରେଲିଆ ଶେଷ ଖବର ସୁଦ୍ଧା ୯ ଓଭରରେ ୨ ୱିକେଟ ହରାଇ ୮୧ ରନ ସଂଗ୍ରହ କରିଛି। ଗୁରୁବାର ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଜୁଲାଇ ୫ (ରବିବାର) ବିଶ୍ୱକପ୍ ଫାଇନାଲ ଅନୁଷ୍ଠିତ ହେବ।


ତୁର୍କୀରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟୀ ସ୍ପୋର୍ଟ୍ସ ୟୁଥ୍ ଗେମ୍ସରେ ପଦକ ଜିତି ରାଜ୍ୟ ଓ ଦେଶ ଲାଗି ଗୌରବ ଆଣିଥିବା ଓଡ଼ିଶାର ଆକାଶ ରଞ୍ଜନ ମୁଣ୍ଡ ଓ ବିଭାସିନ୍ଧୁ ବାରିକଙ୍କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

## ଆଜିଠୁ ଓଡ଼ିଶାରେ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟ୍‌ବଲ୍

ଭୁବନେଶ୍ୱର, ୩୦।୬ (ସମିସ): ଓଡ଼ିଶାରେ ପ୍ରଥମଥର ଲାଗି ଜାତୀୟ ଦୃଷ୍ଟିହୀନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁଯାଉଛି। ବୁଧବାରଠାରୁ ଭୁବନେଶ୍ୱର ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ଉତ୍ତ-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବ୍ଲୁଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଆୟୋଜିତ ହେବ।

# ଭାରତ-ଇଂଲଣ୍ଡ ଟି-୨୦ ସିରିଜ ଆଜିଠୁ

ଚେଷ୍ଟର-ଲି-ଷ୍ଟ୍ରିଟ, ୩୦।୬ (ଏଜେନ୍ସି)

ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଗସ୍ତ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚଟିକିଆ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଚେଷ୍ଟର-ଲି-ଷ୍ଟ୍ରିଟରେ ରାତି ୧୦ଟାରେ ଖେଳାଯିବ। ଆୟର୍ଲାଣ୍ଡ ବିପକ୍ଷରେ ବିରାଟ ବିପର୍ଯ୍ୟୟର ସମ୍ମୁଖୀନ ହେବାପରେ ଟିମ୍ ଇଣ୍ଡିଆ ଏହି ସିରିଜ ଖେଳିବ। ତେଣୁ ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଆୟର୍ଲାଣ୍ଡ ବିପକ୍ଷରେ ଲଜ୍ଜାଜନକ ଭାବେ ଦୁଇଟିଯାକ ଟି-୨୦ ମ୍ୟାଚ ହାରିବା ପରେ ଭାରତୀୟ ଦଳର ଖେଳାଳିମାନେ ଚାପରେ ରହିଛନ୍ତି। ତେଣୁ ଇଂଲଣ୍ଡ ବିପକ୍ଷରେ ଉନ୍ନତ ପ୍ରଦର୍ଶନ କରି ଏହି କ୍ଷତିର ଭରଣା କରିବାକୁ ଭାରତ ଲକ୍ଷ୍ୟ ରଖିଛି।




**ପ୍ରଥମ ଟି-୨୦**
ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ

ଅପରପକ୍ଷରେ ଅଧିନାୟକ ଆୟରଙ୍କ ନେତୃତ୍ୱରେ ଉପରେ ମଧ୍ୟ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ପ୍ରାୟ ୩ ବର୍ଷ ଧରି ଭାରତୀୟ ଦଳର ଟି-୨୦ ସେଟଅପ୍‌ରୁ ବାହାରେ ରହିବା ପରେ ଆୟର ଅଧିନାୟକ ସହ ଦଳକୁ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ତାଙ୍କୁ ନୂଆ ନେତୃତ୍ୱ ଭାର ମିଳିଥିଲା। କିନ୍ତୁ ଆୟରଙ୍କ ନେତୃତ୍ୱରେ ଭାରତ ପ୍ରଥମ ସିରିଜରେ ୨-୦ରେ ଆୟର୍ଲାଣ୍ଡ ନିକଟରୁ କ୍ଲିନସୁଇପ ହୋଇଛି। ଏବେ ବିଶ୍ୱର ଦୁଇ ନମ୍ବର ଦଳ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଭାରତ ଲଢ଼େଇ କରିବାକୁ ଯାଉଛି। ଯାହାକି ଆୟର ବାହିନୀ ପାଇଁ ଆହୁରି କଷ୍ଟକର ପରୀକ୍ଷା ହେବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱରେ ଇଂଲଣ୍ଡ ବିଶ୍ୱ କ୍ରିକେଟରେ ସୀମିତ ଓଭରରେ ଏକ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହେଉଛି। ଅଧିନାୟକ ବ୍ରୁକଙ୍କ ସମେତ ଜାକବ ବେଥେଲ, ଜୋଶ ବଟଲର, ସାମ୍ କରନ, ୱିଲ୍ ଜ୍ୟାକ, ଫିଲ୍ ସଟ, ଜୋଫ୍ରା ଆର୍ଚରଙ୍କ ଭଳି ଖେଳାଳି ଯେକୌଣସି ଦଳ ପାଇଁ ବିପଦଜନକ ସାବ୍ୟସ୍ତ ହୋଇପାରନ୍ତି। ତେଣୁ ଇଂଲଣ୍ଡ ମାଟିରେ ଖେଳାଯିବାକୁ ଥିବା ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ସହଜ ହେବନାହିଁ। ସେହିଭଳି ଆୟର୍ଲାଣ୍ଡରେ ସୁଯୋଗ ପାଇ ନ ଥିବା ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜରେ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

**ଭାରତ ସପକ୍ଷରେ ରେକର୍ଡ**

ରେକର୍ଡ ଉପରେ ନଜର ପକାଇଲେ ଭାରତର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଆଜି ପର୍ଯ୍ୟନ୍ତ ୩୦ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଯେଉଁଥିରେ ଭାରତ ୧୮ ଓ ଇଂଲଣ୍ଡ ୧୨ ମ୍ୟାଚ ଜିତିଛି। ଦୁଇ ଦଳ ଶେଷଥର ଲାଗି ଚଳିତ ବର୍ଷ ପ୍ରାରମ୍ଭରେ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଭାରତ ୭ ରନରେ ବିଜୟୀ ହୋଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS